ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୭/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 17/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 85 | ମୂଲ୍ୟ ₹୭/-



AI IMPACT SUMMIT भारत 2026 INDIA
सर्वजन हिताय | सर्वजन सुखाय
WELFARE FOR ALL | HAPPINESS OF ALL
ଫେବୃଆରୀ ୧୬-୨୦, ୨୦୨୬ । ନୂଆଦିଲ୍ଲୀ, ଭାରତ

ଯେଉଁଠି ଏଆଇ ଅଭିନବତା ଏକତ୍ରିତ ହେଉଛି ବୈଶ୍ୱିକ ସୁଯୋଗ ସହିତ
ଏଆଇ ପିଚ୍‌ଫେଷ୍ଟରେ ବିଶ୍ୱବ୍ୟାପୀ ନିବେଶକ, ନୀତି ନିର୍ମାତା ଏବଂ ଶିଳ୍ପ ନେତୃବର୍ଗଙ୍କ ସହ ୫୦୦+ ଷ୍ଟାର୍ଟଅପ୍‌ର ସଂଯୋଗ
କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ ରେ



CBC 06124/13/0012/2526


# ରାସ୍ତାରେ ପାଠ ପଢ଼ିଲେ ଛାତ୍ରୀଛାତ୍ର

ଝରିଗାଁ/ନବରଙ୍ଗପୁର,୧୬।୨ (କିଶୋର ଚନ୍ଦ୍ର ମଣ୍ଡଳ/ସଦାଶିବ ପ୍ରହରାଜ)

ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ ଆଣି ଆଶାୟୀ ପ୍ରାର୍ଥୀଙ୍କ ସମ୍ପର୍କୀୟମାନେ ସ୍କୁଲରେ ପକାଇଲେ ତାଲା। ଫଳରେ ରାସ୍ତା କଡ଼ରେ ବସି ପାଠ ପଢ଼ିଲେ ଛାତ୍ରୀଛାତ୍ର। ସୋମବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପୁର୍ଲା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଏହିଭଳି ଖବର ସାମ୍ନାକୁ ଆସିଛି। ସୂଚନା ପ୍ରକାରେ ନବରଙ୍ଗପୁର ଜିଲା ପୁର୍ଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଡିସେମ୍ବର ୨୦୨୪ରେ ଶିଶୁ ବାଟିକା ପାଇଁ ଶିଶୁ ସେବିକା ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗ୍ରାମର ୬ଜଣ ଯୋଗ୍ୟ ମହିଳା ଆବେଦନ କରିଥିଲେ। ତେବେ ବିଦ୍ୟାଳୟ ପରିଚାଳନା କମିଟି ☞ପୃଷ୍ଠା-୪



ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପୁର୍ଲା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକରେ ସୋମବାର ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର ରାସ୍ତାରେ ବସି ପାଠ ପଢୁଛନ୍ତି।

# ଭବେଶ ପାତ୍ର ଓଡ଼ିଶା ଟପ୍ପର

## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

### ଦିଲ୍ଲୀ (ଏନ୍‌ସିଟି)ର ଶ୍ରେୟାସ ମିଶ୍ର ସର୍ବଭାରତୀୟ ଟପ୍ପର

ଭୁବନେଶ୍ୱର,୧୬।୨ (ସୁଚିସ୍ମିତା ସାହୁ)



ଭବେଶ ପାତ୍ର

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ୨୦୨୬ ପ୍ରଥମ ସେସନର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଜେଇଇ ପେପର-୧ (ବିଇ/ବିଟେକ) ପରୀକ୍ଷାରେ ୧୨ଜଣ ଛାତ୍ରୀଛାତ୍ର ଶତପ୍ରତିଶତ ମାର୍କ ରଖିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଆ ପୁଅ ଭବେଶ ପାତ୍ର ସର୍ବଭାରତୀୟସ୍ତରରେ ୬ ନମ୍ବର ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ଦିଲ୍ଲୀ (ଏନ୍‌ସିଟି)ର ଶ୍ରେୟାସ ମିଶ୍ର ପ୍ରଥମ ସ୍ଥାନରେ ରହିଥିବା ବେଳେ ଆନ୍ଧ୍ରପ୍ରଦେଶର ନରେନ୍ଦ୍ରବାବୁ ଗାରୀ ମାହିଥ ଦ୍ୱିତୀୟ, ବିହାରର ଶୁଭମ କୁମାର ତୃତୀୟ, ରାଜସ୍ଥାନର କବୀର ଚିଲ୍ଲାର ଚତୁର୍ଥ, ରାଜସ୍ଥାନର ଚିରଞ୍ଜୀବ କର ପଞ୍ଚମ, ହରିୟାଣାର ଅନୟ ଜୈନ ସପ୍ତମ, ରାଜସ୍ଥାନର ଅର୍ଣ୍ଣବ ଗୌତମ ଅଷ୍ଟମ, ଆନ୍ଧ୍ରପ୍ରଦେଶର ପସାଲ ମୋହିଥ ନବମ, ମହାରାଷ୍ଟ୍ରର ମାଧବ ଭିରାଦିଆ ଦଶମ, ଗୁଜରାଟର ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ଗାଛ ସଂଗ୍ରହାଳୟ

# ସିବିଏସ୍‌ଇ ଦଶମ: ପ୍ରଥମ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ

**ଆଜିଠୁ ଆରମ୍ଭ ହେଉଛି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)୧୦ମ ଶ୍ରେଣୀ ପରୀକ୍ଷା। ନୂଆ ନୀତି ଅନୁସାରେ ଚଳିତ ବର୍ଷଠାରୁ ଦୁଇଟି ବୋର୍ଡ ପରୀକ୍ଷା ହେବ। ଯେଉଁ ପରୀକ୍ଷାର୍ଥୀ ପ୍ରଥମ ବୋର୍ଡ ପରୀକ୍ଷା ଦେଇଥିବେ ସେମାନଙ୍କୁ କେବଳ ଦ୍ୱିତୀୟ ବୋର୍ଡ ପରୀକ୍ଷା ଲାଗି ଅନୁମତି ମିଳିବ। ଅର୍ଥାତ୍ ଅଧିକ ନମ୍ବର ପାଇଁ ପ୍ରଥମ ବୋର୍ଡ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଲାଙ୍ଗୁଏଜ (ଭାଷା)ପେପର ଭିତରୁ ଯେକୌଣସିରୁ ୩ଟି ବିଷୟରେ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେଇପାରିବେ। ପ୍ରଥମ ବୋର୍ଡ ପରୀକ୍ଷା ଦେଇ ନ ଥିବା ପରୀକ୍ଷାର୍ଥୀଙ୍କୁ 'ଏସେନସିଆଲ ରିପିଟ୍' ବର୍ଗରେ ରହିବାକୁ ପଡ଼ିବ। ଏମାନଙ୍କୁ ଚଳିତ ବର୍ଷ ଦ୍ୱିତୀୟ ବୋର୍ଡ ପରୀକ୍ଷା ବଦଳରେ ଆସନ୍ତା ବର୍ଷ ପ୍ରଥମ ବୋର୍ଡ ପରୀକ୍ଷା ଲାଗି ଅନୁମତି ମିଳିବ ବୋଲି ସିବିଏସ୍‌ଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି।**

## ଚଳିତ ବର୍ଷରୁ ୨ଟି ବୋର୍ଡ ପରୀକ୍ଷା

ଭୁବନେଶ୍ୱର,୧୬।୨(ସୁଚିସ୍ମିତା ସାହୁ)

ଚଳିତ ଶିକ୍ଷାବର୍ଷଠାରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ପକ୍ଷରୁ ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦୁଇଥର କରାଯିବ। ଏଥିସହ ପ୍ରଥମ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ ରହିବ ଓ ଏହାକୁ ମୁଖ୍ୟ ପରୀକ୍ଷା ଭାବେ ବିବେଚନା କରାଯିବ। ଏ ସଂକ୍ରାନ୍ତରେ ସିବିଏସ୍‌ଇ ପକ୍ଷରୁ ନୋଟିଫିକେଶନ ସହ ସ୍ପଷ୍ଟୀକରଣ ଦିଆଯାଇଛି। ମଙ୍ଗଳବାର ୧୭ ତାରିଖରୁ ଆରମ୍ଭ ହେଉଥିବା ପ୍ରଥମ ଦଶମ ବୋର୍ଡ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଥମ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେମାନେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଲାଙ୍ଗୁଏଜ (ଭାଷା) ପେପର ଭିତରୁ ଯେକୌଣସି ୩ଟି ବିଷୟରେ ଅଧିକ ନମ୍ବର ପାଇଁ ପରୀକ୍ଷା ଦେଇପାରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ବୋର୍ଡରେ ୩ଟି କିମ୍ବା ତା'ଠାରୁ ଅଧିକ ବିଷୟରେ ପରୀକ୍ଷା ଦେଇ ନ ଥିବେ, ସେମାନଙ୍କୁ ଦ୍ୱିତୀୟ ବୋର୍ଡ ପରୀକ୍ଷା ପାଇଁ ଅନୁମତି ଦିଆଯିବ ନାହିଁ। ପ୍ରଥମ ବୋର୍ଡ ☞ପୃଷ୍ଠା-୪

### ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ଉଭୟ ଶ୍ରେଣୀରେ ପ୍ରାୟ ୪୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଦଶମ ଶ୍ରେଣୀରେ ୨୫ ଲକ୍ଷ ୮ ହଜାରରୁ ଅଧିକ ପରୀକ୍ଷାର୍ଥୀ ରହିଥିବାବେଳେ ଦ୍ୱାଦଶରେ ୧୮ଲକ୍ଷ ୫୯ ହଜାରରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। ପୂର୍ବାହ୍ନ ସାଢ଼େ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୧ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭର ୧୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଦିଆଯିବ। ଛାତ୍ରୀଛାତ୍ରମାନେ ୩୦ ମିନିଟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ସିବିଏସ୍‌ଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଗଣତିମଣତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)



ମୋହନ ଚରଣ ମାଝୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଗଣତିମଣତି ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ରତ୍ନଭଣ୍ଡାର ଗଣତିମଣତି ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଛନ୍ତି। ସୂଚନାଯୋଗ୍ୟ, ଗଣତିମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହୋଇସାରିଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତିମଧ୍ୟରେ ସରିଛି। ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ଗଣତିମଣତି ପାଇଁ ଶ୍ରୀମନ୍ଦିର ☞ପୃଷ୍ଠା-୪


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# କାହାରିକୁ ଭରସା କରନାହିଁ

## ବିବାହ ପୂର୍ବ ଶାରୀରିକ ସମ୍ପର୍କ ନେଇ ସୁପ୍ରିମକୋର୍ଟଙ୍କ ସତର୍କତା

ନୂଆଦିଲ୍ଲୀ,୧୬।୨

ବିବାହ ପୂର୍ବରୁ ନାରୀ ଓ ପୁରୁଷଙ୍କ ଶାରୀରିକ ସମ୍ପର୍କକୁ ନେଇ ସୁପ୍ରିମକୋର୍ଟ ସୋମବାର ବଡ଼ ଟିପ୍ପଣୀ ଦେଇଛନ୍ତି। ପୁରୁଷ ହୁଅନ୍ତୁ କି ନାରୀ, ବିବାହ ବନ୍ଧନରେ ଆବଦ୍ଧ ହେବା ପୂର୍ବରୁ ସବୁକିଛିକୁ ଅନ୍ଧ ଭାବେ ବିଶ୍ୱାସ ନ କରିବା ଉଚିତ। ବିବାହ ପୂର୍ବରୁ ପୁରୁଷ ଓ ନାରୀ ପରସ୍ପରକୁ ଜାଣି ନ ଥିଲାବେଳେ ସେମାନେ କିଭଳି ଶାରୀରିକ ସମ୍ପର୍କ ରଖିପାରିବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ବିବାହ ପ୍ରତିଶ୍ରୁତି ପାଇ ଜଣେ ମହିଳା ସମ୍ପୃକ୍ତ ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ରଖି ପରେ ଠକାମିରେ ପଡ଼ିବା ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରିବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ କରିଛନ୍ତି। ଜଷ୍ଟିସ୍ ବି.ଭି. ନଗେରତ୍ନା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏକ ବଳାତ୍କାର ମାମଲାର ଶୁଣାଣି କରି କହିଛନ୍ତି, ଆମେ ପୁରୁଣା କାଳର ମାନସିକତାରେ ଚାଲିଥାଇପାରୁ। କିନ୍ତୁ ବିବାହ ପୂର୍ବରୁ ଜଣେ ନାରୀ ଏବଂ ପୁରୁଷ କିଭଳି ଶାରୀରିକ ସମ୍ପର୍କ ରଖିପାରିବେ, ତାହା ବିଶ୍ୱାସ କରିପାରୁ ନାହୁଁ। ନାରୀ ହୁଅନ୍ତୁ କିମ୍ବା ପୁରୁଷ, ବିବାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଯେତେ ନିବିଡ଼ତା ବଢୁ ନା କାହିଁକି, କେହି ବି କାହାରିକୁ ଅନ୍ଧ ଭାବେ ବିଶ୍ୱାସ ନ କରିବା ଉଚିତ ବୋଲି ସମ୍ପୃକ୍ତ ଖଣ୍ଡପୀଠ ସତର୍କ କରାଇ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କ ମଧ୍ୟରେ ୨୦୨୨ରେ ଏକ ମାଟ୍ରିମୋନିଆଲ ୱେବସାଇଟ୍‌ରେ ପରିଚୟ ହୋଇଥିଲା। ଏହାପରେ ସେମାନେ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ପରେ ସେମାନଙ୍କ ମଧ୍ୟରେ ନିବିଡ଼ତା ବଢ଼ିବା ସହିତ ସେମାନେ ଦିଲ୍ଲୀ ଏବଂ ଦୁବାଇ ବୁଲିବା ବାହାନାରେ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ଏହି ସମୟରେ ପୁରୁଷ ଜଣକ ମହିଳାଙ୍କ ଅଗୋଚରରେ ସବୁ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ପରବର୍ତ୍ତୀ ☞ପୃଷ୍ଠା-୪






ଜନସଂସଦରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅସ୍ଥାୟୀ କର୍ମଚାରୀମାନଙ୍କ ପ୍ରତିନିଧିଙ୍କ ସହ ବୈଠକ କରୁଛନ୍ତି।

# ଭାରତରେ ଶୋ' କରିବେ ଗ୍ଲୋବାଲ ମ୍ୟୁଜିକ୍ ଆଇକନ୍ କାନିଏ ୱେଷ୍ଟ

ନୂଆଦିଲ୍ଲୀ, ୧୬।୨

ଗ୍ଲୋବାଲ ମ୍ୟୁଜିକ୍ ଆଇକନ୍ କାନିଏ ୱେଷ୍ଟ ଆସନ୍ତା ମାର୍ଚ୍ଚରେ ଭାରତରେ ଶୋ' କରିବେ। ଏଥିନେଇ ସବୁକିଛି ଚୂଡ଼ାନ୍ତ ହେବା ସହିତ ଭାରତରେ ତାଙ୍କ କାର୍ଯ୍ୟକ୍ରମକୁ ସୋମବାର ଘୋଷଣା କରାଯାଇଛି। ୨୪ଥର ପ୍ରସିଦ୍ଧ ଗ୍ରାମି ଆୱାର୍ଡରେ ସମ୍ମାନିତ ଏବଂ ବର୍ତ୍ତମାନ ରାପର୍ ଯେ ଭାବେ ବିଶ୍ୱବ୍ୟାପୀ ପରିଚିତ କାନିଏ ମାର୍ଚ୍ଚ ୨୯ରେ ଦିଲ୍ଲୀର ଜବାହାରଲାଲ ନେହରୁ ଷ୍ଟାଡିୟମରେ ତାଙ୍କ ଶୋ' କରିବେ। ଏହି ଘୋଷଣା ପରେ ଭାରତରେ ତାଙ୍କର ଅନେକ ଲକ୍ଷ ପ୍ରଶଂସକ ଏବଂ ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ହ୍ୱାଇଟ୍ ଫକ୍ସ, ପ୍ଲସ୍ ଏଣ୍ଟରଟେନ୍‌ମେଣ୍ଟ ଏବଂ ୱିଜ୍‌କ୍ରାଫ୍ଟ ଭଳି ପ୍ରମୁଖ ୩ ଆୟୋଜକ ସଂସ୍ଥା ଦିଲ୍ଲୀରେ କାନିଏଙ୍କ ଶୋ' ଆୟୋଜନ କରିଛନ୍ତି। ଏହି ଶୋ' ପାଇଁ ଚଳିତ ମାସ ୧୮ ତାରିଖରୁ ଜମାଟୋରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ତେବେ ଟିକେଟ୍ ମୂଲ୍ୟ କେତେ ରହିବ ତାହା ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଏଭଳି କୌଣସି ପ୍ରସିଦ୍ଧ ଗ୍ରାମି ଆୱାର୍ଡ ସମ୍ମାନିତ ସଙ୍ଗୀତକାର ଏବଂ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭାରତରେ ପ୍ରଥମଥର ପାଇଁ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ସବୁ ମହଲରେ ଉତ୍ସାହ ବୃଦ୍ଧିପାଇଛି। କାରଣ ଏହି କାର୍ଯ୍ୟକ୍ରମରେ



ଦର୍ଶକମାନେ ଅତ୍ୟାଧୁନିକ ବ୍ୟବସ୍ଥାରେ ସଙ୍ଗୀତ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇବେ। ୨୪ ଥର ଗ୍ରାମି ସମ୍ମାନରେ ସମ୍ମାନିତ ହୋଇଥିବା କାନିଏ, ବିଶ୍ୱର ବିଭିନ୍ନ ଭାଗରେ ସଙ୍ଗୀତ ପରିବେଷଣ କରି ସଙ୍ଗୀତ ଜଗତରେ ସବୁଠାରୁ ଅଧିକ ଲୋକପ୍ରିୟ ହୋଇପାରିଛନ୍ତି। 'ହିପ୍-ହପ୍' ଇତିହାସରେ ମଧ୍ୟ ସେ ସବୁଠାରୁ ଲୋକପ୍ରିୟ ସଙ୍ଗୀତକାର। କାନିଏଙ୍କ ଦ୍ୱାରା ପ୍ରସ୍ତୁତ ଷ୍ଟ୍ରଙ୍ଗର୍, ଗୋଲ୍ଡ ଡିଗର୍, ଗୁଡ୍ ଲାଇଫ୍ ଏବଂ ଅଲଟ୍ରାଲାଇଫ୍ ବିମ୍ ଭଳି ବହୁ ସଙ୍ଗୀତ ଟ୍ରାକ୍ ଏବେ ବି ତାଙ୍କର ଅନେକ କୋଟି ପ୍ରଶଂସକଙ୍କ ମଧ୍ୟରେ ଅନନ୍ୟ ସ୍ଥାନ ପାଇଛି।

# ଚାଇନାରେ ଆତସବାଜି ବେଳେ ବିସ୍ଫୋରଣ, ୮ ମୃତ

ବେଜିଂ, ୧୬।୨

ପୂର୍ବ ଚାଇନାରେ ଆତସବାଜି ପ୍ରଦର୍ଶନ ବେଳେ ବିସ୍ଫୋରଣ ଘଟିବାରୁ ୮ ଜଣଙ୍କ ମୃତ୍ୟୁ ହେବା ସହିତ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଫେବୃଆରୀ ୧୭ ତାରିଖରେ 'ଲୁନାର ନ୍ୟୁ ଇୟର' ପାଳନ ପୂର୍ବରୁ ଆତସବାଜି କାର୍ଯ୍ୟକ୍ରମ କରାଯାଇଥିଲା। କିନ୍ତୁ ଏହି ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଘଟି ନିଆଁ ଦୁଇଟି ଗାଁକୁ ବ୍ୟାପି ଯାଇଥିଲା। ଏହି ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ହେଁ ଅନେକ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି।


# 'କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନରେ ଭାରତ ଆଗରେ'

ନୂଆଦିଲ୍ଲୀ, ୧୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଷ୍ଟଲ୍ ବୁଲିବା ସହ ପ୍ରଦର୍ଶନୀରେ ଭାଗ ନେଇଥିବା କମ୍ପାନୀଗୁଡ଼ିକ ସହିତ କଥା ହୋଇଛନ୍ତି। ବିଭିନ୍ନ ଦେଶ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ସେମାନଙ୍କ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲାବେଳେ ଫେବୃଆରୀ ୧୬ରୁ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ନୀତି ପ୍ରଣୟନକାରୀ, ଶିଳ୍ପ ନେତୃବୃନ୍ଦ ଏବଂ ପ୍ରଯୁକ୍ତି ନବପ୍ରବର୍ତ୍ତନକାରୀମାନଙ୍କୁ ଏକାଠି କରିଛି।

ଏକ୍ସପୋରେ ଉଚ୍ଚ ସମ୍ଭାବନା ଥିବା ୬୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଏବଂ ୧୩ଟି ଦେଶର ମଞ୍ଚ ଏଆଇ ଇକୋସିଷ୍ଟମ୍‌ରେ ଅନ୍ତର୍ଜାତୀୟ ସହଯୋଗ ପ୍ରଦର୍ଶନ କରିଛନ୍ତି। ଉକ୍ତ ପ୍ରଦର୍ଶନୀ ବୈଶ୍ୱିକ ପ୍ରଯୁକ୍ତି ଶିଳ୍ପ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଏବଂ ଗବେଷଣା

## ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ଉଦ୍‌ଘାଟନ କରିବା ଅବସରରେ।

ପ୍ରତିଷ୍ଠାନ, କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଏକାଠି କରିଛି। ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ବହୁ ବିଶ୍ୱ ନେତା ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ରହିଛନ୍ତି। ୪୫ରୁ ଊର୍ଦ୍ଧ୍ୱ ଦେଶରୁ ମନ୍ତ୍ରୀସ୍ତରୀୟ ପ୍ରତିନିଧି ସମିଟ୍‌ରେ ଯୋଗଦେବେ। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସମେତ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଭାଗନେବେ। ପ୍ରଧାନମନ୍ତ୍ରୀ ସମିଟ୍‌କୁ ଉଦ୍‌ବୋଧନ ଦେବେ ଏବଂ ସିଇଓମାନଙ୍କ ସହ ଆଲୋଚନା କରିବେ।

ପ୍ରଦର୍ଶନୀ ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି। ଏଆଇ କ୍ଷେତ୍ରରେ ଭାରତର ଅଗ୍ରଗତି ଏହାର ଉଚ୍ଚାକାଂକ୍ଷା ଓ ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି। ଏଆଇ ଉପରେ ଆଲୋଚନା ପାଇଁ ସାରା ବିଶ୍ୱ ଏକାଠି ହୋଇଛନ୍ତି। ବିଶ୍ୱନେତା, ଶିଳ୍ପପତି, ନବପ୍ରବର୍ତ୍ତକ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ପ୍ରଯୁକ୍ତି ପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କୁ ସମିଟ୍‌କୁ ସ୍ୱାଗତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସମିଟ୍‌ର ବିଷୟବସ୍ତୁ ରହିଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଅର୍ଥାତ୍ ସମସ୍ତଙ୍କ ମଙ୍ଗଳ ଏବଂ ସୁଖ, ଯାହା ମାନବ କୈନ୍ଦ୍ରିକ ବିକଶ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରିବା ଲାଗି ଏକ ମିଳିତ ପ୍ରତିଶ୍ରୁତିବଦ୍ଧତା ବୋଲି ସେ କହିଛନ୍ତି।

ବିଶ୍ୱର ଏହି ସର୍ବବୃହତ୍ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ସୋମବାର ହଲ୍‌ଗୁଡ଼ିକ ଭର୍ତ୍ତି ହେବା ସହ ଲମ୍ବା ଲାଇନ ଦେଖିବାକୁ ମିଳିଛି। ସହରରେ ଲଗାଯାଇଥିବା ବିଶାଳ ବିଲ୍‌ବୋର୍ଡଗୁଡ଼ିକ ଏଆଇ ଇମ୍ପାକ୍ଟ ସମିଟ୍‌କୁ ଅତିଥି, ପ୍ରତିନିଧି ଓ ବକ୍ତାମାନଙ୍କୁ ସ୍ୱାଗତ କରୁଛି। ଆଲଫାବେଟ୍‌ର ସୁନ୍ଦର ପିଚାଇଙ୍କଠାରୁ ଆରମ୍ଭ କରି ଓପନ୍ ଏଆଇର ସାମ୍ ଅଲ୍ଟମାନ୍ ଏବଂ ଆନ୍ଥ୍ରୋପିକ୍‌ର ଡାରିଓ ଆମୋଡେଇଙ୍କ ପର୍ଯ୍ୟନ୍ତ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ଥିବାରୁ ଲୋକମାନଙ୍କ ମଧ୍ୟରେ ଆଗ୍ରହ ଲାଗିରହିଛି। ସମିଟ୍‌ର ଶେଷ ଦୁଇଦିନ ୧୯ ଓ ୨୦ରେ ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରମୁଖ୍ୟ ଓ ସରକାରଙ୍କ ମୁଖ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ଇସ୍ତଫା ଫେରାଇନେଲେ କଂଗ୍ରେସ ନେତା ଭୁପେନ୍ ବୋରା

ନୂଆଦିଲ୍ଲୀ, ୧୬।୨

ଆସାମର କଂଗ୍ରେସ ଏମ୍‌ପି ତଥା ରାଜ୍ୟ କଂଗ୍ରେସର ପୂର୍ବତନ ସଭାପତି ଭୁପେନ୍ ବୋରା ସୋମବାର ଦଳରୁ ଇସ୍ତଫା ଦେବାର କିଛି ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ରାହୁଲ ଗାନ୍ଧୀଙ୍କ ସମେତ ଦଳର କେନ୍ଦ୍ରୀୟ ନେତୃତ୍ୱ ସହ ଦୀର୍ଘ ସମୟ ଆଲୋଚନା ପରେ ଭୁପେନ୍ ତାଙ୍କ ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଏନେଇ ଆସାମ କଂଗ୍ରେସ ପ୍ରଭାରୀ ଭନୱର ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଆଲୋଚନା ଜରିଆରେ ଆଭ୍ୟନ୍ତରୀଣ ମତଭେଦ ଦୂର ହୋଇଥିବା ସେ କହିଛନ୍ତି। ଦଳୀୟ ନେତୃତ୍ୱ ଭୁପେନ୍‌ଙ୍କ ଇସ୍ତଫାକୁ ଗ୍ରହଣ କରି ନ ଥିଲା। ଭୁପେନ୍ ତାଙ୍କ ଇସ୍ତଫା ଫେରାଇ ନେଇଥିବାରୁ ଧନ୍ୟବାଦ ଜଣାଉଛି ବୋଲି ସିଂ କହିଛନ୍ତି। କଂଗ୍ରେସ ପରିବାରରେ ଭୁପେନ୍ ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ବେଳେବେଳେ ମତଭେଦ ଦେଖାଦେଇଥାଏ। ଆଲୋଚନା ଜରିଆରେ ତାହାର ସମାଧାନ ହୋଇଛି ବୋଲି ସିଂ ଗଣମାଧ୍ୟମକୁ କହିଛନ୍ତି।

# ବାଂଲାଦେଶରେ ମନ୍ତ୍ରୀ ହୋଇପାରନ୍ତି ହିନ୍ଦୁ ଏମ୍‌ପି

ଢାକା, ୧୬।୨

ବାଂଲାଦେଶ ନିର୍ବାଚନରେ ବିଏନ୍‌ପି ବିପୁଳ ବିଜୟ ହାସଲ କରି ସରକାର କରିବାକୁ ଯାଉଛି। ଦଳୀୟ ଅଧ୍ୟକ୍ଷ ତାରିକ୍ ରହମାନଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳ ମଙ୍ଗଳବାର ଶପଥ ନେବ। ଏଥିପାଇଁ ସରକାରୀ ସ୍ତରରେ ବିଜ୍ଞପ୍ତି ଜାରି କରାଯାଇଛି। ତେବେ ରହମାନଙ୍କ ମନ୍ତ୍ରିମଣ୍ଡଳରେ ହିନ୍ଦୁ ଏମ୍‌ପି ଗୋୟେଶ୍ୱର ଚନ୍ଦ୍ର ରୟ ସ୍ଥାନ ପାଇବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ନିର୍ବାଚନରେ ବିଏନ୍‌ପିର ୩ ହିନ୍ଦୁ ପ୍ରାର୍ଥୀ ବିଜୟୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୟେଶ୍ୱର ଢାକା-୩ ଆସନରୁ ଏମ୍‌ପି ହୋଇଛନ୍ତି। ସେ ଖାଲିଦା ଜିଆଙ୍କ ସରକାର ସମୟରେ ମନ୍ତ୍ରୀ ରହିଥିଲା ବେଳେ ଏବେ ବିଏନ୍‌ପିରେ ତାଙ୍କର ପ୍ରଭାବ ରହିଛି।

# ରାଜପାଲ ଯାଦବଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ, ୧୬।୨

ଚେକ୍ ବାଉନ୍ସ ମାମଲାରେ ତିହାର ଜେଲରେ ଥିବା ବଲିଉଡ ହାସ୍ୟାଭିନେତା ରାଜପାଲ ଯାଦବ ୧.୫ କୋଟି ଟଙ୍କା ଜମା କରିବା ପରେ ଦିଲ୍ଲୀ ହାଇକୋର୍ଟ ସୋମବାର ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ପାରିବାରିକ ବିବାହ ଥିବା ଦର୍ଶାଇ ସେ ଜାମିନ ପାଇଁ ଆବେଦନ କରିଥିଲେ। ସୋମବାର ଅପରାହ୍ନ ୩ଟା ସୁଦ୍ଧା ୧.୫ କୋଟି ଟଙ୍କା ଜମା କରିବାକୁ କୋର୍ଟ ରାଜପାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ପ୍ରତିବାଦୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବା ପରେ



ଜାମିନ ପାଇଛନ୍ତି। ଏଥିସହିତ ତାଙ୍କୁ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡ୍ ଏବଂ ସମପରିମାଣର ସିଓରିଟି ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତରୀଣ ଜାମିନ ଫଳରେ ଅଭିନେତା ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ଜେଲ ବାହାରେ ରହିବେ।

# ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିଲେ ତାମିଲନାଡୁ ଭାଜପା ସଭାପତି

ନୂଆଦିଲ୍ଲୀ, ୧୬।୨

ତାମିଲନାଡୁ ଭାଜପା ସଭାପତି ନୈନାର ନାଗେନ୍ଦ୍ରନ ନିଜର ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ଅଭିନୟ ଜଗତରୁ ବର୍ତ୍ତମାନ ରାଜନୀତିରେ ପାଦ ଥାପିଥିବା ଲୋକପ୍ରିୟ ଅଭିନେତା ବିଜୟ ଥାଲପତିଙ୍କୁ ନେଇ ସେ ଅଭିନେତ୍ରୀ ତ୍ରିଷ୍ଣା କ୍ରିଷ୍ଣନ୍‌ଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେବା ପରେ ଏହା ବିଭିନ୍ନ ମହଲରେ ବିବାଦ ସୃଷ୍ଟି କରିଥିଲା। ଏହାପରେ ନାଗେନ୍ଦ୍ରନ ନିଜର ଭୁଲ୍ ସ୍ୱୀକାର କରି ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି।

# ନ୍ୟୁଜ୍ କ୍ଲିକ୍ ପୋର୍ଟାଲ ଉପରେ ୧୨୦ କୋଟି ଜରିମାନା

## ପୁରକାୟସ୍ଥଙ୍କୁ ୬୪ କୋଟିର ଅର୍ଥଦଣ୍ଡ

ନୂଆଦିଲ୍ଲୀ, ୧୬।୨

ବହୁ ଚର୍ଚ୍ଚିତ ନ୍ୟୁଜ୍ କ୍ଲିକ୍ ପୋର୍ଟାଲ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୨୦ କୋଟି ଟଙ୍କା ଜରିମାନା କରିଛି। ଏଥିସହିତ ଏହି ପୋର୍ଟାଲର ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କ ଉପରେ ମଧ୍ୟ ଇଡି ୬୪ କୋଟି ଟଙ୍କାର ଜରିମାନା ଲଗାଇଛି। ବିଦେଶୀ ପୁଞ୍ଜି କାରବାରରେ ଅନିୟମିତତା କରାଯାଇଥିବା ଦର୍ଶାଇ 'ଫେମା (ଫରେନ୍



ପ୍ରବୀର ପୁରକାୟସ୍ଥ

ଏକ୍ସଚେଞ୍ଜ ମ୍ୟାନେଜ୍‌ମେଣ୍ଟ ଆକ୍ଟ)' ଅଧୀନରେ ଏହି ଜରିମାନା କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି। ପ୍ରବୀର ତାଙ୍କ ପୋର୍ଟାଲ ମାଧ୍ୟମରେ ବିଦେଶରୁ ବିଭିନ୍ନ ସୂତ୍ରରେ ବେଆଇନ ଭାବେ ଅର୍ଥ ସଂଗ୍ରହ କରି ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ରହିଥିବା ଜଣାପଡ଼ିବା ପରେ ୨୦୨୩ରେ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା। ଏବେ ସେ ଜାମିନରେ ଆସିଥିଲେ ହେଁ ଦିଲ୍ଲୀ ପୋଲିସଠାରୁ ଆରମ୍ଭ କରି ଇଡି, ସିବିଆଇ, ଆୟକର ବିଭାଗ ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ସମେତ ବେଆଇନ ଅର୍ଥ କାରବାର ଉପରେ ଯାଞ୍ଚ କରୁଛନ୍ତି। ଇତିମଧ୍ୟରେ ଇଡି ପକ୍ଷରୁ ପ୍ରବୀରଙ୍କ ସମେତ ତାଙ୍କ ପୋର୍ଟାଲ ନ୍ୟୁଜ୍ କ୍ଲିକ୍ ଉପରେ ଉପରୋକ୍ତ ପରିମାଣର ଜରିମାନା କରାଯାଇଛି।

# ହିମସ୍ଖଳନରୁ ସୁଇସ୍ ଟ୍ରେନ୍ ଲାଇନଚ୍ୟୁତ

## ବହୁ ମୃତାହତ ଆଶଙ୍କା

ବର୍ନ, ୧୬।୨

ଦକ୍ଷିଣ ସୁଇଜରଲାଣ୍ଡର ଗୋପେନ୍‌ଷ୍ଟେଇନ୍ ନିକଟରେ ସୋମବାର ହିମସ୍ଖଳନ ଯୋଗୁ ୮୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ସ୍ଥାନୀୟ ସମୟ ସକାଳ ୭ଟାରେ ଏହି ଏହି ଦୁର୍ଘଟଣା ଘଟିଥିବାବେଳେ ଅନେକ ମୃତାହତ ହୋଇଥିବା ଆଶଙ୍କା କରାଯାଉଛି। କ୍ଷତିଗ୍ରସ୍ତ ବଗିରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଓ ହେଲିକପ୍ଟର ଯୋଗେ ହସ୍ପିଟାଲ ପଠାଯାଇଛି। ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଗୋପେନଷ୍ଟେଇନ୍ ଏବଂ ବ୍ରିଗ୍ ମଧ୍ୟରେ ଟ୍ରେନ୍ ଚଳାଚଳ ସ୍ଥଗିତ ରହିଛି।

# ଜାନୁଆରୀରେ ବେରୋଜଗାରି ୫%କୁ ବଢ଼ିଛି

ନୂଆଦିଲ୍ଲୀ, ୧୬।୨(ପି.ଟି.)

## ସର୍ଭେ ରିପୋର୍ଟ

ଦେଶରେ ୧୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରେ ବେରୋଜଗାରି ହାର ଗତବର୍ଷ ଡିସେମ୍ବରରେ ୪.୮ ପ୍ରତିଶତ ଥିବାବେଳେ ଜାନୁଆରୀରେ ତାହା ୫ ପ୍ରତିଶତକୁ ବୃଦ୍ଧି ପାଇଥିବା ସୋମବାର ପ୍ରକାଶିତ ଏକ ସରକାରୀ ସର୍ଭେରୁ ଜଣାପଡ଼ିଛି। ଗତ ମାସରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବେରୋଜଗାରିରେ ସାମାନ୍ୟ ବୃଦ୍ଧି ଘଟିଥିବା ପିରିଅଡିକ୍ ଲେବର ଫୋର୍ସ୍ ସର୍ଭେ(ପିଏଲ୍‌ଏଫ୍‌ଏସ୍)ରେ କୁହାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଶ୍ରମଶକ୍ତି ଅଂଶଗ୍ରହଣ ହାର(ଏଲ୍‌ଏଫ୍‌ପିଆର୍) ଏବଂ ଶ୍ରମିକ ଜନସଂଖ୍ୟା ଅନୁପାତ (ଡବ୍ଲ୍ୟୁପିଆର୍) ମଧ୍ୟ ତଥ୍ୟରୁ ଜଣାପଡ଼ିଛି। ଏଲ୍‌ଏଫ୍‌ପିଆର୍ ଏବଂ ଡବ୍ଲ୍ୟୁପିଆର୍ ହ୍ରାସ ପାଉଥିବାବେଳେ ଜାନୁଆରୀରେ ବେରୋଜଗାରି ହାର ବୃଦ୍ଧି ପାଇଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ କହିଛି। ଋତୁକାଳୀନ କାରଣ, ଅମଳ ପରେ ଲୋକଙ୍କ ହାତରେ କାମଧନ୍ଦା ନ ରହିବା ଏବଂ ନିରୁତ୍ସାହିତାର ପ୍ରଭାବ ଯୋଗୁ ନିଯୁକ୍ତି ହାର କମିଥିବା ସର୍ଭେରେ ଉଲ୍ଲେଖ କରାଯାଇଛି। ଶୀତଦିନରେ ଗ୍ରାମାଞ୍ଚଳରେ ନିର୍ମାଣ, କୃଷି ଆନୁଷଙ୍ଗିକ କାର୍ଯ୍ୟ, ପରିବହନ, କ୍ଷୁଦ୍ର ବ୍ୟବସାୟୀ ଇତ୍ୟାଦି ମାନ୍ଦା ପଡୁଥିବାବେଳେ ସହରାଞ୍ଚଳରେ ସ୍ଥିର ରହିଥାଏ।

ଗ୍ରାମାଞ୍ଚଳରେ ବେରୋଜଗାରି ହାର ଡିସେମ୍ବରରେ ୩.୯ ପ୍ରତିଶତ ଥିବାବେଳେ ଜାନୁଆରୀରେ ଏହା ୪.୨ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ୬.୭ ପ୍ରତିଶତରୁ ୭.୦ ପ୍ରତିଶତକୁ ବଢ଼ିଛି। ତେବେ ୧୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ପୁରୁଷଙ୍କ ମଧ୍ୟରେ ବେରୋଜଗାରି ହାର ଜାନୁଆରୀରେ ସ୍ଥିର ରହିଥିବାବେଳେ ସେହି ବୟସର ମହିଳାମାନଙ୍କ କ୍ଷେତ୍ରରେ ବେରୋଜଗାରି ହାର ଅଧିକ ରହିଛି। ମୋଟାମୋଟି ଭାବେ କମ୍ ଶ୍ରମଶକ୍ତି ଅଂଶଗ୍ରହଣ ହାର(ଏଲ୍‌ଏଫ୍‌ପିଆର୍) ଗତବର୍ଷ ଡିସେମ୍ବରରେ ୫୬.୧ ପ୍ରତିଶତ ଥିବାବେଳେ ଜାନୁଆରୀରେ ତାହା ୫୫.୯ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଏହି ହାର ୫୯.୦%ରୁ ୫୮.୭%କୁ କମିଥିବାବେଳେ ସହରାଞ୍ଚଳରେ ୫୦.୨%ରୁ ୫୦.୩%କୁ ବୃଦ୍ଧି ପାଇଛି। ଜାନୁଆରୀରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ୩୫.୧% ରହିଛି। ଗ୍ରାମାଞ୍ଚଳରେ ମହିଳା ଏଲ୍‌ଏଫ୍‌ପିଆର୍ ୩୯.୭% ଥିବାବେଳେ ସହରାଞ୍ଚଳରେ ୨୫.୫% ଥିବା ଜଣାପଡ଼ିଛି।




# ୨୬ରେ ରଶ୍ମିକା- ବିଜୟଙ୍କ ବିବାହ

ମୁମ୍ବାଇ

ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ହାତକୁ ଦି'ହାତ ହେବାକୁ ଯାଉଛନ୍ତି ସାଉଥ୍ ଇଣ୍ଡଷ୍ଟ୍ରିର ୨ ଚର୍ଚ୍ଚିତ ଯୋଡ଼ି ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା। ବେଶ୍ କିଛିଦିନର ଚର୍ଚ୍ଚା ପରେ ଦୁହେଁ ଫେବୃଆରୀ ୨୬ରେ ସାତଜନ୍ମର ସାଥୀ ହେବାକୁ ଯାଉଛନ୍ତି। ବିଜୟ- ରଶ୍ମିକା ୨୬ ଫେବୃଆରୀରେ ସାତଫେରା ନେବେ ବୋଲି କୁହାଯାଉଛି। ଉଭୟଙ୍କ ବିବାହ କାର୍ଡ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ବିବାହରେ କେବଳ ଉଭୟଙ୍କ ପରିବାର ଲୋକ ଏବଂ ନିକଟତମ ବନ୍ଧୁମାନେ ଯୋଗଦେବେ। ବିବାହ ପରେ ମାର୍ଚ୍ଚ ୪ରେ ହାଇଦ୍ରାବାଦର ଏକ ତାରକା ହୋଟେଲରେ ରିସେପ୍ସନ ଆୟୋଜନ କରାଯିବ। ଗତ ବର୍ଷ ଦୁହେଁ ଗୋପନୀୟ ଭାବେ ନିର୍ବନ୍ଧ ମଧ୍ୟ କରିଥିଲେ। ତେବେ ଦୁହେଁ ଫେବୃଆରୀ ୨ରେ ଉଦୟପୁରରେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହା ଗୁଜବ ପ୍ରମାଣିତ ହୋଇଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 52 Years





ବିଧାନସଭାସ୍ଥିତ ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ।

# ଗୋଲ୍ଡ ଲୋନ୍ ନାଁରେ କ୍ୟାଶିୟର ଠକିନେଲେ ୫.୨୧କୋଟି

**ଭୁବନେଶ୍ୱର,୧୬।୨(ତ୍ରିନାଥ ମହାନ୍ତି)**

ବ୍ୟାଙ୍କରେ କ୍ୟାଶ୍ ଇନ୍‌ଚାର୍ଜ ଭାବେ କାମ କରୁଥିଲେ। ଆଉ ସୁଯୋଗ ଦେଖି ଗୋଲ୍ଡ ଲୋନ୍ ନାଁରେ ଜାଲ ଦସ୍ତାବିଜ୍ ଏବଂ ନକଲି ସୁନା ମାଧ୍ୟମରେ ୫ କୋଟି ୨୧ ଲକ୍ଷ ୪୨ ହଜାର ଟଙ୍କାର ଠକେଇ କରିଛନ୍ତି। ଏଭଳି ଠକେଇ ହୋଇଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଏସ୍‌ବିଆଇ ବ୍ରାଞ୍ଚରେ। ବ୍ୟାଙ୍କ୍‌ର ଇଣ୍ଟରନାଲ କମିଟି ଜାଲିଆତି ଧରିବା ପରେ ପାରାଦୀପ ରିଜିଓନାଲ ମ୍ୟାନେଜର ପୀୟୂଷ ରଞ୍ଜନ ସ୍ୱାଇଁ ଏନେଇ ଇଓଡବ୍ଲ୍ୟୁ(ଅର୍ଥ ନୈତିକ ଅପରାଧ ଶାଖା)ରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଗତ ୧୦ତାରିଖରେ ବିଏନ୍‌ଏସ୍ ଦଫା ୩୧୬(୫), ୩୧୮(୪), ୩୩୬(୩), ୩୩୮, ୩୪୦(୨), ୩୪୪ ଏବଂ ୬୧(୨)ରେ ଏକ ମାମଲା(ଇଓଡବ୍ଲ୍ୟୁ କେସ୍‌ନଂ.୩/୨୬) ରୁଜୁକରାଯାଇଛି। ବ୍ୟାଙ୍କ କର୍ମଚାରୀ ପ୍ରଶାନ୍ତ କୁମାର ମଲ୍ଲିକ ଏହି ଠକେଇ ପଛର ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହୋଇଛି। ସେ ବାଲିଚନ୍ଦ୍ରପୁର ଏସ୍‌ବିଆଇ ବ୍ରାଞ୍ଚରେ ସିନିୟର ଆସୋସିଏଟ୍ ଏବଂ କ୍ୟାଶ୍ ଇନ୍‌ଚାର୍ଜ ଭାବେ କାମ କରୁଥିବା ସମୟରେ ଏହି ଗୋଲ୍ଡ ଲୋନ୍ ସ୍କାମ୍ କରିଥିବା ତଦନ୍ତରୁ ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁର ଏକ ଟିମ୍ ବିଭିନ୍ନ ସ୍ଥାନରେ ଛାନ୍‌ଭିନ କରୁଛନ୍ତି। ବ୍ୟାଙ୍କ୍‌ର ସମସ୍ତ ଗୋଲ୍ଡ ଲୋନ୍ ଦସ୍ତାବିଜ୍ ଏବଂ ଟଙ୍କା ଟ୍ରାନ୍ସଫର ହୋଇଥିବା ଆକାଉଣ୍ଟକୁ ଇଓଡବ୍ଲ୍ୟୁ ଛାନ୍‌ଭିନ କରିବା ସହ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ୨୦୨୫ ଜୁଲାଇ ୧୪ ତାରିଖରେ ଏସ୍‌ବିଆଇ ବାଲେଶ୍ୱରର ଚିଫ୍ ମ୍ୟାନେଜର ମନୋରମା ରାଉତ ବାଲିଚନ୍ଦ୍ରପୁର ଏସ୍‌ବିଆଇ ବ୍ରାଞ୍ଚକୁ ଗୋଲ୍ଡ ଲୋନ୍ ଯାଞ୍ଚ କରିବାକୁ ଯାଇଥିଲେ। ସେଠାରେ ସେ କ୍ୟାଶ୍ ଇନ୍‌ଚାର୍ଜ ପ୍ରଶାନ୍ତ କୁମାରଙ୍କୁ ଗୋଲ୍ଡ ଲୋନ ଫାଇଲ ମାଗିଥିଲେ। ହେଲେ ସେ ଜାଣିଶୁଣି ବିଭିନ୍ନ ବାହାନା ଦେଖାଇ ଫାଇଲ୍ ଦେଖାଇ ନ ଥିଲେ। ପରେ ପ୍ରଶାନ୍ତ ହଠାତ୍ ବ୍ୟାଙ୍କ୍‌ରୁ ନିଖୋଜ ହୋଇଯାଇଥିଲେ। ଫଳରେ ମନୋରମାଙ୍କ ସନ୍ଦେହ ବଢ଼ିବାରୁ ସେ ତୁରନ୍ତ ସ୍ପଟ୍ ଅଡିଟ୍ କରିଥିଲେ। ଅଡିଟ୍‌ରୁ ପ୍ରଶାନ୍ତଙ୍କ ସବୁକିଛି ଜାଲିଆତି ଧରାପଡ଼ି ଯାଇଥିଲା। ୨୦୨୨ ଜୁନ୍ ୧ରୁ ପ୍ରଶାନ୍ତ ☞ପୃଷ୍ଠା-୪

## ଆଜିଠୁ ବିଧାନସଭା ବଜେଟ ଅଧିବେଶନ

# ସବୁ ଦଳର ସହଯୋଗ ଲୋଡ଼ିଲେ ବାଚସ୍ପତି

## ଶୁକ୍ରବାର ୨୦୨୬-୨୭ ବର୍ଷ ପାଇଁ ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୨(ସୁନିତ୍ ମିଶ୍ର)**

୧୭ଦଶ ବିଧାନସଭାର ଷଷ୍ଠ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣକାଳୀନ ବଜେଟ ଗୃହରେ ଆଗତ କରିବେ। ବିଧାନସଭାର ପ୍ରଥମ ଦିନ ରାଜ୍ୟପାଳ ହରିବାବୁ କମ୍ଭମପାଟି ତାଙ୍କ ଅଭିଭାଷଣ ରଖିବେ। ଏହାପରେ ଗୁରୁବାର ପର୍ଯ୍ୟନ୍ତ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଉପସ୍ଥାପନ କରିବେ। ତେଣୁ ସବୁ ଦୃଷ୍ଟିରୁ ଦେଖିଲେ ଚଳିତ ଅଧିବେଶନ ଉଭୟ ଶାସକ, ବିରୋଧୀ ଏବଂ ଜନସାଧାରଣଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଗୃହ କିପରି ସୁରୁଖୁରୁରେ ଚାଲିବ ତାକୁ ନେଇ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସର୍ବଦଳୀୟ ବୈଠକରେ ବାଚସ୍ପତି ଉଭୟ ଶାସକ ଏବଂ ବିରୋଧୀ ଦଳର ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ମୁଲତବୀ ପ୍ରସ୍ତାବ ଉପରେ କିପରି ଆଲୋଚନା ହେବ ସେନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ଏହାସହିତ ଗୃହର କାର୍ଯ୍ୟଦିବସଗୁଡ଼ିକ ମଧ୍ୟ କିଭଳି ଠିକ୍ ଭାବେ ଚାଲିବ ସେନେଇ ମଧ୍ୟ ଆଲୋଚନା ହୋଇଛି।

ସୋମବାର ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକର ଆଲୋଚନା ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବାଚସ୍ପତି ଗୃହ କିପରି ଶାନ୍ତିଶୃଙ୍ଖଳାରେ ଚାଲିବ ସେନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଲେ। ବିରୋଧୀ ଦଳ ଭାବେ ବାଚସ୍ପତିଙ୍କୁ କୁହାଗଲା, ଯଦି ସେ ଶାସକ ଏବଂ ବିରୋଧୀ ଉଭୟଙ୍କ କଥାକୁ ଗୁରୁତ୍ୱ ଦେବେ ତା'ହାଲେ ଗୃହ ଚାଲିବାରେ କିଛି ଅସୁବିଧା ନାହିଁ। ଏହାସହ ବହୁତ ଦିନ ତଳେ ବାଚସ୍ପତିଙ୍କ ପକ୍ଷରୁ ☞ପୃଷ୍ଠା-୪

# ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

**ସମ୍ବଲପୁର,୧୬।୨ (ପ୍ରମୋଦ ବହିଦାର)**

ପୂର୍ବତନ ସମ୍ବଲପୁର ବିଧାୟିକା ତଥା ବିଶିଷ୍ଟ ଚିକିତ୍ସକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସୋମବାର ରାତି ୮ଟା୫୦ମିନିଟ୍‌ରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ବର୍ଷ ହୋଇଥିଲା। ସେ ସ୍ନାୟବିକ ଓ ଫୁସ୍‌ଫୁସ୍ ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ଥିଲେ। ସକାଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ତାଙ୍କୁ ଅକ୍ସିଜେନ ଦିଆଯାଇ ସମ୍ବଲପୁର ଶାନ୍ତିନଗରସ୍ଥିତ ବାସଭବନରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା।



ଡା. ରାସେଶ୍ୱରୀ ପାଣିଗ୍ରାହୀ

ଡା. ପାଣିଗ୍ରାହୀ ୨୦୧୪ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ ୨୦୧୯ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ି ରାଜନୀତିରୁ ଏକରକମ ଦୂରେଇ ରହି ରୋଗୀ ସେବାରେ ସକ୍ରିୟ ରହିଥିଲେ। ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଭାବେ ତାଙ୍କର ବିଶେଷ ସୁନାମ ☞ପୃଷ୍ଠା-୪

# ହୋଟେଲ ମାଲିକଙ୍କୁ ହତ୍ୟା

**ସିମୁଳିଆ, ୧୬।୨ (ସନ୍ତୋଷ ନାୟକ)**

ମହାଶିବରାତ୍ରି ଲାଗି ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ବାଲେଶ୍ୱର ଜିଲା ଜାମୁଝାଡ଼ି ଛକ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲ ମାଲିକଙ୍କୁ ହତ୍ୟା କରାଯାଇଛି। ଶିବରାତ୍ରି ପାଇଁ ହୋଟେଲ ବନ୍ଦ ରହିଥିବା ବେଳେ ଏହି କାଣ୍ଡ ଘଟିଛି। ତେବେ ହତ୍ୟାକାଣ୍ଡ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସିମୁଳିଆ ଥାନାଠାରୁ ୩କି.ମି. ଦୂରରେ ରହିଛି ଗଜେନ୍ଦ୍ର ପଣ୍ଡା (୫୮)ଙ୍କ ଜୟ ମା' ଦୁର୍ଗା ହୋଟେଲ। ଶିବରାତ୍ରି ପାଇଁ କର୍ମଚାରୀମାନେ ଛୁଟିରେ ଥିଲେ। ଗଜେନ୍ଦ୍ର ଏକାକୀ ହୋଟେଲ ପରିସରରେ ଥିବା ରୁମ୍‌ରେ ରହିଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ହୋଟେଲରେ ପଶି ଗଜେନ୍ଦ୍ରଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରିଛନ୍ତି। ତାଙ୍କ ମୁଣ୍ଡ ଓ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି। ଏପରିକି ହୋଟେଲ ମାଲିକଙ୍କ ସ୍କୁଟିକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ସୋମବାର ସକାଳୁ ହୋଟେଲ୍ କର୍ମଚାରୀ ଆସିବା ବେଳକୁ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପୋଲିସକୁ ଖବର ଦେବା ପରେ ସିମୁଳିଆ ଥାନାଧିକାରୀ ଦେବରାଜ ଜେନା ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛନ୍ତି। ଏହି ହୋଟେଲରେ କାର୍ଯ୍ୟ କରୁଥିବା ୨ ଜଣ କର୍ମଚାରୀଙ୍କୁ ପଚରାଉଚରା ପରେ ପୋଲିସ ସେମାନଙ୍କୁ ଛାଡ଼ିଦେଇଛି। ଏ ସମ୍ପର୍କରେ ଗଜେନ୍ଦ୍ରଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. (୫୬/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମାର୍କୋଣା ଡାକବଙ୍ଗଳା ନିକଟରେ ଥିବା କାଳିକା ହୋଟେଲ୍‌କୁ ଗଜେନ୍ଦ୍ର ଲିଜ୍ ସୂତ୍ରରେ ଚଳାଉଥିଲେ। ସେଠାରେ ହୋଟେଲକୁ ବନ୍ଦ କରି ୨ମାସ ପୂର୍ବରୁ ଏହି ହୋଟେଲ୍‌କୁ ପୁଣି ଲିଜ୍‌ରେ ନେଇ ବ୍ୟବସାୟ କରୁଥିଲେ। ତେବେ ସେ ବହୁ ଟଙ୍କା ଧାରକରଜ କରି ଋଣରେ ବୁଡ଼ି ରହିଥିବା ଜଣାପଡ଼ିଛି। ଧାରକରଜ ଟଙ୍କାକୁ କେନ୍ଦ୍ରକରି କିମ୍ବା ଅନ୍ୟ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ବିଭିନ୍ନ ଦିଗକୁ ନେଇ ପୋଲିସ ଖୋଳତାଡ଼ କରୁଛି। ତେବେ ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି।

# ରୋଷେୟାଙ୍କ ଦାୟିତ୍ୱରେ ବିଦ୍ୟାଳୟ

## ବିନା ଦରଖାସ୍ତରେ ଶିକ୍ଷୟିତ୍ରୀଙ୍କୁ ଛାଡ଼ିଲେ, ନିଜେ ପଳାଇଲେ ପ୍ରଧାନଶିକ୍ଷକ

**ମୋରଡ଼ା,୧୬।୨(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ରୁକୁଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ରୋଷେୟାଙ୍କ ଭରସାରେ ଚାଲୁଛି। ସୋମବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ରୋଷେୟାଙ୍କ ଦାୟିତ୍ୱରେ ଛାତ୍ରୀଛାତ୍ରଙ୍କୁ ଛାଡ଼ି ଦେଇ ନିଜ ବ୍ୟକ୍ତିଗତ କାମରେ ଚାଲି ଯାଇଥିଲେ। ପୂର୍ବରୁ ମଧ୍ୟ ପ୍ରଧାନଶିକ୍ଷକ ଏଭଳି କରିଥିବା ବେଳେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦାୟିତ୍ୱ ହୀନତାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୨ ପିଲା ପାଠ ପଢ଼ୁଛନ୍ତି। ପ୍ରଧାନ ଶିକ୍ଷକଭାବେ ମଧୁସୂଦନ ତରାଇ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଭାବେ ଶୁଭସ୍ମିତା ଦତ୍ତ କାର୍ଯ୍ୟରତ ଅଛନ୍ତି। ସୋମବାର ପ୍ରଧାନଶିକ୍ଷକ ମଧୁସୂଦନ ଏବଂ ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ବିଦ୍ୟାଳୟକୁ ଯାଇ କେବଳ ଉପସ୍ଥାନ ପକାଇ ବ୍ୟକ୍ତିଗତ କାମରେ ପଳାଇଥିଲେ। ବିଦ୍ୟାଳୟରେ କେବଳ ରୋଷେୟାଙ୍କୁ ଛାଡ଼ି ଦେଲେ ଛାତ୍ରୀଛାତ୍ରଙ୍କ କଥା ବୁଝିବାକୁ କେହି ନ ଥିଲେ। ବିଦ୍ୟାଳୟରୁ ମାତ୍ର ୧୦୦ମିଟର ଦୂରରେ ଜମ୍ବୀରା ନଦୀ ଏବଂ ହାତୀ ଚଲାପଥ ଥିବାରୁ ଛାତ୍ରୀଛାତ୍ରଙ୍କୁ ଏମିତି ଛାଡ଼ି ପଳାଇବାକୁ ନେଇ ସ୍ଥାନୀୟ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ତରେଇ ପୂର୍ବରୁ ମଧ୍ୟ କୁକୁଡ଼ା ଲଢ଼େଇ କରିବା ପାଇଁ ଅଧିକାଂଶ ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟରୁ ପଳାନ୍ତି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ଏ ନେଇ ସିଆରସିସି ମାନସରଞ୍ଜନ ବେହେରା ବିନା ଦରଖାସ୍ତରେ ଶିକ୍ଷୟିତ୍ରୀଙ୍କୁ ଛାଡ଼ିବା ଓ ନିଜେ ପଳାଇବା ଘଟଣା ପ୍ରଧାନଶିକ୍ଷକଙ୍କୁ ପଚାରିଥିଲେ। ପ୍ରଧାନଶିକ୍ଷକ ନିଜ ଭୁଲ୍ ସ୍ୱୀକାର କରିବା ସହିତ ବିଇଓଙ୍କୁ ଏବାବଦରେ ନ ଜଣାଇବାକୁ ☞ପୃଷ୍ଠା-୪

# ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ଟଙ୍କା

**କାକଟପୁର/ଅସ୍ତରଙ୍ଗ,୧୬।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ମହିଳାଙ୍କ ପାଇଁ ଖୁସି ଖବର। ଆସନ୍ତା ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କରାଯିବ। ସରକାର ଏକାଥରେ କୋଟିଏ ମହିଳାଙ୍କ ଖାତାକୁ ୫ ହଜାର ଟଙ୍କା ଲେଖାଏ ପଠାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର କାକଟପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସୂଚନା ଦେଇଛନ୍ତି।


ସୂଚନା ଅନୁଯାୟୀ, ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଟଙ୍କା ଦିଆଯାଇଥିଲା। ସେମାନେ ଏକସଙ୍ଗେ ଦୁଇଟି କିସ୍ତି ପାଇଛନ୍ତି। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇଥିଲା। ସମସ୍ତଙ୍କ ଖାତାକୁ ଗତମାସ ୨୨ ତାରିଖରେ ଟଙ୍କା ପଠାଯାଇଛି। ସରକାର ଏକକାଳୀନ ୩୧୫ କୋଟି ଟଙ୍କା ପଠାଇଥିଲେ। ଏଥର ମୋଟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ସେହିଭଳି ନୂଆକରି ☞ପୃଷ୍ଠା-୪


# ୩୬ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା

## ଜି.ଉଦୟଗିରିରେ ସର୍ବନିମ୍ନ ୭.୧ ଡିଗ୍ରୀ

**ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ)**

ରାଜ୍ୟ ପାଣିପାଗ ଏବେ ଧୀରେ ଧୀରେ ବଦଳୁଛି। ରାତିରେ ଶୀତ, ଭୋର୍ ସମୟରେ କୁହୁଡି ଓ ଦିନରେ ଖରାତାତି ଅନୁଭବ କରୁଛନ୍ତି ଲୋକେ। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୧ ଡିଗ୍ରୀ ରହିଥିବାବେଳେ ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ୧୧ ଡିଗ୍ରୀ ରେକର୍ଡ ହୋଇଥିଲା। ତେବେ ଝାରସୁଗୁଡାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଦକ୍ଷିଣ ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି। ଉତ୍ତର ଉପକୂଳ ଜିଲାଗୁଡିକରେ ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଜିଲାଗୁଡିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ଡିଗ୍ରୀ ତାପମାତ୍ରା ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।

**ଭଦ୍ରକ**
- ଶ୍ରୀରାମ ବିଜୟା ଦଶମୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୪ଟା।
- ଅନନ୍ତ ବଳିଆ ଆଶ୍ରମର ୧୦ମ ବାର୍ଷିକ ଉତ୍ସବ, ସ୍ଥାନ: ଚୁଡ଼ାମଣି ପଞ୍ଚୁରିଖି ଆଶ୍ରମ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ଆଦିବାସୀ ସଂସ୍କୃତି ଓ ବିହନ ମେଳା, ସ୍ଥାନ : କାଦକଲ, ବାଂଶପାଳ, ସମୟ : ସକାଳ ୯ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଶ୍ରୀମଦ୍‌ଭାଗବତ କଥା ଜ୍ଞାନ ଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ ଟା।
- ସ୍ମୃତିସଭା ଏବଂ ଭଜନ ସଙ୍କୀର୍ତ୍ତନ, ସ୍ଥାନ : ଛେନାପଦି, ହାଟଡ଼ିହୀ, ସମୟ : ଅପରାହ୍ନ ୫ ଟା।
- ଜାଗର ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଡ଼ା, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଉତ୍ତରଓଡିଶାର ପ୍ରସିଦ୍ଧ ମହାଶିବରାତ୍ରୀ ଜାଗରମେଳା, ସ୍ଥାନ: ମାଣତ୍ରୀ ବଡସାହି ବ୍ଲକ, ସମୟ: ସକାଳ ୮ଟା।
- ଗୋଶାଳା କପ୍ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡିଆ, ତୁଳସୀଚଉରା ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ବାର୍ଷିକ ଉତ୍ସବ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ କର୍ମଶାଳା, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

**ଗଞ୍ଜାମ**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ, ସ୍ଥାନ: ଭଞ୍ଜନଗର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସମୟ: ସକାଳ ୭ ଟା।
- କୃଷକ ଏବଂ ବୈଜ୍ଞାନିକ ପରାମର୍ଶଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ ଟା।

**ଜଗତ୍‌ସିଂହପୁର**
- ନଦୀବନ୍ଧ ସୁରକ୍ଷା ଉପରେ ଆଲୋଚନା, ସ୍ଥାନ: ଏରଡ଼ା (୨), ନାଉଗାଁ, ସମୟ:ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ଜିଲା ପ୍ରଶାସନ ପକ୍ଷରୁ ଭିବି ଜି ରାମ ଜି ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଆରଡିଏ ସଭାଗୃହ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଳବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ବିଭାଗର ଭିଡିଓ କନଫରେନ୍ସ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ସରକାରୀ ରଗଡ଼ି ପଲିଟେକ୍ନିକର ଜେନେରାଲ ବଡି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଜାମାଲାଗି ବେଶର ୨୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସନ୍ଧାନର ୨ୟ ଦିବସ, ସ୍ଥାନ: ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରଣପୁର ବ୍ଲକ ରାଜସୁନାଖଲା,ସମୟ: ପୂର୍ବାହ୍ନ ୧୦ରୁ ୪ ଟା।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ଯାତ୍ରା ୩ ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ବାଙ୍କନାଥ ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୩ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା।

**ସମ୍ବଲପୁର**
- କଲମ ଟ୍ରଷ୍ଟ ପରିବାର ପକ୍ଷରୁ ପାନ ଦିବସ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସେଲେବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାଉରକେଲା**
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଫଗୁଣ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ମଧୁସୂଦନପାଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଉନ୍ନୟନ ପ୍ରଦର୍ଶନୀ, ସ୍ଥାନ: ବେଦବ୍ୟାସ ମେଳା ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ପଦ୍ମପୁର ଲିଓ ସ୍କୁଲ, ରଜାପଡ଼ା, ସମୟ: ସକାଳ ୯ଟା।
- ସୁଭଦ୍ରା ଶକ୍ତି ମେଳା,ସ୍ଥାନ: ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ୟୁଜିସି ଉପରେ ଜିଲାପାଳଙ୍କ ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ମା' ଯୋଗମାୟା ଶକ୍ତିପୀଠରେ ଚଣ୍ଡୀପୂଜା, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡାସ୍ଥିତ ମା'ଙ୍କ ପୀଠ, ସମୟ: ସକାଳ ୯ଟା।

**ବୌଦ୍ଧ**
- ଜିଲା ସଂଗ୍ରହାଳୟ ଉନ୍ନତୀକରଣ ବୈଠକ, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ମାଚ୍, ସ୍ଥାନ:ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ନୂଆପଡ଼ା**
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସକାଳ ୯ଟା।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ଝାରସୁଗୁଡ଼ା**
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

# ବାଣ କାରଖାନାରେ ନିଆଁ ଲାଗି ୭ ମୃତ

**ଜୟପୁର,୧୬।୨(ପି.ଟି.)**

ରାଜସ୍ଥାନର ଖୈରଥାଲ-ତିଜାରା ଜିଲା ଅନ୍ତର୍ଗତ ଭିୱାଡି ସହରରେ ଥିବା ଏକ ବେଆଇନ ବାଣ କାରଖାନାରେ ସୋମବାର ନିଆଁ ଲାଗି ୭ ଜଣ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖୁଶଖେରା-କାରେଲି ଶିଳ୍ପାଞ୍ଚଳରେ ପୂର୍ବାହ୍ନ ୯ଟା ୩୦ ମିନିଟ୍ ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ସେଠାରେ ପ୍ରାୟ ୨୫ କର୍ମଚାରୀ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡ ଘଟିଥିବା କାରଖାନା ପୂର୍ବରୁ ଏକ ପୋଷାକ ଫ୍ୟାକ୍ଟ୍ରି ଥିବାବେଳେ ସେଠାରେ ବେଆଇନ ଭାବେ ବାଣ ତିଆରି କରାଯାଉଥିଲା ବୋଲି ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ସୁମିତ୍ରା ପାରିକ୍ କହିଛନ୍ତି। ଫ୍ୟାକ୍ଟ୍ରିରେ ଫସିଥିବା ୨ ଜଣଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ରାସାୟନିକ କାରଖାନାରେ ନିଆଁ ଲାଗିଥିବା ପୂର୍ବରୁ କର୍ତ୍ତୃପକ୍ଷ କହିଥିବାବେଳେ ଉକ୍ତ ସ୍ଥାନକୁ ପୋଷାକ କାରଖାନା ପାଇଁ ଲିଜ୍ ଭାବେ ନିଆଯାଇ ସେଠାରେ ବେଆଇନ ଭାବେ ବାଣ ତିଆରି ହେଉଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ତୁରନ୍ତ ଉଦ୍ଧାର ଓ ସହାୟତା କାର୍ଯ୍ୟ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭିୱାଡି ଶିଳ୍ପାଞ୍ଚଳର ସମସ୍ତ ଶିଳ୍ପ ସଂସ୍ଥାକୁ ଯାଞ୍ଚ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ରାସ୍ତାରେ ପାଠ...

ପକ୍ଷରୁ ୪ କିଲୋମିଟର ଦୂରରେ ରହୁଥିବା ଅନ୍ୟ ଜଣେ ମହିଳାଙ୍କୁ ଚୟନ କରିଥିଲେ। ତେବେ ଏହି ଚୟନରେ ଅନିୟମିତତା ଅଭିଯୋଗ କରି ଆଶାୟୀଙ୍କ ସମ୍ପର୍କୀୟମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ତାଲା ପକାଇଥିଲେ। ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଆସି ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖିଥିଲେ। ଆଶାୟୀ ପ୍ରାର୍ଥୀଙ୍କ ସମ୍ପର୍କୀୟମାନଙ୍କୁ ତାଲା ଖୋଲିବା ପାଇଁ ପ୍ରଧାନଶିକ୍ଷକ ତୁଲାରାମ ଭତ୍ରା ଓ ସହକାରୀ ଶିକ୍ଷକମାନେ ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିନଥିଲା। ଏହାପରେ ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଦୀର୍ଘ ସମୟ ପରେ ସିଆର୍‌ସିସି ସଭାଚନ୍ଦ୍ର ପାଣ୍ଡେ ସେଠାରେ ପହଞ୍ଚି ଥିବା ବେଳେ ଅନ୍ୟ କାହାରି ଦେଖା ନ ଥିଲା। ଫଳରେ ବାଧ୍ୟ ହୋଇ ଛାତ୍ରୀଛାତ୍ରଙ୍କୁ ରାସ୍ତାକଡ଼ ଗଛମୂଳରେ ପାଠ ପଢ଼ା ଯାଇଥିଲା। ପ୍ରାୟ ୩ ଘଣ୍ଟା ରାସ୍ତା ଉପରେ ପାଠପଢ଼ା ପରେ ଅପରାହ୍ନ ୧ଟା ୩୦ରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଆସି ମୁଖ୍ୟ ଫାଟକର ତାଲା ଭାଙ୍ଗିବା ପରେ ଛାତ୍ରୀଛାତ୍ର ବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ପରେ ଶ୍ରେଣୀ ଗୃହରେ ପାଠ ପଢ଼ା ହୋଇଥିଲା। ତେବେ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ହୋଇ ନ ଥିବା ସୂଚନା ମିଳିଛି। ପୋଲିସ ପହଞ୍ଚି ତାଲା ପକାଇଥିବା କେତେଜଣ ଲୋକଙ୍କ ନାମ ଲେଖି ନେଇଥିଲେ। ଅଭିଭାବକମାନେ ତାଲା ପକାଇଥିବା ଲୋକଙ୍କ ବିରୋଧରେ ଏତଲା ଦେବେ ବୋଲି କହିଛନ୍ତି। ଏନେଇ ଏବିଇଓ ଦଶରଥ ଗଣ୍ଡଙ୍କୁ ପଚାରିବାରୁ ଶିଶୁ ବାଟିକା ପାଇଁ ସେବିକା ଚୟନ ବିଦ୍ୟାଳୟ କମିଟି କରିଥାଏ। ଗାଁର ଜଣେ ପ୍ରାର୍ଥୀ ଠିକ୍ ସମୟରେ ଆବେଦନ ପରେ ତାଙ୍କର ସମସ୍ତ ଆବଶ୍ୟକ କାଗଜ ପତ୍ର ଦେଇ ନଥିଲେ। ୧୫ ଦିନ ପରେ ଦେଇଥିଲେ। ଏହା ମଧ୍ୟରେ କମିଟି ଗାଁର ପ୍ରାର୍ଥୀ ପରିବର୍ତ୍ତେ ପାଖ ଗାଁର ଜଣେ ପ୍ରାର୍ଥୀଙ୍କୁ ଚୟନ କରି ତାଲିକା କାର୍ଯ୍ୟାଳୟକୁ ଦେଇଛନ୍ତି। ଏଯାଏ ନିଯୁକ୍ତି ହୋଇନାହିଁ। ସୋମବାର ସ୍କୁଲ ଫାଟକରେ ତାଲା ପକାଇବା ଘଟଣାର ତଦନ୍ତ କରିବେ ବୋଲି ସେ କହିଛନ୍ତି। ଏ ନେଇ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ଘଟଣାର ବିଧିବଦ୍ଧ ତଦନ୍ତ ହେବ ବୋଲି ସେ କହିଛନ୍ତି।

## ଉତ୍କଳ ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଭା ମୁଠି, ଆଉ ବି'ମୁଠି**
**କିଆରି ମଝିରେ ପୋତିବୁ କାଠି,**
**ବିଲରେ ରଖିବୁ ପାଣି ସମାନ,**
**ଯେବେ ନୋହିବ ତହିଁରେ ଧାନ,**
**ତେବେ କାଟିବୁ ଡାକର କାନ।**

ଧାନ ଫସଲ ସମ୍ପର୍କରେ ସୂଚନା। ଉପରୋକ୍ତ ପ୍ରଣାଳୀରେ ଚାଷ କଲେ ଧାନ ଅମଳ ଭଲ ହୁଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଉପୁରି ଲାଭରେ ନ ପୂରେ ପେଟ,**
**ଯେଉଁ ନିଅଣ୍ଟକୁ ସେହି ନିଅଣ୍ଟ।**

ସାଧାରଣତଃ ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରିବା ବା ଉତ୍କୋଚ ନେବା ଅନୁଚିତ ହୋଇଥାଏ। ଉତ୍କୋଚ ନେବା ଲୋକର ଅଭାବ କେବେ ମେଣ୍ଟିପାରେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଉତ୍କୃଷ୍ଟ ପାତ୍ର...

ପୁରୋହିତ ନିମୟ ଏକାଦଶ ଏବଂ ତେଲଙ୍ଗାନାର ଭିଭାନ ସାରଦ ମାହିଶ୍ୱରୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ପେପର-୧ ପରୀକ୍ଷା ପାଇଁ ମୋଟ୍ ୧୩ ଲକ୍ଷ ୫୫ ହଜାର ୨୯୩ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୯୬.୨୬ ପ୍ରତିଶତ ବା ୧୩ ଲକ୍ଷ ୪ ହଜାର ୬୫୩ଜଣ ପରୀକ୍ଷା ଦେଇଥିଲେ। ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦେଶର ୩୦୦ ସହର ସମେତ ବିଦେଶର ୧୫ଟି ସହରରେ ଆୟୋଜିତ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ପରୀକ୍ଷା ଦେଇଥିଲେ।

## ସିବିଏସ୍‌ଇ ଦଶମ...

ପରୀକ୍ଷା ଦେଇ ନ ଥିବାରୁ ସେମାନଙ୍କୁ ଏସେନ୍‌ସିଆଲ ରିପିଟ୍ ବର୍ଗରେ ରହିବାକୁ ପଡ଼ିବ ଓ ସେମାନେ ପରବର୍ତ୍ତୀ ବର୍ଷରେ ପ୍ରଥମ ବୋର୍ଡ ପରୀକ୍ଷା ଦେବେ। ସେହିପରି ପ୍ରଥମ ପରୀକ୍ଷାରେ କମ୍ପାର୍ଟମେଣ୍ଟ ଫଳାଫଳ ପାଇଥିବା ଛାତ୍ରୀଛାତ୍ର ଦ୍ୱିତୀୟ ପରୀକ୍ଷାରେ ହିଁ କମ୍ପାର୍ଟମେଣ୍ଟ ବର୍ଗରେ ପରୀକ୍ଷା ଦେବାକୁ ଅନୁମତି ମିଳିବ। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଅତିରିକ୍ତ ବିଷୟ କିମ୍ବା ଅଲଗା ବିଷୟରେ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ଅନ୍ୟ ଯେକୌଣସି କାରଣରୁ ଯଦି କୌଣସି ଛାତ୍ରୀଛାତ୍ର ବୋର୍ଡର ଉପରୋକ୍ତ ନୀତି ଅନୁସାରେ ମୁଖ୍ୟ ବା ପ୍ରଥମ ପରୀକ୍ଷା ଦେଇ ନ ଥିବେ, ତେବେ ସେମାନଙ୍କର କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଖୁବ୍‌ଶୀଘ୍ର ରତ୍ନଭଣ୍ଡାର...

ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ପାଢ଼ୀ ଜଣାଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡ଼ିଛି, ଗଣତିମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ହୋଇଛି। ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ। କଡ଼ା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ। ଶେଷ ଗଣତିମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା। ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ଘଟଣାର ଫଟୋଗ୍ରାଫି ସହିତ ଡିଜିଟାଲ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

ବୈଠକରେ ଚଳିତ ବର୍ଷର ରଥଯାତ୍ରା ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାଶୀ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହିଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରତ୍ନଭଣ୍ଡାର ଗଣତିମଣତି ହେବା ପୂର୍ବରୁ ବିଭାଗୀୟ ମନ୍ତ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ଥିବା ରିପୋର୍ଟରେ ପ୍ରସ୍ତୁତି ବିଷୟରେ ବ୍ୟାପକ ଆଲୋଚନା କରିଥିବା ଜଣାପଡ଼ିଛି।

## କାହାରିକୁ ଭରସା...

ସମୟରେ ମହିଳାଙ୍କୁ ବ୍ଲାକ୍‌ମେଲ୍ କରିବାକୁ ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ସମ୍ପୃକ୍ତ ପୁରୁଷ ଜଣକ ବହୁପୂର୍ବରୁ ବିବାହ କରିଥିଲାବେଳେ ୨୦୨୪ରେ ପଞ୍ଜାବରେ ଆଉ ଜଣେ ମହିଳାଙ୍କୁ ମଧ୍ୟ ବିବାହ କରିଥିବା ପୀଡ଼ିତା ମହିଳା ଜଣକ ଜାଣିବାକୁ ପାଇଥିଲେ। ଏହାପରେ ସେ ସମ୍ପୃକ୍ତ ପୁରୁଷଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ କରିଥିଲାବେଳେ ଟ୍ରାଏଲ୍ ଏବଂ ହାଇକୋର୍ଟରେ ପୁରୁଷ ଜଣକ ଜାମିନ ପାଇ ନଥିଲେ। ପରେ ପରେ ଜାମିନ ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ସମ୍ପୃକ୍ତ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

## ଗୋଲ୍ଡ ଲୋନ୍ ନାଁରେ...

ବାଲିଚନ୍ଦ୍ରପୁର ବ୍ରାଞ୍ଚରେ ଯୋଗ ଦେବାପରେ କ୍ୟାଶ୍ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଉଥିଲେ। ସୁନାକୁ ଯାଞ୍ଚ ସହ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରି ଋଣ ମଞ୍ଜୁରୀ କରିବା ତାଙ୍କ କାମ ଥିଲା। ଏପରିକି ବିଭିନ୍ନ ସମୟରେ ଗୋଲ୍ଡ ଲୋନ୍‌ର ଡକ୍ୟୁମେଣ୍ଟ ମେଣ୍ଟେନ୍ କରିବା ସହ ଲୋନ୍ ନେଇଥିବା ବ୍ୟକ୍ତିଙ୍କୁ ଋଣ ପରିଶୋଧ କରିବାକୁ ନୋଟିସ୍ କରିବାର ଦାୟିତ୍ୱ ମଧ୍ୟ ତାଙ୍କର ରହିଥିଲା। ହେଲେ ପ୍ରଶାନ୍ତ କ୍ଷମତାର ଦୁରୁପଯୋଗ କରି ଜାଲିଆତି କରିଥିଲେ। ୨୦୨୪ ଅକ୍ଟୋବରରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୦୫ ଗୋଲ୍ଡ ଲୋନ୍ ଆକାଉଣ୍ଟରେ ପ୍ରଶାନ୍ତ ଜାଲିଆତି କରି ୫ କୋଟି ୨୧ ଲକ୍ଷରୁ ଅଧିକ ଗୋଲ୍ଡ ଲୋନ୍ ଜାଲିଆତି କରିଥିଲେ। ୩୧ଟି ଆକାଉଣ୍ଟରେ ନକଲି ସୁନା ରଖି ଲୋନ୍ ମଞ୍ଜୁର କରିଥିବା ବେଳେ ୭୪ଟି ଆକାଉଣ୍ଟରେ ଫେକ୍ ଡକ୍ୟୁମେଣ୍ଟ ରଖି ଲୋନ୍ ମଞ୍ଜୁର କରିଥିଲେ। ଏଥିସହିତ ୧୦୫ ଗୋଲ୍ଡ ଲୋନ୍ ଆକାଉଣ୍ଟର ଡକ୍ୟୁମେଣ୍ଟ ଗାଏବ ହୋଇଥିବାବେଳେ ଏକାଧିକ ଦସ୍ତଖତ ମଧ୍ୟ ଜାଲ୍ କରାଯାଇଥିବା ବ୍ୟାଙ୍କର ଇଣ୍ଟରନାଲ କମିଟି ଯାଞ୍ଚ କରିବା ପରେ ଜଣାପଡ଼ିଥିଲା। ବଡ଼ କଥା ହେଲା ପ୍ରଶାନ୍ତ ତାଙ୍କ ଆକାଉଣ୍ଟ ସମେତ ୯ଟି ଆକାଉଣ୍ଟକୁ ଏହି ୫.୨୧ କୋଟି ଟଙ୍କା ଟ୍ରାନ୍ସଫର କରିଥିବା ତଦନ୍ତରୁ ଜଣାପଡ଼ିଛି। ଏକାଧିକ ଥର ସେ ବ୍ୟାଙ୍କର ଅନ୍ୟ ଅଧିକାରୀଙ୍କ ଆଇଡି ବ୍ୟବହାର କରି ଲୋନ୍ ପାସ୍ କରିଥିବା ସ୍ପଷ୍ଟ ହୋଇଛି।

## ମାର୍ଚ୍ଚ ୮ରେ...

ଆବେଦନ କରିଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣ ମହିଳାଙ୍କ ଖାତାକୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ଯାଇଥିଲା। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସୁଭଦ୍ରା ଯୋଜନା ଟଙ୍କା ପହଞ୍ଚାଇବା ନେଇ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିସାରିଛନ୍ତି।

## ପୂର୍ବତନ ବିଧାୟିକା...

ରହିଥିଲା। ବୁର୍ଲାସ୍ଥିତ ତତ୍କାଳୀନ ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ମହାବିଦ୍ୟାଳୟରେ ଏମ୍‌ବିବିଏସ୍ ପାଠପଢ଼ା ଶେଷକରି ୧୯୭୨ରେ ଓଡ଼ିଶା ସରକାରଙ୍କ ଅଧୀନରେ ଜଣେ ଚିକିତ୍ସକଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କ ବଡ଼ଭାଇ ଶ୍ରୀବଲ୍ଲଭ ପାଣିଗ୍ରାହୀ ଜଣେ ବିଶିଷ୍ଟ ଶ୍ରମିକ ନେତା ତଥା ତତ୍କାଳୀନ ଦେବଗଡ଼ ଲୋକ ସଭା ସଦସ୍ୟ ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

## ସବୁ ଦଳର...

କଲିଂ ଆଟେନଶନ୍ ମୋଶନ ୨ଟା ଦିଆଯାଉଥିଲା। ଅନେକ ଦିନ ହେବ ଗୋଟିଏ ବନ୍ଦ କରିଦିଆଯାଇଛି। ତେଣୁ ପୂର୍ବଭଳି ୨ଟି କଲିଂ ଆଟେନଶନ୍ ମୋଶନ ବାଚସ୍ପତି ଆଣନ୍ତୁ ବୋଲି ଦାବି କରାଯାଇଛି। ଏହା ଉପରେ ନିଷ୍ପତ୍ତି ହୋଇନାହିଁ ବୋଲି ପ୍ରସନ୍ନ କହିଛନ୍ତି।

ସୂଚନାଯୋଗ୍ୟ, ଦୁଇଟି ପର୍ଯ୍ୟାୟରେ ଏଥର ବିଧାନସଭାର ବଜେଟ ଅଧିବେଶନ ଚାଲିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଗୃହରେ ୬ଟି କାର୍ଯ୍ୟ ଦିବସ ରହିଛି। ଆସନ୍ତା ୨୫ ତାରିଖରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଦିବସ ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ପୁଣିଥରେ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ ପର୍ଯ୍ୟନ୍ତ ବିଧାନସଭା କାର୍ଯ୍ୟ ଦିବସ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ମୋଟ୍ ୨୧ଟି କାର୍ଯ୍ୟଦିବସ ରହିଛି। ମାର୍ଚ୍ଚ ୩୧ରେ ବଜେଟ ବିନିଯୋଗ ବିଲ୍ ଗୃହରେ ଆସିବ।

ଚଳିତ ଥର ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ୍ ୩.୧୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ବଜେଟ ଗୃହରେ ଆଗତ କରିବେ ବୋଲି ଜଣାପଡ଼ିଛି। ଚଳିତ ଥରର ବଜେଟ ଚିଠା ପ୍ରସ୍ତାବକୁ ନିକଟରେ ଅନୁଷ୍ଠିତ ହୋଇଥିବା ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିସାରିଛି। ଆସନ୍ତା ବର୍ଷ ଆରମ୍ଭରୁ ପଞ୍ଚାୟତ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ନୂଆ ଏନ୍‌ଏସି, ମ୍ୟୁନିସିପାଲିଟିରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ତୃଣମୂଳସ୍ତରର ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେବାଭଳି ଯୋଜନାକୁ ଦୃଷ୍ଟିରେ ରଖି ବଜେଟ ପ୍ରସ୍ତୁତ ହୋଇଥିବା ଚର୍ଚ୍ଚା ହେଉଛି। ସେହି ଦୃଷ୍ଟିରୁ ଚଳିତ ଅଧିବେଶନ ସରକାରୀ ଦଳ ପାଇଁ ବେଶ୍ ଗୁରୁତ୍ୱ କରିବ।

## ରୋଷେୟାଙ୍କ...

କହି ଘଟଣା ଚାପି ଦେବାକୁ ଉଦ୍ୟମ କରିଥିବା ଅଡ଼ିଓ ଭାଇରାଲ ହେଉଛି। ଘଟଣାରେ ସିଆର୍‌ସିସି ପ୍ରଧାନଶିକ୍ଷକଙ୍କୁ ଏଭଳି କାମ ପାଇଁ ତାଗିଦ କରିଥିବା ମଧ୍ୟ ଜଣାପଡ଼ିଛି। ବିଇଓ ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି, ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ୩୬ ଡିଗ୍ରୀ ଛୁଇଁଲା...

ହ୍ରାସ ପାଇଛି। କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମ୍ ରହିଛି। ତେବେ ଆସନ୍ତା ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସେହିପରି ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡି ନେଇ ଆଲର୍ଟ ଜାରି କରାଯାଇଛି। ମଙ୍ଗଳବାର ଖୋର୍ଦ୍ଧା, କଟକ, ପୁରୀ, ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାକୁ କୁହୁଡି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଞ୍ଜାମ ଓ ଗଜପତି ଜିଲାକୁ ୱାର୍ନିଂ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଏକାଦଶସ୍ଥ ଗ୍ରହ ସ୍ଥିତି ପ୍ରଭାବରେ ପରୀକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ଉନ୍ନତି ସାଙ୍ଗକୁ ଆର୍ଥିକକ୍ଷେତ୍ର ଭଲ ରହିବ। କର୍ମମୁଖର ରହିବା ସହ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ବିବାଦୀୟ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** ରବିଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇରହିବା ଭଲ। ପରିବାରରେ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** ଧନାଧିପ ଧନ ସ୍ଥାନକୁ ଦୃଷ୍ଟିଦେଉଥିବାରୁ ଅର୍ଥପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ। ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ଆଜି ମନୋରଞ୍ଜନ ପ୍ରୀତିପ୍ରଦ ହେବ। ଆପଣଙ୍କ କାର୍ଯ୍ୟଶୈଳୀର ପ୍ରଶଂସାକରି ମିତ୍ରମାନେ ପ୍ରଶଂସା ଗାଇବୁଲିପାରନ୍ତି। କଳା, କାରିଗରି ସାଙ୍ଗକୁ ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିପାରେ।

**କର୍କଟ** ଚନ୍ଦ୍ର ଏବଂ ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ରାଶି ପ୍ରତି ରହିଥିବାରୁ ଶାରୀରିକ ସୁସ୍ଥତା ସହ କର୍ମକ୍ଷେତ୍ର ମଧ୍ୟ ସମ୍ମାନଜନକ ରହିବ। ଦୀର୍ଘଦିନରୁ ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ପାଇବା ଜିନିଷର ଅନିଶ୍ଚିତତା ଆଲୋଡ଼ନ ସୃଷ୍ଟିକରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ କଷ୍ଟ ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ସିଂହ** ଭୁଲ୍ ବୁଝାମଣାରୁ ମତାନ୍ତରଜନିତ ପରିବାରରେ ଏବଂ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହେବ। ସପ୍ତମସ୍ଥ ଉଚ୍ଚାରୋହୀ ରବିଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସହ ଭ୍ରମଣ ସୁଯୋଗ ମିଳିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ନୂତନ ଦାୟିତ୍ୱ ହାତକୁ ନେବେ।

**କନ୍ୟା** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ରହିବେ। ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ଗମ୍ଭୀର ରହିବ, କିନ୍ତୁ ଉତ୍ତେଜିତ ହୋଇ କୌଣସି ପଦକ୍ଷେପ ନେବା ପୂର୍ବରୁ ପୁନର୍ବାର ବିଚାର କରିବା ଭଲ। କଥା ଦେଇଥିବା ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଆସିବେ।

**ତୁଳା** ଆଜିର ଯାତ୍ରା,ବାଣିଜ୍ୟ କ୍ଷେତ୍ର ସମସ୍ୟା ବହୁଳ ହେବ। ଚତୁର୍ଥଭାବସ୍ଥ ଚନ୍ଦ୍ର ଓ ମଙ୍ଗଳ ହେତୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ। ସହକର୍ମୀଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ସହଯୋଗରୁ ଉପକୃତ ହେବେ।

**ବିଛା** ତୃତୀୟ ଏବଂ ଚତୁର୍ଥଭାବ ଶୁଭଯୁକ୍ତ ଯୋଗୁ ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଦର୍ଶନୀୟ ସ୍ଥାନ ଭ୍ରମଣ ସମୟରେ ପୁରୁଣା ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରିବେ। ଛୋଟ କଥାକୁ ନେଇ ତର୍କ କରିବା ଠିକ୍ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ପ୍ଲଟିଂ ବ୍ୟବସାୟ, ଶେୟାରବଜାର, ରାଜନୀତି ପାଇଁ ଦିନଟି ଭଲ।

**ଧନୁ** ଶନିଙ୍କ କୁପ୍ରଭାବରୁ ପାରିବାରିକ ସମସ୍ୟା ଲାଗି ରହୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉନା କାହିଁକି ମନର ବଳ ଖୁବ୍ ଟାଣ ରହିବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂରେଇଯିବ।

**ମକର** ଚତୁର୍ଥ ଲାଭାଧିପତି ରାଶିରେ ଅବସ୍ଥାନ କରିଥିବାରୁ ସାମାଜିକ ସ୍ତରରେ ସମ୍ମାନିତ ହେବେ। କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବେ। କୃତି ଓ କୃତିତ୍ୱ କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଯୋଗ ରହିଛି। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାକରି ଉପହସିତ ହୋଇପାରନ୍ତି।

**କୁମ୍ଭ** ମୁଖଭାବସ୍ଥ ଶନି ନୀରବଦର୍ଶକ ସଜାଇ କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରିନେବାରେ ସାହାଯ୍ୟ କରିବେ। ସରଳବିଶ୍ୱାସ ଜନ୍ମାଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପାରିବାରିକ ଅସ୍ଥିରତା ଯୋଗୁ ମନୋବଳ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ, ବନ୍ଧୁସମ୍ପର୍କ ଏବଂ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରେ।

**ମୀନ** ପାପଗ୍ରହ ମଧ୍ୟସ୍ଥ ବୃହସ୍ପତି ଯୋଗୁ ଆଜି ଆପଣଙ୍କୁ ସଫଳତାର ଝଲକ ଦେଖିବାକୁ ମିଳିବ ନାହିଁ। ପୂର୍ବରୁ ଲାଗି ରହିଥିବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେକୌଣସି କ୍ଷେତ୍ର ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମେଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୧୭ତାରିଖ, ଫାଲ୍‌ଗୁନ ଅମାବାସ୍ୟା ମଙ୍ଗଳବାର, ପଞ୍ଚଗ୍ରହକୂଟ ଆରମ୍ଭ। ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୦୩।୦୪ ମି. ଗତେ କୁମ୍ଭଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୩।୦୯ ଗତେ ଘ.୧୦।୫୨ ମଧ୍ୟେ, ଘ.୦୧।୦୯ ଗତେ ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ. ୦୨।୫୧ ଗତେ ଘ.୦୪। ୧୭ ମଧ୍ୟେ ରାହୁକାଳ।



ମଙ୍ଗଳବାରଠାରୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ସୋମବାର ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ, ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ଏବଂ ବିଧାନସଭାସ୍ଥିତ ରାମଚନ୍ଦ୍ର କାଡ଼ାମଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ।

# ଚାଷୀ ସମସ୍ୟା: ଗୃହ ଚଳାଇ ଦେବନି ବିଜେଡି

## ଚାଷୀ, ମହିଳା, ଶିଶୁ ଏବଂ ଓଡ଼ିଆ ଅସ୍ମିତା ପାଇଁ ଜୋରଦାର ଲଢ଼ାଯିବ: ନବୀନ

ଭୁବନେଶ୍ୱର, ୧୬।୨(ସୁନିତ୍ ମିଶ୍ର)

ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨ଟି ପର୍ଯ୍ୟାୟରେ ଚାଲିବ। ରାଜ୍ୟ ସରକାର ଏହି ଅଧିବେଶନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଆଗତ କରିବେ। ଏହି ଦୃଷ୍ଟିରୁ ଦେଖିଲେ ଶାସକ ଦଳ ପାଇଁ ଏହି ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହେଲେ ବିଭିନ୍ନ ପ୍ରସଙ୍ଗରେ ସରକାର ବିଫଳ ହେଉଥିବା କଥାକୁ ପ୍ରସଙ୍ଗ କରି ବିରୋଧୀ ଦଳ ପକ୍ଷରୁ ଶାସକ ଦଳକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ମୁଖ୍ୟତଃ ରାଜ୍ୟରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ଉପଯୁକ୍ତ ଭାବେ ନ ହେବା, ୩୧୦୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନରେ ଅବ୍ୟବସ୍ଥା, ମଣ୍ଡି ନ ଖୋଲିବା, କଟ୍ନି ଛଟ୍ନି ଆଦି ବିଷୟକୁ ନେଇ ସରକାରଙ୍କୁ ଘେରିବା ସହିତ ଗୃହ ଚଳାଇ ନ ଦେବାକୁ ବିଜେଡି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଥିବା ଶୁଣିବାକୁ ମିଳିଛି। ବୈଠକରେ ଉପସ୍ଥିତ ଜଣେ ବିଧାୟକଙ୍କ ସୂଚନା ମୁତାବକ, ଏଥର ଗୃହରେ ଚାଷୀ ସମସ୍ୟା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିଷୟ ଉଠାଇ ଗୃହ ଚଳାଇ ନ ଦେବାକୁ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କୁଆଡ଼େ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଗୃହରେ ବିରୋଧୀ ଯେତେ ହୋହଲ୍ଲା କରି ହଙ୍ଗାମା କରିବେ ତାହା ଶାସକ ଦଳକୁ ସୁହାଇବ। ଏ ଅନୁଭୂତି ଦଳର ସଭାପତିଙ୍କ ପାଖରେ ରହିଛି। ନବୀନ କିନ୍ତୁ ଗୃହ ଚଳାଇ ନ ଦେବାକୁ କହିବା ସହିତ ଆଲୋଚନାରେ ମଧ୍ୟ ଭଲ ଭାବେ ଭାଗ ନେବା ପାଇଁ କହିଥିଲେ ବୋଲି ବିଧାୟକ ଜଣକ କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବୈଠକ ସମୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ଯଦି ଆମେ ଗୃହରେ ହଟ୍ଟଗୋଳ କରିବା, ତେବେ ଆଲୋଚନାରେ କେମିତି ଭାଗ ନେବା। ଅନ୍ୟ ବରିଷ୍ଠ ନେତା ତଥା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ମତାମତ ରଖିବା ପାଇଁ ସୁଯୋଗ ପାଇଥିବା ଜଣାପଡ଼ିଛି।

ବୈଠକରେ ନବୀନ କହିଛନ୍ତି, ମଙ୍ଗଳବାରଠାରୁ ବଜେଟ ଅଧିବେଶନ ଆରମ୍ଭ ହେଉଛି। ଏହାକୁ ଗୁରୁତ୍ୱର ସହ ନେବା ଦରକାର। ସରକାରଙ୍କ ଦୁର୍ବଳତା ଲୋକଲୋଚନକୁ ଆଣିବା ଦରକାର। ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଡବଲ ଇଞ୍ଜିନ ସରକାର ସ୍ଲୋଗାନ ଦେବାରେ ବ୍ୟସ୍ତ। ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀଭାଇମାନେ ରାତି ବିତାଉଛନ୍ତି। ବିଜେଡି ସବୁବେଳେ ଚାଷୀମାନଙ୍କ ସହିତ ରହିଛି। ସରକାରଙ୍କ ଚାଷୀ ବିରୋଧୀ କାର୍ଯ୍ୟକଳାପକୁ ଦଳ ବିରୋଧ କରୁଛି। ଚାଷୀମାନଙ୍କ ପାଇଁ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରୁଛି। ଗତ ୯ ତାରିଖରେ କଟ୍ନି ଛଟ୍ନି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ବୋଲି ନବୀନ କହିଛନ୍ତି। ମଣ୍ଡିରୁ ଚାଷୀଙ୍କ ସ୍ୱର ସରକାରଙ୍କୁ ଶୁଣାଯାଉନି, କିନ୍ତୁ ବିଧାନସଭାରେ ଏହି ବିଷୟରେ ବିରୋଧ କରି ଚାଷୀଙ୍କ କଷ୍ଟ ହୁଅ। ସରକାର କେବଳ ଚାଷୀଙ୍କର କ୍ଷତି କରିନାହାନ୍ତି, ବରଂ ରାଜ୍ୟର ଅର୍ଥନୀତିକୁ ପ୍ରଭାବିତ କରିଛନ୍ତି। ଡିସେମ୍ବର ପର୍ଯ୍ୟନ୍ତ ସରକାର ବଜେଟ ଅର୍ଥର ମାତ୍ର ୪୭% ଖର୍ଚ୍ଚ କରିପାରିଛନ୍ତି। କେତେଗୁଡ଼ିଏ ବିଭାଗ ମାତ୍ର ୧୫% ଖର୍ଚ୍ଚ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଗଲାଣି। ରାଜ୍ୟରେ ଶିଶୁ, ମହିଳା କେହି ସୁରକ୍ଷିତ ନୁହନ୍ତି। ମହାନଦୀ ପ୍ରସଙ୍ଗରେ ସରକାର ଏଯାଏ କିଛି କଲେନାହିଁ। ଛତିଶଗଡ଼ ସରକାର କାର୍ଯ୍ୟ ବିରୋଧରେ ରାଜ୍ୟ ସରକାର ପୂରା ଚୁପ୍ ହୋଇଯାଇଛନ୍ତି। ସରକାର କେବଳ ମିଛ ପ୍ରଚାର ଛାଡ଼ିଦେଲେ, ସବୁଥିରେ ଫେଲ୍ ହେଉଛନ୍ତି। ରାଜ୍ୟର ଚାଷୀ, ମହିଳା, ଶିଶୁ ଏବଂ ଓଡ଼ିଆ ଅସ୍ମିତା ପାଇଁ ବିଜେଡି ଜୋର୍‌ଦାର ଲଢ଼େଇ କରିବ ବୋଲି ନବୀନ କହିଛନ୍ତି।


# ପ୍ରାଣୀ ଔଷଧି କେନ୍ଦ୍ର: ଗୋଟିଏ ବି ଆବେଦନ ପଡ଼ିନି

## ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲା ମନ୍ତ୍ରଣାଳୟ

ଭୁବନେଶ୍ୱର, ୧୬।୨
(ରବିନାରାୟଣ ଜେନା)

ରାଜ୍ୟରେ ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳରେ ଶସ୍ତା ଓ ଉତ୍ତମଗୁଣବତ୍ତା ପ୍ରାଣୀ ଚିକିତ୍ସା ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ ୮ମାସ ତଳୁ ରାଜ୍ୟ ସରକାରଙ୍କୁ ପ୍ରାଣୀ ଔଷଧି ବିକ୍ରୟ କେନ୍ଦ୍ର(ପିଏଭିକେ) ଖୋଲିବା ପାଇଁ ଟାର୍ଗେଟ ଦିଆଗଲାଣି। ହେଲେ ଏପର୍ଯ୍ୟନ୍ତ ଓଡ଼ିଶାରୁ ଗୋଟିଏ ହେଲେ ବି ଆବେଦନପତ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରଣାଳୟର ଏହି ସ୍ୱତନ୍ତ୍ର ଆବେଦନ ପୋର୍ଟାଲରେ ପଡ଼ିନାହିଁ। ଏହାକୁ ନେଇ ମନ୍ତ୍ରଣାଳୟ ପକ୍ଷରୁ ପୁନର୍ବାର ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ସଚିବ ନରେଶପାଲ ଗଙ୍ଗୱାର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳରେ ଶସ୍ତା ଏବଂ ଉତ୍ତମ ପ୍ରାଣୀ ଚିକିତ୍ସା ଔଷଧ ଯୋଗାଇବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି; ଯଦ୍ୱାରା ପ୍ରାଣୀ ସମ୍ପଦର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତା ବୃଦ୍ଧିରେ ଏହା ସହାୟକ ହୋଇପାରିବ। ଫଳରେ ଚାଷୀଙ୍କ ଆୟ ବୃଦ୍ଧି ହେବା ସହିତ ପ୍ରାଣୀ ସମ୍ପଦ ସମଗ୍ର ବିକାଶ ସମ୍ଭବ ହୋଇପାରିବ। ତେବେ ଏବେ ବି ରାଜ୍ୟର ବହୁ ଅଞ୍ଚଳ ରହିଛି, ଯେଉଁଠାରେ ଶସ୍ତା ଓ ଗୁଣବତ୍ତାଯୁକ୍ତ ପ୍ରାଣୀ ଔଷଧ ପହଞ୍ଚି ପାରିନାହିଁ। ଏହି ତାରତମ୍ୟକୁ ପୂରଣ କରିବା ପାଇଁ ପ୍ରାଣୀ ପାଳନ ଓ ଡେଏରି ବିଭାଗ ପ୍ରାଣୀ ଔଷଧିକୁ ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଏକ ମୁଖ୍ୟ ଉଦ୍ୟମ ଭାବେ ଆରମ୍ଭ କରିଛି। ଏହା ଅଧୀନରେ ପିଏମ୍-କିଷାନ ସମୃଦ୍ଧି କେନ୍ଦ୍ର ଓ ସହକାରୀ ସମିତିମାନଙ୍କ ମାଧ୍ୟମରେ ଶସ୍ତା ଦରରେ ଜେନେରିକ ପ୍ରାଣୀ ଔଷଧ ବିକ୍ରୟ କରାଯିବ। ପ୍ରାଣୀ ଔଷଧି ବିକ୍ରୟ କେନ୍ଦ୍ର ରାଜ୍ୟ, ଜିଲା ଓ ବ୍ଲକ୍ ସ୍ତରରେ ଖୋଲିବା ଆବଶ୍ୟକ। ଆବଶ୍ୟକସ୍ଥଳେ ପ୍ରାଣୀ ଚିକିତ୍ସାଳୟ ପରିସରରେ ମଧ୍ୟ ସ୍ଥାପନ କରାଯାଇପାରିବ। ଏହାକୁ ନେଇ ୨୨ ଜୁଲାଇ ୨୦୨୫ରେ ପୂର୍ବରୁ ଇ-ମେଲ୍ ଜରିଆରେ ପ୍ରଦାନ କରାଯାଇଛି; ଯେଉଁଥିରେ ପ୍ରାଣୀ ଔଷଧି କେନ୍ଦ୍ର ଲାଗି ମାର୍ଜିନ ଓ ପ୍ରୋତ୍ସାହନର ସମ୍ପୂର୍ଣ୍ଣ ବିବରଣୀ ରହିଛି। ପିଏଭିକେ ସ୍ଥାପନ ପାଇଁ ଅନ୍‌ଲାଇନ ଆବେଦନ ସୁବିଧା ବିଭାଗର ୱେବ୍‌ସାଇଟରେ ପ୍ରାଣୀ ଔଷଧି ଶୀର୍ଷକ ଅଧୀନରେ ଉପଲବ୍ଧ ରହିଛି। କିନ୍ତୁ ରାଜ୍ୟରେ ମୋଟ ୩୪୪ଟି ପିଏଭିକେ ସ୍ଥାପନ କରିବାକୁ ଲକ୍ଷ୍ୟ ରହିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଆବେଦନ ମନ୍ତ୍ରଣାଳୟକୁ ମିଳିନାହିଁ। ସେହିପରି ଓଡ଼ିଶା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅନୁଯାୟୀ ପିଏଭିକେ ଖୋଲିବା ପାଇଁ ଚିହ୍ନଟ ପିଏମ୍-କେଏସ୍‌କେ ସହକାରୀ ସମିତିମାନଙ୍କ ଦ୍ୱାରା ଡିଏଏଚ୍‌ଡି ପୋର୍ଟାଲରେ ଆବେଦନ ଦାଖଲ କରାଇବାକୁ ପଦକ୍ଷେପ ନେବାକୁ ମୁଖ୍ୟଶାସନ ସଚିବଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଗଙ୍ଗୱାର ଅନୁରୋଧ କରିଛନ୍ତି।



NARESH PAL GANGWAR, IAS

Government of India
Ministry of Fisheries, Animal Husbandry & Dairying
Department of Animal Husbandry & Dairying

23rd January, 2026

Respected Madam,

Availability of affordable and quality veterinary medicines in rural and remote areas is critical for improving livestock health and productivity, thereby enhancing farmers' income and overall growth of the livestock sector. Despite sustained efforts, access to affordable and quality veterinary medicines continues to remain a challenge in several regions.

To address this gap, the Department of Animal Husbandry and Dairying has introduced "Pashu Aushadhi" as a key component under the Livestock Health and Disease Control Programme (LHDCP), envisaging the sale of Generic Veterinary Medicines at affordable rates through PM-Kisan Samriddhi Kendras (PM-KSKs) and Co-operative Societies. Pashu Aushadhi Vikray Kendras (PAVKs) are to be established at the State, District, and Block levels preferably in the premises of Veterinary hospitals.

The Operational Guidelines, including details of margins and incentives, were circulated earlier in email dated 22nd July 2025 (enclosed). An online application facility for establishment of PAVKs is available on the Department's website (www.dahd.gov.in) under the caption "Pashu Aushadhi".

However, out of the total 344 PAVKs targeted in the State, no application has been received so far (target enclosed). I, therefore, request your kind intervention with Department of Animal Husbandry and the Department of Cooperation for submission of applications on DAHD's portal by the identified PM-KSK/ Co-operative Societies for opening of PAVKs in accordance with the target allocated to your State.

With Regards,

Yours sincerely,
(Naresh Pal Gangwar)

Encl: as above

Ms. Anu Garg
Chief Secretary
Government of Odisha
Bhubaneswar

ପ୍ରାଣୀ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦତ୍ତ ପତ୍ରର ନକଲ।

# ମହିଳା, କୃଷକ, ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିବୁ: କାଡାମ

## କଂଗ୍ରେସ ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୧୬।୨
(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ବିଧାନସଭାସ୍ଥିତ ନିଜସ୍ୱ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ ପରେ କାଡାମ କହିଛନ୍ତି, ଏଥର ବିଧାନସଭାରେ କଂଗ୍ରେସ ରାଜ୍ୟବାସୀଙ୍କ ସ୍ୱରକୁ ଶାଣିତ କରିବ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ପ୍ରତ୍ୟେକ ଦିନ ବଳାତ୍କାର ଏବଂ ଗଣବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାମାନ ଘଟୁଥିଲେ ହେଁ ସରକାର ନାଚାର ଅଛନ୍ତି। ଏହାକୁ ନେଇ ସରକାରଙ୍କୁ ଜବାବ ଲୋଡ଼ିବୁ।

ସେ କହିଥିଲେ, ରାଜ୍ୟ ସରକାର ଚାଷୀମାନଙ୍କୁ ନାହିଁ ନ ଥିବା ହଇରାଣ ହରକତ କରୁଛନ୍ତି। ଯାହା ପ୍ରତିଶ୍ରୁତି ଦେଇଥିଲେ ସେହି ଅନୁସାରେ ଗୋଟିଏ ବି କାର୍ଯ୍ୟ କରୁ ନାହାନ୍ତି। ଚାଷୀଙ୍କୁ ୮ ଶହ ଟଙ୍କାର ଇନ୍‌ପୁଟ ସବ୍‌ସିଡ କେବଳ ଧୂଆଁବାଣ। ଲକ୍ଷାଧିକ ଚାଷୀଙ୍କ ଧାନ ଏପର୍ଯ୍ୟନ୍ତ ଉଠିପାରୁ ନାହିଁ। ଏହାକୁ ନେଇ ଏଥର ଗୃହରେ କମ୍ପମାନ ହେବ। ଏହାସହିତ ବିଭିନ୍ନ ଟେଣ୍ଡରରେ ଦୁର୍ନୀତି, ପେସା ଆଇନ କାର୍ଯ୍ୟକାରୀ କରିବା ଏବଂ ବାଲି,ଖଣି ଚୋରି ସହିତ ଯୋଜନାବୋର୍ଡ ଗଠନ ନ ହେବା ନେଇ ସରକାରଙ୍କୁ ଘେରିବୁ ବୋଲି କାଡାମ କହିଛନ୍ତି।

ଏହି ଅବସରରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ରାଜ୍ୟରେ ଏବେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି। ସତେ ଯେମିତି କେହି କାହା କଥା ଶୁଣିବାକୁ ନାହିଁ। ପିୟୁସିସି ନିୟମ ଲାଗୁ ହେବାଠାରୁ ଆରମ୍ଭ କରି ଗୁଟ୍‌ଖା ପର୍ଯ୍ୟନ୍ତ ସବୁଥିରେ ସରକାର ୟୁଟର୍ନ ମାରୁଛନ୍ତି। ପୂର୍ବ ସରକାର ଯେଉଁ ପରିମାଣରେ ଦୁର୍ନୀତି କରୁଥିଲେ ତା'ଠାରୁ ଭାଜପା ସରକାରରେ ଶହେଗୁଣ ବଢ଼ି ଯାଇଛି। ଏସବୁ ପ୍ରସଙ୍ଗକୁ ଗୃହରେ ଉଠାଇବୁ ବୋଲି ଆଲୋଚନା ହୋଇଥିବା ଫିର୍ଦ୍ଦୋସ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ାରେ ଦଳିତ ପ୍ରସଙ୍ଗକୁ ନେଇ ଜାତୀୟ ସ୍ତରରେ ଯେଉଁ ଚର୍ଚ୍ଚା ହେଉଛି ସେ ପ୍ରସଙ୍ଗ ମଧ୍ୟ ଉଠାଇବୁ ବୋଲି ବିଧାୟିକା କହିଛନ୍ତି। ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାୟକ ଅଶୋକ ଦାସ, ମଙ୍ଗୁ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାହର ୨ ଦିନ ପୂର୍ବରୁ ଦୁର୍ଘଟଣାରେ ଯୁବକ ମୃତ

ରାୟଗଡ଼ା, ୧୬।୨(ଆଶିଷ ରଞ୍ଜନ ପଣ୍ଡା)

୨ ଦିନ ପରେ ବର ସାଜି ବିବାହ ବେଦୀରେ ବସିଥାନ୍ତେ। ହେଲେ ରବିବାର ମହାଶିବରାତ୍ରିରେ କୌଣସି କାମ ପାଇଁ ବାଇକ୍ ଯୋଗେ ରାୟଗଡ଼ା ସହରକୁ ଆସି ଫେରିବାବେଳେ ରାତି ପ୍ରାୟ ୧୦ଟାରେ ଗାଁ ନିକଟସ୍ଥ କଲଭର୍ଟରେ ଧକ୍କା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ବ୍ଲକ ଶେଷଖାଲ ଥାନା ଅନ୍ତର୍ଗତ ବାଇସିଂ ଗ୍ରାମର ସିଦ୍ଧାନ୍ତ ଗାଂଟା (୨୪)। ଚାଷ ଜମିରେ ସିଦ୍ଧାନ୍ତଙ୍କ ମୃତଦେହ ପଡ଼ିଥିବା ସୋମବାର ସକାଳୁ ଗାଁର କିଛି ଲୋକ ଦେଖି ତାଙ୍କ ପରିବାର ଲୋକେ ଓ ବାଇସିଂ ପଞ୍ଚାୟତ ସରପଞ୍ଚଙ୍କୁ ଜଣାଇଥିଲେ। ଖବରପାଇ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ କିଛି ଦୂରରେ ପଡ଼ିଥିବା ତାଙ୍କ ମୋଟରସାଇକେଲକୁ ଜବତ କରି ଘଟଣାର ତଦନ୍ତ କରିଛନ୍ତି।

ପରିବାରବର୍ଗଙ୍କ ସୂଚନା ମୁତାବକ ରବିବାର ସିଦ୍ଧାନ୍ତ କୌଣସି ଏକ କାମରେ ରାୟଗଡା ସହରକୁ ଯାଇଥିଲେ। ହେଲେ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। ତେବେ ସିଦ୍ଧାନ୍ତଙ୍କ କୌଣସି ପତ୍ତା ମିଳି ନ ଥିଲା। ସୋମବାର ସକାଳୁ ଗ୍ରାମ ନିକଟ ଚାଷ ଜମିରେ ତାଙ୍କ ମୃତଦେହ ପଡିଥିବା ଗ୍ରାମବାସୀ ଦେଖି ତାଙ୍କୁ ଖବର ଦେଇଥିଲେ। ଏହି ଘଟଣାକୁ ନେଇ ବାଇସିଂ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ

**ବେସରକାରୀ ସ୍କୁଲରେ ଶିକ୍ଷାରୁ ବଞ୍ଚିତ ଦୁର୍ବଳ ଶ୍ରେଣୀର ପିଲା**

## ଓଏଚ୍‌ଆରସିରେ ମାମଲା ପରେ ବିଭାଗୀୟ ପଦକ୍ଷେପ

ଯାଜପୁର, ୧୬।୨(ହର୍ଷବର୍ଦ୍ଧନ ବେହେରା)

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ)-୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଗରିବ ଓ ଅବହେଳିତ ଶ୍ରେଣୀର ୩ରୁ ୭ ବର୍ଷର ପିଲାମାନେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ଶିକ୍ଷା ପାଇ ପାରିବେ। ଏଥିପାଇଁ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲରେ ଆବେଦନ କରିବାର ବ୍ୟବସ୍ଥା ରହିଛି। ହେଲେ ଶିକ୍ଷା ବିଭାଗର ଅବହେଳା ଏବଂ ସଚେତନତା ଅଭାବରୁ ଅଧିକାଂଶ ଗରିବ ପରିବାରବର୍ଗ ଏହି ବ୍ୟବସ୍ଥା ସମ୍ପର୍କରେ ସଚେତନ ହୋଇପାରିନାହାନ୍ତି। ଫଳରେ ୨୦୧୮ରୁ ୨୦୨୩ ମଧ୍ୟରେ କେବଳ ୬ ଜିଲାରେ ଗରିବ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ୨୫ ପ୍ରତିଶତ ସଂରକ୍ଷିତ ଆସନ ମଧ୍ୟରୁ ୧୨,୮୬୦ ସିଟ୍ ପୂରଣ ହୋଇପାରିନାହିଁ। ଏନେଇ ୯।୧୨।୨୦୨୫ରେ ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଜଣାପଡ଼ିଥିଲା। ଏହାର ସବିଶେଷ ତଥ୍ୟ ଉପରେ ୧୦।୧୨।୨୦୨୫ରେ ଧରିତ୍ରୀରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଦୁର୍ବଳ, ଅବହେଳିତ ବର୍ଗର ପିଲା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି)ରେ ୪୬୮୯/୨୦୨୫ରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲା ଉପରେ ଓଏଚ୍‌ଆରସି ୨୩।୧୨।୨୦୨୫ରେ ବିଦ୍ୟାଳୟ ଓ ଗଣଶିକ୍ଷା(ଏସ୍‌ଏମ୍‌ଇ) ବିଭାଗର ସଚିବଙ୍କୁ ପରବର୍ତ୍ତୀ ଶୁଣାଣି ୧୨।୩।୨୦୨୬ ମଧ୍ୟରେ ତଥ୍ୟମୂଳକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଉକ୍ତ ନିର୍ଦ୍ଦେଶ ଉପରେ ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ ଗତ ୨୮ତାରିଖରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ(ଡିଇଇ)ଙ୍କୁ ଏସମ୍ପର୍କିତ ବିସ୍ତୃତ ତଥ୍ୟ ୭ଦିନ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି। ଇତିମଧ୍ୟରେ ଡିଇଇର ଯୁଗ୍ମ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଓଏଚ୍‌ଆରସିରେ ହୋଇଥିବା ଅଭିଯୋଗ ଅନୁସାରେ, ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ରାଜ୍ୟରେ ୪,୩୪୪ ବେସରକାରୀ ବିଦ୍ୟାଳୟ ଚାଲିଥିଲା। ଏହି ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ନାମଲେଖା କ୍ଷମତା ୭୮,୦୬୦ ରହିଥିଲା। ଶିକ୍ଷା ଅଧିକାର ଆଇନ ଅନୁସାରେ ଏଥିରୁ ଦୁର୍ବଳ ଓ ଅବହେଳିତ ବର୍ଗ ପାଇଁ ୨୫% ଅନୁସାରେ ୧୯,୫୧୫ ସିଟ ରହିଥିଲାବେଳେ ୧୩,୧୧୨ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ଫଳରେ ଗରିବ ଶ୍ରେଣୀଙ୍କ ପାଇଁ ଉଦ୍ଦିଷ୍ଟ ୬,୪୦୩ ସିଟ୍ ଖାଲି ପଡ଼ିଥିଲା। ଏହାବାଦ ୨୦୧୮ରୁ ୨୦୨୩ ମଧ୍ୟରେ ସିଏଜିର ନମୁନାଭୁକ୍ତ ତଦନ୍ତରେ ୬ ଜିଲାକୁ ନିଆଯାଇଥିଲା। ଉକ୍ତ ଜିଲାଗୁଡ଼ିକରେ ୭୨୧ଟି ବେସରକାରୀ ବିଦ୍ୟାଳୟ ରହିଥିବାବେଳେ ସେଥିରେ ୮୨,୬୨୭ ପିଲାଙ୍କ ନାମଲେଖା କ୍ଷମତା ରହିଥିଲା। ଏଥିରେ ଆର୍‌ଟିଇ ମାନଦଣ୍ଡ ଅନୁଯାୟୀ, ଦୁର୍ବଳ ଓ ଅବହେଳିତ ବର୍ଗର ୨୦,୬୫୭ ପିଲାଙ୍କ ନାମଲେଖା ବ୍ୟବସ୍ଥା ରହିଥିଲାବେଳେ ମାତ୍ର ୭,୭୯୭ ପିଲା ନାମ ଲେଖାଇଥିଲେ। ଫଳରେ ୧୨,୮୬୦ ଜଣ ପିଲା ନାମ ଲେଖାଇବାରୁ ବଞ୍ଚିତ ରହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ସଚେତନତା ଅଭିଯାନ କରି ନ ଥିବାରୁ ଗରିବ ଓ ଦୁର୍ବଳ ଶ୍ରେଣୀର ପିଲା ସେମାନଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ଓଏଚ୍‌ଆରସିରେ ଅଭିଯୋଗ ହୋଇଛି।




# ବିଧାନସଭା ସୁରକ୍ଷାରେ ରହିବେ ବ୍ଲାକ୍ କମାଣ୍ଡୋ

ଭୁବନେଶ୍ୱର, ୧୬।୨(ତ୍ରିନାଥ ମହାନ୍ତି)

ବିଧାନସଭା ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୋଲିସ କମିଶନର୍ ଏସ. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ। ଏଥିପାଇଁ ୩୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ଏଥର ସୁରକ୍ଷା ବ୍ୟବସ୍ଥାରେ ବ୍ଲାକ୍ କମାଣ୍ଡୋ ସାମିଲ ହୋଇଛନ୍ତି। ସେମାନେ ବିଧାନସଭା ଗେଟ୍ ସମ୍ମୁଖରେ ନିୟୋଜିତ ହେବେ। ଏଥର ସୁରକ୍ଷା ବ୍ୟବସ୍ଥାରେ ସାଇରନ ବାଜିବ। ସାଇରନ୍ ବାଜିବା ମାତ୍ରେ କେଉଁ ଗେଟ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ ଏବଂ କାହାର କ'ଣ ଦାୟିତ୍ୱ ରହିବ ସେମାନେ ସାଇରନରୁ ଜାଣିପାରିବେ।

ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବା ବେଳେ ତାଙ୍କ ଅଧୀନରେ ୮ ଜଣ ଅତିରିକ୍ତ ଡିସିପି, ୨୪ ଏସିପି, ୨୭ ଇନ୍ସପେକ୍ଟର, ୧୧୦ ଏସ୍‌ଆଇ ଓ ଏଏସ୍‌ଆଇ ଦାୟିତ୍ୱରେ ରହିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜାଯାଇଛି। ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯାଇଛି। ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୋଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ରହିବ ବିଧାନସଭା। ଲୋୟର ପିଏମ୍‌ଜିରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି କରାଯିବ। ସିସିଟିଭି ସର୍ଭେଲାନ୍ସ ଦ୍ୱାରା ବିଧାନସଭା ଓ ତାକୁ ଲାଗି ରହିଥିବା ସଂଲଗ୍ନ ସ୍ଥାନଗୁଡ଼ିକୁ ରଖାଯିବ। ଆହୁରି ମଧ୍ୟ ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି। ସେମାନେ ଯେପରି ବିଧାନସଭା ଅଭିମୁଖେ ଯାଇ ନ ପାରିବେ ସେଥିଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେଉଁମାନେ ଏଭଳି କରିବାକୁ ଉଦ୍ୟମ କରନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିପି ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।



ବିଧାନସଭା ପରିସରରେ ସୋମବାର ସୁରକ୍ଷା ସ୍ଥିତି ଯାଞ୍ଚ କରୁଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ।

■ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ପୋଲିସ କମିଶନର, ଡିସିପି

■ ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା

# ୮୮ ଦିନ ପରେ ଖୋଲିଲା ନୂଆଗାଁ ଅଙ୍ଗନୱାଡି କେନ୍ଦ୍ର

## ପିଲାଙ୍କୁ ଘରୁ ଡାକି ଆଣିଲେ ବିଧାୟକ

ରାଜନଗର, ୧୬।୨
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଜାତିଗତ ଭେଦଭାବ ପ୍ରସଙ୍ଗରେ ସୋମବାର ପୂର୍ଣ୍ଣଚ୍ଛେଦ ପଡିଛି। ଦୀର୍ଘ ୮୮ ଦିନ ପରେ ସ୍ୱାଭାବିକ ହୋଇଛି କେନ୍ଦ୍ର। ୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬ ଜଣ ଆସିବା ସହିତ ପାଠ ପଢି ଖାଦ୍ୟ ଖାଇଛନ୍ତି। ସକାଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଗାଁରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କଲାବେଳେ ଅଙ୍ଗନୱାଡି ଘର ନ ଥିବା ବେଳେ ଗାଁକୁ ରାସ୍ତା ନାହିଁ। ପିଲା କିପରି ପଢିବାକୁ ଆସିବେ ବୋଲି ଲୋକେ କହିଥିଲେ। ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅଙ୍ଗନୱାଡି ଘର ପାଇଁ ୫ ଲକ୍ଷ ଟଙ୍କା ଓ ଗାଁ ରାସ୍ତା ପାଇଁ ୨ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରି ସଙ୍ଗେ ସଙ୍ଗେ ଦୁଇଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ।

ଗାଁ ମୁରବି ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ କେନ୍ଦ୍ରକୁ ପଢ଼ିବାକୁ ଛାଡ଼ିଥିଲେ। ବିଧାୟକ ପିଲାଙ୍କୁ କାଖେଇ କେନ୍ଦ୍ରକୁ ଆଣିଥିଲେ। ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତି ସଭ୍ୟାଙ୍କ ପ୍ରତିନିଧି ରାକେଶ କୁମାର ନାୟକ ପ୍ରମୁଖ ପିଲାମାନଙ୍କୁ କାଖେଇ ଅଙ୍ଗନୱାଡି କେନ୍ଦ୍ର ଯାଏ ଆଣିଥିଲେ। କେନ୍ଦ୍ରରେ ପିଲାମାନଙ୍କୁ ବିଧାୟକ ଚକୋଲେଟ ବାଣ୍ଟିବା ସହିତ ସହାୟିକା ଶର୍ମିଷ୍ଠା ମୁଢିମୁଆଁ ଖାଇବାକୁ ଦେଇଥିଲେ। ସହାୟିକା ନିଜେ ଭାତ ଡାଲ୍‌ମା ରୋଷେଇ କରିବା ସହିତ ପିଲାମାନଙ୍କୁ ଖାଇବାକୁ ଦେଇଥିଲେ।

ସୂଚନାଯୋଗ୍ୟ, ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଜାତିଗତ ଭେଦଭାବ ଘଟଣା ଜାତୀୟ ସ୍ତରରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଅନୁସୂଚିତ ଜାତିର ଯୁବତୀ ଶର୍ମିଷ୍ଠା ସେଠୀ ୨୦ ନଭେମ୍ବର ୨୦୨୫ରେ ଉକ୍ତ କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା।

ଏହି ଘନୀଭୂତ ଓ ଜଡ଼ୀଭୂତ ଜଡ଼-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ।-ଶ୍ରୀଅରବିନ୍ଦ

-ଅମାବାସ୍ୟା, ଗୋସହସ୍ରୀ ସ୍ନାନ



# ଗାଈ ସଂଗ୍ରହାଳୟ

ଉତ୍ତର ପ୍ରଦେଶର ଏକ ସରକାରୀ ସଂସ୍ଥା 'ଉତ୍ତର ପ୍ରଦେଶ ବ୍ରଜ ତୀର୍ଥ ବିକାଶ ପରିଷଦ' ମଥୁରାଠାରେ ଭାରତର ପ୍ରଥମ 'କାଓ କଲ୍‌ଚର ମ୍ୟୁଜିୟମ୍' ବା ଗାଈ ସଂସ୍କୃତି ସଂଗ୍ରହାଳୟ ପ୍ରତିଷ୍ଠା କରିବ ବୋଲି ନିକଟରେ ଘୋଷଣା କରିଛି। ଏହା ଗାଈମାନଙ୍କ ଧର୍ମୀୟ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରିବା ସହ ସାଧାରଣ ଲୋକଙ୍କ ସକାଶେ ବୈଜ୍ଞାନିକ ଉପଯୋଗିତା ଆଣିବ ବୋଲି କୁହାଯାଇଛି। ବ୍ୟବହାରିକ ଦୃଷ୍ଟିରୁ ଦେଖିଲେ କ୍ଷୀରଜାତୀୟ ପଦାର୍ଥର ଅନ୍ୟତମ ଉତ୍ସ ହେଉଛି ଗାଈ। ଆଜିର ସ୍ଥିତିରେ ଦେଶୀ ଗାଈ ଆଉ ମିଳୁନାହାନ୍ତି। ସବୁଠି ହାଇବ୍ରିଡ୍ ବା ସଙ୍କରଜାତୀୟ ଗାଈ। ଜନସଂଖ୍ୟାକୁ ଲକ୍ଷ୍ୟ କରି ସେମାନଙ୍କ ସଂଖ୍ୟାକୁ ବଢ଼ାଇ ଦିଆଯାଉଛି। ବିଶାଳ ଜନସଂଖ୍ୟାବିଶିଷ୍ଟ ଦେଶରେ ଲୋକଙ୍କ ଖାଦ୍ୟ ଚାହିଦାକୁ ପୂରଣ କରିବା ଲକ୍ଷ୍ୟରେ ଦୁଗ୍ଧଜାତ ଖାଦ୍ୟର ଆବଶ୍ୟକତା ବଢୁଛି। ଅବଶ୍ୟ ଏବକାର ବୈଜ୍ଞାନିକମାନଙ୍କ ମତରେ ଗାଈ କ୍ଷୀର ପିଇବା ମଣିଷ ପାଇଁ ଅସ୍ୱାସ୍ଥ୍ୟକର। ଏହା ବ୍ୟତୀତ ମନେରଖିବାକୁ ହେବ ଯେ, ଜନ୍ମ କରିବା ପରେ ଗାଈ କ୍ଷୀର କେବଳ ତାହାରି ବାଛୁରି ପାଇଁ ଉଦ୍ଦିଷ୍ଟ। ସେହି ଦୁଗ୍ଧକୁ ମଣିଷ ଦୁହିଁନେବାଟା କୌଣସି ଭାବେ ଆଧ୍ୟାତ୍ମିକ ମାନଦଣ୍ଡ ପୂରଣ କରେନାହିଁ। ଆଧୁନିକ ପୃଥିବୀରେ 'ଭେଗାନ୍' ଖାଦ୍ୟ ପ୍ରତି ଅନେକେ ଆକୃଷ୍ଟ ହେଉଛନ୍ତି। ଏହାର ଅର୍ଥ ହେଲା ମଣିଷ ଖାଦ୍ୟରେ ପଶୁ ମାଂସ, ଗୋରସର ବ୍ୟବହାର କୌଣସି ଭାବେ ସ୍ୱାସ୍ଥ୍ୟପ୍ରଦ ନୁହେଁ। ତେଣୁ ଗୋମାଂସ ଖାଇବା ଯେତିକି ପାପ, ସେହିଭଳି ଗୋରସ ପିଇବା ମଧ୍ୟ ଅନୁରୂପ ଦୃଷ୍ଟିରେ ଦେଖିବା ଉଚିତ। ତେବେ ମଣିଷ ନିଜ ସୁବିଧା ପାଇଁ ସବୁ ବିଷୟରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରିପାରେ। ଭାରତ ଭଳି ଗ୍ରୀଷ୍ମମଣ୍ଡଳୀୟ ଦେଶରେ ପୂର୍ବରୁ ଅନେକ ଜଙ୍ଗଲ ଥିଲା। ସେହିଭଳି ଜନସଂଖ୍ୟା ମଧ୍ୟ ଆଜିଭଳି ଭରପୂର ନ ଥିଲା। ସ୍ୱାଧୀନତା ବେଳେ ଜନସଂଖ୍ୟା ପ୍ରାୟ ୩୫ କୋଟି ଥିଲା। ସେତେବେଳେ ଗୋରୁଙ୍କ ସଂଖ୍ୟା ତଦନୁଯାୟୀ ଥିବ ବୋଲି କୁହାଯାଇପାରେ। ଯେହେତୁ ଅଧିକ ଗାଈ ଗ୍ରାମାଞ୍ଚଳରେ ରହୁଥିଲେ, ସେଥିପାଇଁ ଜଙ୍ଗଲୀ ଜନ୍ତୁଙ୍କର ଶିକାର ମଧ୍ୟ ପାଲଟୁଥିଲେ। ସମ୍ଭବତଃ ସେଥିପାଇଁ ଗାଈଙ୍କୁ ମାତାର ରୂପ ଦିଆଯାଇଛି।

> **ଧର୍ମୀୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରା ରଖାଯାଇ ଗାଈଙ୍କୁ ଯେଭଳି ଗୁରୁତ୍ୱ ଦିଆଯାଉଛି, ସମାନ ପ୍ରକାର ପ୍ରାଧାନ୍ୟ ଅନ୍ୟ ଜୀବ ପ୍ରତି ଦିଆଯିବା ଦରକାର। କାରଣ ଉତ୍ତମ ପ୍ରାଣିମଣ୍ଡଳ ଲାଗି ସଭିଙ୍କ ଉପସ୍ଥିତି କେବଳ ଆବଶ୍ୟକ ନୁହେଁ, ଅତ୍ୟନ୍ତ ଜରୁରୀ। ଏ ଦିଗରେ ନୀତି ପ୍ରଣେତାମାନେ ଚିନ୍ତାର ପରିସରକୁ ସର୍ବବ୍ୟାପୀ କରିବା ଲୋଡ଼ା ପଡ଼ିଲାଣି।**

ସୁରକ୍ଷିତ ରଖିବାର ଉଦ୍ୟମ ମଧ୍ୟ କରାଯାଇଥିଲା। ପ୍ରକୃତି ହିସାବରେ ସବୁ ଜନ୍ତୁଙ୍କର ଏକ ବିଶେଷ ଭୂମିକା ରହିଛି। ଖାଦ୍ୟଶୃଙ୍ଖଳରେ ଗାଈର ସ୍ଥାନ ଅତି ତଳେ। ତେଣୁ ହିନ୍ଦୁ ଧର୍ମରେ ଗୋମାତାକୁ ଗୁରୁତ୍ୱ ଦିଆଯାଇଥିଲା, କାରଣ ସେତେବେଳେ ତା'ର ଅର୍ଥନୈତିକ ଉଦ୍ଦେଶ୍ୟ ରହିଥିବ। ଆଜି ମଧ୍ୟ ସେହି ପ୍ରାଣୀର ଅର୍ଥନୈତିକ ମୂଲ୍ୟ ବଜାୟ ରହିଛି।

୨୦୨୪ରେ ପ୍ରକାଶିତ ଏକ ପରିସଂଖ୍ୟାନ ଅନୁଯାୟୀ ଭାରତରେ ୩୦ କୋଟିରୁ ଊର୍ଦ୍ଧ୍ୱ ଗୋରୁ ଥିଲେ। ଇତିମଧ୍ୟରେ ସେମାନଙ୍କ ସଂଖ୍ୟା ନିଶ୍ଚୟ ବଢ଼ିଥିବ। ହେଲେ ସେଥିରୁ କ୍ୱଚିତ ପ୍ରାକୃତିକ ଉପାୟରେ ବଢୁଥିବା ଗାଈ ମିଳିବେ। ଗୋଟିଏ ପଟେ ଗାଈକୁ ଭାରତରେ ପବିତ୍ର ଆଖ୍ୟା ଦିଆଯାଇ ହିନ୍ଦୁ ପୁରାଣ ଶାସ୍ତ୍ରରେ ଉଚ୍ଚସ୍ଥାନ ଦିଆଯାଇଛି। ଅନ୍ୟପଟେ ହୋଲଷ୍ଟିନ୍ ଭଳି ହାଇବ୍ରିଡ୍ ଗାଈକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏବର ପରିସ୍ଥିତିରେ ଗାଈକୁ ପ୍ରାଣୀ ସ୍ତରରେ ରଖା ନ ଯାଇ ଧର୍ମ ଓ ରାଜନୀତି ସ୍ତରକୁ ନିଆଯାଉଥିବାରୁ ସାମାଜିକ ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହେଉଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିମାନେ ଗୋରୁଙ୍କୁ କଂସେଇଖାନାକୁ ନେଇଥାଆନ୍ତି। ହିନ୍ଦୁ କୃଷକମାନେ ଗାଈକୁ ବିକ୍ରି କରିଥାନ୍ତି। ଏବର ଅସୁବିଧା ହେଲା ଗୋରୁଙ୍କୁ ନେଇ ଯାଉଥିବା ଲୋକଙ୍କୁ ପିଟି ମାରିଦିଆଯାଉଛି। କଂସେଇଖାନାକୁ ନେବା ପାଇଁ ଲୋକ ଆସୁ ନ ଥିବାରୁ ଗ୍ରାମାଞ୍ଚଳରେ ଅଦରକାରୀ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏ ସମ୍ପର୍କରେ ଉତ୍ତରପ୍ରଦେଶରୁ ଅନେକ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ଜୈବ ବିବିଧତା ବଜାୟ ରଖିବା ଲାଗି ସନ୍ତୁଳନତାର ଆବଶ୍ୟକତା ରହିଛି। ଆଜିର ସମୟରେ ପ୍ରାଣୀମାନଙ୍କ ମଧ୍ୟରେ ସନ୍ତୁଳନ ନ ରହିବାରୁ ଗୋଟେ ଗୋଟେ ପ୍ରଜାତି ବିଲୁପ୍ତପ୍ରାୟ ହେଉଥିବା ବେଳେ କେତେ ପ୍ରାଣୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଏହା ପ୍ରକୃତିର ଭାରସାମ୍ୟକୁ ଅସନ୍ତୁଳନ କରୁଛି। ଅନ୍ୟ ଦେଶରେ ଅବାଞ୍ଛିତ ଭାବେ ବଢ଼ିଯାଉଥିବା ପ୍ରାଣୀଙ୍କ 'କଲିଂ' କରାଯାଉଛି। ତେଣୁ ଜୈବ ସନ୍ତୁଳନ ବଜାୟ ରଖିବା ପାଇଁ ସବୁ ପ୍ରାଣୀଙ୍କ ଉପସ୍ଥିତି ରହିବା ନିହାତି ଦରକାର। ହାତୀ ବଣର ବଡ଼ ଜୀବ। ଏହା ଗଛ ଉପରକୁ ଶୁଣ୍ଢ ବଢ଼ାଇ ଡାଳପତ୍ର ଖାଇଗଲେ ତଳେ ଅନ୍ୟ ଗଛଗୁଡ଼ିକ ବଢ଼ିବାରେ ସହାୟକ ହୋଇଥାଏ। ସେହିପରି ହରିଣ ଶିକାର କରି ବାଘ ବଞ୍ଚେ। ବାଘ ସଂଖ୍ୟା ଲୋପ ପାଇଗଲେ ହରିଣ ବଢ଼ିଯିବେ।

କେବଳ ଗାଈଙ୍କ ସୁରକ୍ଷା ଓ ସେମାନଙ୍କ ବିଷୟରେ ସର୍ବବ୍ୟାପୀ କାର୍ଯ୍ୟ ହେଲେ ଅନ୍ୟ ପ୍ରାଣୀମାନେ ଅଣଦେଖା ହୋଇଯିବେ। ଧର୍ମୀୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରା ରଖାଯାଇ ଗାଈଙ୍କୁ ଯେଭଳି ଗୁରୁତ୍ୱ ଦିଆଯାଉଛି, ସମାନ ପ୍ରକାର ପ୍ରାଧାନ୍ୟ ଅନ୍ୟ ଜୀବ ପ୍ରତି ଦିଆଯିବା ଦରକାର। କାରଣ ଉତ୍ତମ ପ୍ରାଣିମଣ୍ଡଳ ଲାଗି ସଭିଙ୍କ ଉପସ୍ଥିତି କେବଳ ଆବଶ୍ୟକ ନୁହେଁ, ଅତ୍ୟନ୍ତ ଜରୁରୀ। ଏ ଦିଗରେ ନୀତି ପ୍ରଣେତାମାନେ ଚିନ୍ତାର ପରିସରକୁ ସର୍ବବ୍ୟାପୀ କରିବା ଲୋଡ଼ା ପଡ଼ିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 9 | | | | | 4 | |
| 4 | 2 | | 5 | | | 7 | 6 | 3 |
| 1 | 6 | | | | 4 | | | 2 |
| | 9 | | 1 | | 5 | 2 | | |
| | | | | 3 | 6 | 4 | | 7 |
| 6 | | | 2 | 7 | | 3 | | |
| 8 | | 2 | | 9 | 1 | 6 | | 5 |
| | 1 | | 8 | 6 | | | | |
| 9 | 3 | | | 5 | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 4 | 8 | 2 | 5 | 7 | 1 |
| 5 | 4 | 8 | 3 | 1 | 7 | 6 | 2 | 9 |
| 7 | 2 | 1 | 9 | 5 | 6 | 4 | 8 | 3 |
| 9 | 7 | 4 | 8 | 3 | 5 | 1 | 6 | 2 |
| 8 | 6 | 3 | 2 | 7 | 1 | 9 | 5 | 4 |
| 2 | 1 | 5 | 6 | 9 | 4 | 8 | 3 | 7 |
| 1 | 5 | 2 | 7 | 6 | 9 | 3 | 4 | 8 |
| 6 | 8 | 7 | 1 | 4 | 3 | 2 | 9 | 5 |
| 4 | 3 | 9 | 5 | 2 | 8 | 7 | 1 | 6 |

ଗତକାଲିର ଉତ୍ତର

# ପରୀକ୍ଷା ପାଇଁ ପ୍ରସ୍ତୁତି



ଡ. ସତ୍ୟକାମ ମହାପାତ୍ର

ଚଳିତ ବର୍ଷ ଫେବୃଆରୀଠାରୁ ଆମ ରାଜ୍ୟରେ ବିଭିନ୍ନ ପରୀକ୍ଷା ଆରମ୍ଭ ହେଉଛି। ଏଥି ନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀ ଜୋର୍‌ସୋରରେ ପ୍ରସ୍ତୁତି ଚଳାଇଛନ୍ତି। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ଯେତିକି ବ୍ୟସ୍ତ ସେମାନଙ୍କର ଅଭିଭାବକ ମଧ୍ୟ ସେତିକି ବ୍ୟସ୍ତ ଓ ଚିନ୍ତିତ। କାରଣ ପରୀକ୍ଷାର ଫଳାଫଳ ଉପରେ ଭବିଷ୍ୟତର ପାଠପଢ଼ା ଓ ଚାକିରି ବହୁତ ପରିମାଣରେ ନିର୍ଭର କରିଥାଏ। ପରୀକ୍ଷାରେ ସଫଳହେବା ପାଇଁ ଠିକ୍ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ଏହି ପ୍ରସ୍ତୁତି ପ୍ରକ୍ରିୟା ପାଇଁ ପରୀକ୍ଷାର୍ଥୀଙ୍କ ସହ ଅଭିଭାବକଙ୍କର ମଧ୍ୟ ଗୁରୁତ୍ୱପର୍ଣ୍ଣ ଭୂମିକା ରହିଥାଏ।

ପରୀକ୍ଷାର୍ଥୀଙ୍କ ପାଇଁ ପରାମର୍ଶ: ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ପାଠ ପଢ଼ିବା ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ନିଜର ଶିକ୍ଷକ, ମାତାପିତା ଓ ବଡ଼ ଭାଇଭଉଣୀଙ୍କ ସହ ଆଲୋଚନାକରି ନିଜ ପାଠ ପଢ଼ିବାର ଯୋଜନା ପ୍ରସ୍ତୁତ କରନ୍ତୁ। ସେହି କାର୍ଯ୍ୟସୂଚୀ ଅନୁସାରେ ସଂଗଠିତ ଓ ଯୋଜନା ମୁତାବକ ପାଠ ପଢ଼ନ୍ତୁ। ଯେଉଁ ବିଷୟ କଷ୍ଟ ଲାଗୁଥିବ ତାକୁ ଅଧିକ ସମୟ ଦିଅନ୍ତୁ। ତାକୁ ବାରମ୍ବାର ଅଭ୍ୟାସ (ରିଭିଜନ) କରନ୍ତୁ। ପାଠକୁ ଭାଗ ଭାଗ କରି ପଢ଼ନ୍ତୁ। ଫଳରେ ପାଠ ଅଧିକ ମାତ୍ରାରେ ମନେରହିବ। ନିଜ ସହପାଠୀଙ୍କ ସହ ବିଭିନ୍ନ ବିଷୟ ଆଲୋଚନାକରି ପଢ଼ିଲେ ପାଠ ବୁଝିବା ଓ ମନେରଖିବାରେ ସୁବିଧା ହୋଇ ଥାଏ। କୌଣସି ବିଷୟରେ କିଛି ବୁଝାପଡୁ ନ ଥିଲେ ତାକୁ ହେୟଜ୍ଞାନ ନ କରି ନିଜ ଶିକ୍ଷକ , ମାତାପିତା କିମ୍ବା ସହପାଠୀଙ୍କର ସାହାଯ୍ୟ ନିଅନ୍ତୁ। ଲଗାତର ଘଣ୍ଟା ଘଣ୍ଟା ଧରି ପାଠ ପଢ଼ନ୍ତୁ ନାହିଁ। ଏହାଦ୍ୱାରା ପାଠରେ ଏକାଗ୍ରତା ରହେ ନାହିଁ। ତେଣୁ ୪୫ ମିନିଟ୍‌ରୁ ୧ ଘଣ୍ଟା ପାଠ ପଢ଼ିଲା ପରେ କିଛି ସମୟ ବିରତି ନିଅନ୍ତୁ। ଏହି ସମୟରେ ମନକୁ ଶାନ୍ତି ଦେଲା ଭଳି କିଛି କାମ କରନ୍ତୁ। ଯଥା ମଧୁର ସଙ୍ଗୀତ ଶୁଣନ୍ତୁ, ପରିବାର ଲୋକଙ୍କ ସହ କଥା ହୁଅନ୍ତୁ। ପାଠକୁ ଘୋଷି ପଢ଼ିବା ପରିବର୍ତ୍ତେ ବୁଝିକରି ପଢ଼ିଲେ ସହଜରେ ମନେରହେ।

ରାତିରେ ଡେରି ପର୍ଯ୍ୟନ୍ତ ପଢ଼ନ୍ତୁ ନାହିଁ। ରାତିରେ ଶୀଘ୍ର ଶୋଇ ସକାଳୁ ଜଲ୍‌ଦି ଉଠନ୍ତୁ। ସକାଳୁ ମନ ସ୍ଥିର ଓ ଶାନ୍ତ ଥାଏ। ଏହି ସମୟରେ ପାଠ ପଢ଼ିଲେ ମନେରଖିବାର ସମ୍ଭାବନା ଅଧିକ ଥାଏ। ମଧ୍ୟାହ୍ନ ଓ ରାତ୍ରିଭୋଜନର ୩୦ ମିନିଟ୍ ପର ପର୍ଯ୍ୟନ୍ତ ପାଠ ପଢ଼ନ୍ତୁ ନାହିଁ। ଏହି ସମୟରେ ବିଶ୍ରାମ ନିଅନ୍ତୁ। କାରଣ ଏହି ସମୟରେ ମସ୍ତିଷ୍କକୁ ରକ୍ତ ସଂଚାଳନ କମିଯାଇଥାଏ ଓ ପାକସ୍ଥଳୀକୁ ରକ୍ତ ସଂଚାଳନ ବଢ଼ିଯାଇଥାଏ। ଫଳରେ ପାଠ ପଢ଼ିଲେ ଠିକ୍ ମନେ ରହେନାହିଁ। ପାଠ ପଢୁଥିଲା ବେଳେ ଅନେକ



ପିଲାଙ୍କୁ ଲାଗିଥାଏ ଯେ ଏତେ ପଢ଼ିଲା ପରେ ମଧ୍ୟ କିଛି ମନେ ରହୁନାହିଁ। ମାତ୍ର ଏହା ଏକ ସାଧାରଣ ଅନୁଭୂତି । ଏପରି ପ୍ରାୟ ସମସ୍ତଙ୍କୁ ଲାଗିଥାଏ। ଏହା ପାଇଁ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଧରନ୍ତୁ। ପ୍ରତ୍ୟେକ ବିଷୟକୁ ବାରମ୍ବାର ରିଭିଜନ(ପୁନର୍ଭ୍ୟାସ) କରନ୍ତୁ। ଗୋଟିଏ କଥା ଜାଣିରଖିବାକୁ ହେବ ଯେ କୌଣସି ଔଷଧ ଦ୍ୱାରା ସ୍ମରଣ ଶକ୍ତି ବଢ଼ାଇ ହେବନାହିଁ। ପାଠ ମନେରଖିବା ପାଇଁ ଅଧିକ ପରିଶ୍ରମ ହିଁ ଏକ ମାତ୍ର ବାଟ। ପାଠ ପଢ଼ିଲା ବେଳେ ଅନେକ ପିଲାଙ୍କ ମନରେ ଚିନ୍ତା ଆସିଥାଏ ଯେ ପରୀକ୍ଷା କେମିତି ହେବ, କେତେ ନମ୍ବର ରହିବ, ଏସବୁକୁ ନେଇ ମନରେ ଆଶଙ୍କା ଓ ଏକ ପ୍ରକାର ଭୟ ଆସିଥାଏ, ଯାହାକୁ ସାଧାରଣ ଭାଷାରେ ଆଙ୍ଗ୍‌ଜାଇଟି ବା ଟେନ୍‌ସନ ବୋଲି କୁହାଯାଇଥାଏ।

ଏସବୁ ମନରେ ଆସିଲେ ବ୍ୟସ୍ତ ହୁଅନ୍ତୁ ନାହିଁ। ବରଂ ଏହା ଦ୍ୱାରା ପରୀକ୍ଷାରେ ପ୍ରଦର୍ଶନ ବଢ଼ିଥାଏ।

ପରୀକ୍ଷାରେ ସମୟର ଠିକ୍ ପରିଚାଳନାକରିବା ନିମନ୍ତେ ପୂର୍ବରୁ ଯୋଜନା ପ୍ରସ୍ତୁତ କରନ୍ତୁ। କେଉଁ ପ୍ରଶ୍ନକୁ କେତେ ସମୟ ଦେବେ ତାହା ପୂର୍ବରୁ ସ୍ଥିର କରି ରଖନ୍ତୁ। ମଡେଲ ପ୍ରଶ୍ନପତ୍ର କଲା ବେଳେ ଏସବୁ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବ ବର୍ଷର ପ୍ରଶ୍ନପତ୍ରକୁ ପ୍ରଦତ୍ତ ସମୟ ମଧ୍ୟରେ କରିବାର ଅଭ୍ୟାସ କରନ୍ତୁ। ପରୀକ୍ଷା ପ୍ରସ୍ତୁତି ସମୟରେ ମୋବାଇଲ ଫୋନ, କମ୍ପ୍ୟୁଟର ଓ ସୋସିଆଲ ମିଡିଆ (ଫେସ୍‌ବୁକ୍, ହ୍ୱାଟ୍ସଆପ୍) ଓ ଭିଡିଓ ଗେମ୍‌ଠାରୁ ଦୂରେଇ ରୁହନ୍ତୁ। ଏସବୁ ମନକୁ ବିଚଳିତ କରିଥାଏ ,ପାଠ ପଢ଼ାରେ ଏକାଗ୍ରତା କମିଥାଏ ଓ ରାତିରେ ଭଲ ନିଦ ହୋଇ ନ ହୋଇଥାଏ। ମନରେ କୌଣସି ନକାରାତ୍ମକ ଚିନ୍ତା ଆସିଲେ ନିଜ ଆତ୍ମୀୟ ଲୋକଙ୍କୁ ଏ ବିଷୟରେ ଜଣାନ୍ତୁ। ନିଜ ମନର କଥାକୁ ନିଜ ମାତାପିତାଙ୍କ ସହ ଆଲୋଚନା କରନ୍ତୁ। ନିୟମିତ ଭାବରେ ପ୍ରତିଦିନ ୨ଥର ୧୫ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଦୀର୍ଘ ଓ ଗଭୀର ନିଃଶ୍ୱାସ ପ୍ରଶ୍ୱାସ (ଡିପ୍ ବ୍ରିଦିଙ୍ଗ୍ ଏକ୍ସରସାଇଜ) ନିଅନ୍ତୁ। ଏହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଂଚାଳନ ବଢ଼ିଥାଏ ଓ ଏକାଗ୍ରତା ବୃଦ୍ଧି ପାଇଥାଏ। ସମୟ ମିଳିଲେ ଯୋଗ ଅଭ୍ୟାସ ମଧ୍ୟ କରନ୍ତୁ। ପରୀକ୍ଷା ପୂର୍ବ ଦିନ ରାତିରେ ଅନିଦ୍ରା ହୋଇ ପଢ଼ନ୍ତୁ ନାହିଁ। ଫଳରେ ପରୀକ୍ଷା ସମୟରେ ଥକ୍କା ଓ ନିଦ ମଧ୍ୟ ଲାଗିପାରେ। ତେଣୁ ପରୀକ୍ଷା ପୂର୍ବ ରାତିରେ ଶୀଘ୍ର ଶୋଇପଡ଼ନ୍ତୁ। ଅତି କମ୍‌ରେ ୬ ଘଣ୍ଟା ଶୁଅନ୍ତୁ। ନିଜ ମନକୁ ଦୃଢ଼ ରଖନ୍ତୁ। ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ।

ଅଭିଭାବକଙ୍କୁ ପରାମର୍ଶ : ନିଜ ପିଲାର ମାନସିକ ଦକ୍ଷତା ଅନୁସାରେ ହିଁ ତା'ଠାରୁ ଫଳ ଆଶା କରନ୍ତୁ। ପରୀକ୍ଷାରେ କେତେ ପ୍ରତିଶତ ନମ୍ବର ଆଣିବ ସେଥି ନିମନ୍ତେ ପରୀକ୍ଷା ପୂର୍ବରୁ ପିଲା ଉପରେ ଅତ୍ୟଧିକ ଚାପ ପକାନ୍ତୁ ନାହିଁ। ଏହାଦ୍ୱାରା ପିଲା ସବୁବେଳେ ମାନସିକ ରୂପରେ ଚାପଗ୍ରସ୍ତ ରହିବ ଓ ପରୀକ୍ଷାରେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିବ ନାହିଁ। ପିଲାର ଖରାପ ପ୍ରଦର୍ଶନକୁ ନେଇ ତାକୁ ଉପହାସ କିମ୍ବା ହତୋତ୍ସାହିତ କରନ୍ତୁ ନାହିଁ। ଏହାଦ୍ୱାରା ପିଲାର ମନୋବଳ ଭାଙ୍ଗିଯାଇଥାଏ। ପିଲାକୁ ସବୁବେଳେ ଉତ୍ସାହିତ କରନ୍ତୁ, ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ ଚେଷ୍ଟା କରନ୍ତୁ। ପିଲାକୁ ପ୍ରତ୍ୟେକ ଦିନ ଯଥେଷ୍ଟ ଶୋଇବାକୁ ଦିଅନ୍ତୁ। ଅତିକମ୍‌ରେ ୬ ରୁ ୮ ଘଣ୍ଟା ଶୋଇବାକୁ ଦିଅନ୍ତୁ। ମସ୍ତିଷ୍କକୁ ଉପଯୁକ୍ତ ଆରାମ ନ ମିଳିଲେ ସ୍ମରଣ ଶକ୍ତି ଓ ଏକାଗ୍ରତା କମିଯାଇଥାଏ। ପିଲାକୁ ସୁଷମ ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ଠିକ୍ ସମୟରେ ଖାଇବାକୁ ଦିଅନ୍ତୁ। ଖାଦ୍ୟ ଖାଇବାରେ ବିଳମ୍ବ ହେଲେ ରକ୍ତରେ ଶର୍କରାର ମାତ୍ରା କମିଯାଇଥାଏ (ହାଇପୋଗ୍ଲାଇସେମିଆ)। ଫଳରେ ମଧ୍ୟ ସ୍ମରଣ ଶକ୍ତି କମିଯାଇଥାଏ।

ପିଲାକୁ ପାଠ ସହ କିଛି ସମୟ ଖେଳ କିମ୍ବା ହାଲ୍‌କା ଶାରୀରିକ ପରିଶ୍ରମ ଓ ଅନ୍ୟ କିଛି ମନୋରଞ୍ଜକ କାମ କରିବାକୁ ଦିଅନ୍ତୁ। ଫଳରେ ମସ୍ତିଷ୍କକୁ କିଛି ସମୟ ଆରାମ ମିଳିଥାଏ। ପୁଣି ପାଠ ପଢ଼ିଲେ ଏକାଗ୍ରତା ବଢ଼ିଥାଏ। ନିଜ ପିଲାକୁ ଅନ୍ୟ କୌଣସି ପିଲା ସହ ତୁଳନା କରନ୍ତୁ ନାହିଁ। ଏହା ଫଳରେ ପିଲା ଉପରେ ଅଯଥା ମାନସିକ ଚାପ ପଡ଼ିଥାଏ ଓ ତାହାର ପାଠ ଉପରୁ ଏକାଗ୍ରତା କମିଯାଇଥାଏ। ପିଲା ଯଦି ମାତାପିତାଙ୍କୁ କିଛି କହିବାକୁ ଚାହୁଁଥାଏ, ତେବେ ତା' ମନର କଥାକୁ ଧୈର୍ଯ୍ୟର ସହ ଶୁଣନ୍ତୁ। ପରୀକ୍ଷା ଚାଲିଥିବା ସମୟରେ ଘରେ ଶାନ୍ତ ଓ ସକାରାତ୍ମକ ପରିବେଶ ରଖନ୍ତୁ। ଅଭିଭାବକମାନେ ପିଲାର ପରୀକ୍ଷା ସମୟରେ ନିଜେ ଅତ୍ୟଧିକ ମାନସିକ ଚାପଗ୍ରସ୍ତ ବା ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ପିଲା ଆପଣଙ୍କୁ ଚିନ୍ତିତ ଦେଖିଲେ ସେ ମଧ୍ୟ ଦୁଃଖ ଅନୁଭବ କରିବ। କଠିନ ପରିଶ୍ରମ, ଗଭୀର ଅଧ୍ୟବସାୟ, ଠିକ୍ ଯୋଜନା ମୁତାବକ ପ୍ରସ୍ତୁତି ଓ ଅଭିଭାବକଙ୍କ ସହଯୋଗ ଦ୍ୱାରା ପ୍ରତ୍ୟେକ ପରୀକ୍ଷାର୍ଥୀ ନିଶ୍ଚିତ ଭାବରେ ସଫଳତା ହାସଲ କରିପାରିବେ।

**ମାନସିକରୋଗବିଶେଷଜ୍ଞ**
**ମୋ: ୮୪୫୬୯୧୫୫୦୬**

# ବିଷାକ୍ତ ଶିଳ୍ପର ଯାତ୍ରା



ଅସିତ୍ ମହାନ୍ତି

ମାନବ ସଭ୍ୟତାର ସବୁଠାରୁ ବଡ଼ ଦୁଃଖଦ ଘଟଣା ମଧ୍ୟରୁ ଗୋଟିଏ ହେଉଛି, ଯେତେବେଳେ ଶିଳ୍ପ ଏବଂ ଲାଭ ପାଇଁ ଭୋକ ବୃଦ୍ଧି ପାଇଛି, ସେତେବେଳେ ପ୍ରଥମେ ମାନବ ଜୀବନ ବଳି ପଡ଼ିଛି। ଏହାର ପ୍ରମୁଖ ଉଦାହରଣ ହେଉଛି ଇଟାଲୀୟ କମ୍ପାନୀ ମିଟେନି, ଯାହା ପିଏଫ୍ଏଏସ୍(ପର୍-ଆଣ୍ଡ ପଲିଫ୍ଲୋରାଲ୍‌କିଲ ସବ୍‌ଷ୍ଟାନ୍ସେସ୍) ନାମକ ଏକ ରାସାୟନିକ ପଦାର୍ଥ ଉତ୍ପାଦନ କରିଥିଲା। ଏହି ରାସାୟନିକ ପଦାର୍ଥକୁ 'ସର୍ବକାଳୀନ ରାସାୟନିକ ପଦାର୍ଥ' କୁହାଯାଏ କାରଣ ଏହା ପରିବେଶ ଏବଂ ଶରୀରରେ ଦୀର୍ଘ ସମୟ ଧରି ରହିଥାଏ ଏବଂ ସହଜରେ ନଷ୍ଟ ହୁଏ ନାହିଁ। ୨୦୧୮ରେ ମିଟେନି କାରଖାନା ବନ୍ଦହେବା ବେଳକୁ ଶ୍ରମିକଙ୍କ ଶରୀରରେ ପିଏଫ୍ଏଏସ୍ ସ୍ତର ସାଧାରଣ ୮ ନାନୋଗ୍ରାମ ତୁଳନାରେ ପ୍ରତି ମିଲିଲିଟରରେ ୯୧,୯୦୦ ନାନୋଗ୍ରାମରେ ପହଞ୍ଚିଥିଲା। ଏହି ଚିନ୍ତାଜନକ ସଂଖ୍ୟା ୩,୦୦,୦୦୦ ରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଥିଲା। ଏହି ଘଟଣା କେବଳ ଏକ କାରଖାନା ବନ୍ଦହେବାର କାହାଣୀ ନୁହେଁ, ବରଂ ଶିଳ୍ପ ନିୟନ୍ତ୍ରଣ ଏବଂ ତଦାରଖ ଦୁର୍ବଳ ହେଲେ ମାନବ ଜୀବନ କିପରି ବିପଦରେ ପଡ଼ିଥାଏ ତାହା ସ୍ମରଣ କରାଇ ଦେଉଛି। ପିଏଫ୍ଏଏସ୍ ହେଉଛି ମାନବ ନିର୍ମିତ ରାସାୟନିକ ପଦାର୍ଥ। ଦୁଃଖର ବିଷୟ, ଆଜି ଭାରତରେ ସମାନ କାହାଣୀ ପୁନରାବୃତ୍ତି ହେଉଛି। ଲକ୍ଷ୍ମୀ ଅର୍ଗାନିକ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ବନ୍ଦ ହୋଇଯାଇଥିବା କମ୍ପାନୀରୁ ସାମଗ୍ରୀ କିଣିଛି ଏବଂ ମହାରାଷ୍ଟ୍ରରେ ସମାନ କାରଖାନା ସ୍ଥାପନ କରିବାକୁ ଯୋଜନା କରୁଛି। ଏହି ପଦକ୍ଷେପ ଉକ୍ତ ସତ୍ୟକୁ ସ୍ପଷ୍ଟକରେ ଯେ ଆମ ଦେଶରେ ଏପରି ବିଷାକ୍ତ ରାସାୟନିକ ପଦାର୍ଥକୁ ନିଷେଧ କରିବା ପାଇଁ ପର୍ଯ୍ୟାପ୍ତ ଆଇନର ଅଭାବ ଅଛି। ଯେତେବେଳେ ୟୁରୋପ ଭଳି ବିକଶିତ ଦେଶ ପିଏଫ୍ଏଏସ୍ କୁ ଅସୁରକ୍ଷିତ ମନେକରି ଉତ୍ପାଦନ ବନ୍ଦ କରିଦେଲେ, ସେତେବେଳେ ଭାରତରେ ସେଗୁଡ଼ିକୁ ସୁରକ୍ଷିତ ବୋଲି ଭାବିବାର କୌଣସି ଯଥାର୍ଥତା ନାହିଁ। ଏହି ସମାନ ମାନସିକତା ଆମକୁ ଅତୀତରେ ଦୁଃଖଦ ଘଟଣା ଆଡ଼କୁ ନେଇଛି। ଭୋପାଳ ଗ୍ୟାସ୍ ଟ୍ରାଜେଡି ଏକ ପ୍ରମୁଖ ଉଦାହରଣ। ସେହି ସମୟରେ ମଧ୍ୟ ପ୍ରଶ୍ନ ଥିଲା କି ଲାଭ ପାଇଁ ମାନବ ଜୀବନକୁ ଏତେ ତୁଚ୍ଛ ବୋଲି ବିବେଚନା କରାଯାଇପାରିବ। ପିଏଫ୍ଏଏସ୍ ଭଳି ରାସାୟନିକ ପଦାର୍ଥ କେବଳ ଶ୍ରମିକଙ୍କ ଶରୀରକୁ ନୁହେଁ ବରଂ ସମଗ୍ର ଇକୋସିଷ୍ଟମକୁ ପ୍ରଭାବିତ କରେ। ସେମାନେ ଦୀର୍ଘ ସମୟ ଧରି ପାଣି, ମାଟି ଏବଂ ବାୟୁରେ ରହି ଧୀରେ ଧୀରେ ସମାଜକୁ ବିଷାକ୍ତ କରିଦିଏ। ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ବାରମ୍ବାର ଚେତାବନୀ ଦେଇଛନ୍ତି, ଏହି ରାସାୟନିକ ପଦାର୍ଥଗୁଡ଼ିକ କର୍କଟ, ହର୍‌ମୋନ ଅସନ୍ତୁଳନ ଏବଂ ଅନେକ ଗମ୍ଭୀର ରୋଗ ସୃଷ୍ଟି କରିପାରେ। ତଥାପି ଯେତେବେଳେ କମ୍ପାନୀଗୁଡ଼ିକ ଏହାକୁ ଉତ୍ପାଦନରେ ଆଣନ୍ତି, ସେମାନେ କେବଳ ସେମାନଙ୍କର ଲାଭ ଦେଖନ୍ତି। ଶିଳ୍ପ ଚାପରେ ସରକାର ମଧ୍ୟ ପ୍ରାୟତଃ ନୀରବ ରୁହନ୍ତି।



ଏହି ପରିସ୍ଥିତି ଆମକୁ ଚିନ୍ତା କରିବାକୁ ବାଧ୍ୟ କରେ ଯେ ଆମେ ଇତିହାସରୁ କୌଣସି ଶିକ୍ଷା ଗ୍ରହଣ କରୁନାହୁଁ କି? ଭୋପାଳ ଗ୍ୟାସ୍ ଦୁର୍ଘଟଣା ପରେ ଆଶା କରାଯାଇଥିଲା ଯେ ଭାରତରେ ଶିଳ୍ପ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। କିନ୍ତୁ ଦଶନ୍ଧି ପରେ ମଧ୍ୟ ଆମେ ସମାନ ଭୁଲକୁ ଦୋହରାଉଛୁ। ୟୁରୋପ ଏବଂ ଆମେରିକା ଭଳି ଦେଶଗୁଡ଼ିକ ସେମାନଙ୍କର ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ କଠୋର ପଦକ୍ଷେପ ନେଉଥିବା ବେଳେ ଭାରତରେ ଶିଳ୍ପଗୁଡ଼ିକୁ ମୁକ୍ତ ଲଗାମ ଦେବା କେବଳ ଦର୍ଶାଏ ଯେ ଏଠାରେ ମାନବ ଜୀବନର ମୂଲ୍ୟ କେତେ କମ୍। ବିଡ଼ମ୍ବନା ହେଉଛି ଯେ ବିକାଶ ଏବଂ ନିଯୁକ୍ତି ନାମରେ ଆମେ ଏପରି ଶିଳ୍ପକୁ ପ୍ରୋତ୍ସାହିତ କରୁ ଯାହା ଶେଷରେ ବିନାଶ ଆଡ଼କୁ ନେଇଯାଏ। ବିକାଶର ଅର୍ଥ କେବଳ କାରଖାନା ସଂଖ୍ୟା ବୃଦ୍ଧି କରିବା ନୁହେଁ, ବରଂ ମଣିଷ ଏବଂ ପରିବେଶର ସୁରକ୍ଷା ସୁନିଶ୍ଚିତ କରିବା। ଯଦି କୌଣସି ଶିଳ୍ପ ଏହା କରିବାରେ ବିଫଳ ହୁଏ, ତେବେ ଏହାକୁ ବିକାଶ କୁହାଯାଇପାରିବ ନାହିଁ।

ଲକ୍ଷ୍ମୀ ଅର୍ଗାନିକ ଭଳି କମ୍ପାନୀଗୁଡ଼ିକୁ ବୁଝିବା ଉଚିତ ଯେ ସେମାନଙ୍କର ଲାଭ ଅନେକ ଲକ୍ଷ ଲୋକଙ୍କ ଜୀବନକୁ ପଛରେ ପକାଇପାରିବ ନାହିଁ। ସରକାରଙ୍କୁ ମଧ୍ୟ ଏହିପରି ବିଷାକ୍ତ ରାସାୟନିକ ପଦାର୍ଥକୁ ତୁରନ୍ତ ନିଷିଦ୍ଧ କରିବାକୁ ପଡ଼ିବ। ଆଜି ଯେତେବେଳେ ଆମେ ମିଟେନି ଏବଂ ଭୋପାଳ ଦୁଃଖଦ ଘଟଣାର କାହାଣୀକୁ ମନେପକାଉଛୁ, ଏହା ସ୍ପଷ୍ଟ ହୋଇଯାଏ ଯେ ଇତିହାସ ଆମକୁ ବାରମ୍ବାର ସତର୍କ କରାଉଛି। କିନ୍ତୁ ଯଦି ଆମେ ଏହି ଚେତାବନୀକୁ ଅଣଦେଖା କରୁ, ତେବେ ଭବିଷ୍ୟତ ପିଢ଼ି କେବଳ ବିଷାକ୍ତ ବାୟୁ, ଦୂଷିତ ପାଣି ଏବଂ ଅସୁସ୍ଥ ଶରୀର ପାଇବ। ଏହା କେବଳ ଏକ ଶିଳ୍ପ ସମସ୍ୟା ନୁହେଁ, ବରଂ ମାନବତାର ପ୍ରଶ୍ନ। ଆମକୁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ ଆମେ ଲାଭକୁ ପ୍ରାଥମିକତା ଦେବୁ ନା ମାନବ ଜୀବନକୁ। ଯଦି ଆମେ ଭୁଲ୍ ପଥ ବାଛୁ, ତେବେ ପରିଣାମ ପୂର୍ବ ପରି ହେବ - ଲକ୍ଷ ଲକ୍ଷ ମୃତ୍ୟୁ, ନଷ୍ଟ ପରିବାର ଏବଂ ଏକ ବିଷାକ୍ତ ଭବିଷ୍ୟତ। ତେଣୁ ଆଜି ଆମକୁ ଆମର ସ୍ୱର ଉଠାଇବାକୁ, ଆଇନ ପ୍ରଣୟନ କରିବାକୁ ଏବଂ ନିଶ୍ଚିତ କରିବାକୁ ପଡ଼ିବ ଯେ କୌଣସି କମ୍ପାନୀ ମାନବ ଜୀବନ ସହ ଖେଳିପାରିବ ନାହିଁ। ଏହା ଆମର ଦାୟିତ୍ୱ ଏବଂ ଆମର ମାନବତାର ପ୍ରକୃତ ପରୀକ୍ଷା।

ଏହାକୁ ପୁଞ୍ଜିବାଦ କୁହାଯାଏ। ପୁଞ୍ଜିବାଦ କେବଳ ଲାଭ ପାଇଁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଲେ ମଧ୍ୟ କିଛି ଫରକ ପଡ଼େନାହିଁ। ୧୯୮୪ରେ ଘଟିଥିବା ଦୁଃଖଦ ଘଟଣାରୁ ବଞ୍ଚିଥିବା ଭୋପାଳର ଲୋକମାନେ ଏପର୍ଯ୍ୟନ୍ତ ସୁସ୍ଥ ହୋଇନାହାନ୍ତି। ତଥାପି ଏହି ବିପଦପୂର୍ଣ୍ଣ ଜିନିଷକୁ ପ୍ରୋତ୍ସାହିତ କରାଯାଉଛି। ସରକାର ପୁଞ୍ଜିପତିମାନଙ୍କ ସମ୍ମୁଖରେ ନୀରବ। ସମସ୍ତେ ଜାଣନ୍ତି କାହିଁକି। ଯଦି ଆମ ସମ୍ମୁଖରେ ଏକ ଉଦାହରଣ ଅଛି, କିନ୍ତୁ ଆମେ ପୁଣି ଥରେ ସମାନ ଭୁଲ୍ କରିବାକୁ ଯାଉଛୁ, ତେବେ ଏହାର ଅର୍ଥ ହେଉଛି ଯେ ଯଦି କୌଣସି ଦୁର୍ଘଟଣା ଘଟେ, ତେବେ ବୁଝିବାକୁ ପଡ଼ିବ ଯେ, ଏହା ମଣିଷକୃତ। ଏହା ମଧ୍ୟ ସତ୍ୟ ଯେ ଯଦି ଆଜି ପୃଥିବୀ ଧ୍ୱଂସର ଦ୍ୱାରରେ ଅଛି, ତେବେ ମଣିଷ ନିଜେ ଏଥିପାଇଁ ଦାୟୀ। ମଣିଷ ଭୂମି, ଆକାଶ, ଜଳ, ବାୟୁ, ଏପରିକି ପାତାଳକୁ ମଧ୍ୟ ଛାଡ଼ି ନାହିଁ। ଏବେ ପୃଥିବୀ ବିଷାକ୍ତ ହୋଇଗଲାଣି, ଏଥିପାଇଁ କିଏ ଦାୟୀ?

ମୋ: ୯୪୩୭୨୮୮୦୨୮

## ଏଇ ଭାରତରେ

ପକ୍ଷୀ ଜୀବନ ଏବେ ସଙ୍କଟରେ। ଜଳବାୟୁ ପରିବର୍ତ୍ତନ,ସହରୀକରଣରେ ବାସସ୍ଥାନ ଓ ଖାଦ୍ୟ ଅଭାବ ଯୋଗୁ ବଂଶବୃଦ୍ଧି ନ ହୋଇ ବହୁ ପ୍ରଜାତିର ପକ୍ଷୀ ଏବେ ବିଲୁପ୍ତିର ଦ୍ୱାରଦେଶରେ। ଏଭଳି ଏକ ସଙ୍କଟଜନକ ସ୍ଥିତିକୁ ଭଲ ଭାବେ ଉପଲବ୍ଧିକରି ଆସାମ ଗୋଲଘାଟ ଜିଲାର ସ୍କୁଲ ଛାତ୍ରମାନେ ନିଆରା ପଦକ୍ଷେପ ନେଇଛନ୍ତି। ପକ୍ଷୀମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ନିଶ୍ଚିତ କରିବାରେ ସ୍ଥାନୀୟ ଲୋକଙ୍କୁ ଜଡ଼ିତ କରିପାରିଛନ୍ତି। ବୋଙ୍ଗାଓ ଛୋଲା ହାଇସ୍କୁଲର ୫୦୦ ଛାତ୍ରୀଛାତ୍ର ଗଛ ଲଗାଇବା ସହ ପକ୍ଷୀ ଅଣ୍ଡାଦେବା ସକାଶେ ଟେରାକୋଟା ବସା ତିଆରି କରୁଛନ୍ତି। ଏହି ବସାକୁ ଯତ୍ନର ସହ ବିଭିନ୍ନ ଗଛରେ ଏବଂ ଛାତ ଉପରେ ଲଗାଉଛନ୍ତି। ପକ୍ଷୀମାନେ ସେଠାରେ ଅଣ୍ଡା ଦେଉଛନ୍ତି। ପିଲାମାନେ ବିଶେଷକରି ଦେଶୀ ପ୍ରଜାତିର ଗଛ ଲଗାଉଛନ୍ତି, କାରଣ ଏହାର ଶାଖାରେ ପକ୍ଷୀମାନେ ସୁରକ୍ଷିତ ରହିବା ସହ ଖାଦ୍ୟ ପାଇପାରିବେ। ଏତିକିରେ ପିଲାଙ୍କର କାର୍ଯ୍ୟ ଅଟକି ଯାଇନାହିଁ, ସେମାନେ ପକ୍ଷୀ ଜୀବନକୁ ନେଇ ବିଭିନ୍ନ ପ୍ରଦର୍ଶନୀ ଆୟୋଜନ କରୁଛନ୍ତି। ଏଠାକୁ ସ୍ଥାନୀୟ ଲୋକଙ୍କୁ ଆମନ୍ତ୍ରଣକରି ସଙ୍କଟଜନକ ସ୍ଥିତିରେ ଥିବା ପକ୍ଷୀଙ୍କ ସମ୍ପର୍କରେ ସଚେତନ କରିପାରୁଛନ୍ତି। ଏପରିକି ସେମାନଙ୍କୁ ମଧ୍ୟ ଅଭିଯାନରେ ଜଡ଼ିତ କରିପାରୁଛନ୍ତି। ପକ୍ଷୀଜୀବନ ବଞ୍ଚାଇବା ଲାଗି ବୋଙ୍ଗାଓ ଛୋଲା ହାଇସ୍କୁଲର ପିଲାଙ୍କ ଅଭିଯାନ ଏବେ ପାଖ ଗାଁଗୁଡ଼ିକର ସ୍କୁଲ ପିଲାଙ୍କୁ ପ୍ରେରିତ କରିପାରିଛି।

## ଚିରନ୍ତନୀ

ମୁଖେ ନାହିଁ କଥା ନାହିଁ କି ତୋର
ମଥାରେ କିଛି
ଚିକୁର ଶୋଭାରେ ସେ ଖାଲି ଚିର
ରହିବ ଛି ଛି ।
ପୀରତି ନାମରେ କିପାଇଁ ଭୟ
କହ ଗୋ ଆଜ
ସେ ନୁହେ କୁହୁକ ଆକାଶବାଣୀ
ସେ ନୁହେ ଲାଜ ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ


### ନେତା ଲୋକଙ୍କ ବିଶ୍ୱାସଭାଜନ ହୁଅନ୍ତୁ

ମହାଶୟ,

ଗଣତନ୍ତ୍ରର ମୁଖ୍ୟ ଲକ୍ଷ୍ୟ-ଜାତି ଧର୍ମ ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସାମାଜିକ ନ୍ୟାୟ ଓ ଅଧିକାର ପ୍ରଦାନ କରିବା। ସମାନତା ଉପଭୋଗ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ବାର୍ତ୍ତାକୁ ଭାରତବର୍ଷରେ ବାଣ୍ଟିଲେ ଯଥେଷ୍ଟ ନୁହେଁ, ଏହାକୁ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ଗଣତନ୍ତ୍ରର ସଂଜ୍ଞା ଓ ସ୍ୱରୂପ ବିଧି ବ୍ୟବସ୍ଥାରେ ଭାରତକୁ ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିବାର ପରିବେଶ ସୃଷ୍ଟି କରିବା ଉଚିତ। ବ୍ୟକ୍ତିଗତ ସ୍ୱାର୍ଥ ନିହିତ କୌଣସି ଯୋଜନାକୁ ସକାରାତ୍ମକ ରୂପଦେବା ଓ ତାକୁ ପୂରଣ ପାଇଁ ନିଜ କ୍ଷମତାର ଅପବ୍ୟବହାରକରି ଜନତାଙ୍କ ସାମାଜିକ ଜୀବନର ପଥରୋଧ କରିବା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରର ମୁଖ୍ୟଙ୍କ କର୍ତ୍ତବ୍ୟ ନୁହେଁ। ନିକଟରେ ରାଷ୍ଟ୍ରପତି ପ୍ରଥମେ ନିଜକୁ ଜଣେ ସାଧାରଣ ନାଗରିକ ଭାବେ ଚିନ୍ତାକରି ଜନତାଙ୍କ ମଧ୍ୟରେ ସାମିଲ ହୋଇପାରିଲେ । ତେବେ ଅନେକ କ୍ଷେତ୍ରରେ ଏହିଭଳି ପ୍ରମୁଖ ବ୍ୟକ୍ତିତ୍ୱମାନେ ଯେଉଁସବୁ ସ୍ଥାନକୁ ଯାଆନ୍ତି, ସେଠାରେ ଲୋକମାନେ ରାସ୍ତାଘାଟ ବନ୍ଦଜନିତ ଅସୁବିଧାର ସମ୍ମୁଖୀନ ହେବା ଦୁର୍ଭାଗ୍ୟଜନକ। ସଂକ୍ଷେପରେ ଯେଉଁଦିନ ଆମ ଭାରତର ପ୍ରଶାସନିକ ସେବାରେ ନିୟୋଜିତ ଭିଭିଆଇପି , ନେତା,ମନ୍ତ୍ରୀମାନେ ସର୍ବସାଧାରଣ ସ୍ଥାନରେ ଲୋକଙ୍କ ସାଙ୍ଗରେ ମିଶି ଯିବା ଆସିବା କରିବେ, ସେଇଦିନ ନିର୍ବାଚିତ ନେତାମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ବ୍ରିଜ ତଳକୁ ଖସିଲା ଅଦା ବୋଝେଇ ଟ୍ରକ

ବସ୍ତା,୧୬।୨(ହରିଶଙ୍କର ପାଢ଼ୀ)

**ଘନ କୁହୁଡ଼ି ଯୋଗୁ ଜାତୀୟ ରାଜପଥରେ ଦୁର୍ଘଟଣା**

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ମଥାନୀ ବାଇପାସ୍ ପେରାପଡ଼ା ଜଳକା ନଦୀ ବ୍ରିଜ୍‌ରେ ଘନ କୁହୁଡ଼ି ଯୋଗୁ ସୋମବାର ଭୋର୍ ୫ଟା ବେଳେ ଏକ ଅଦା ବୋଝେଇ ଟ୍ରକ ୧୫ ଫୁଟ ତଳକୁ ଖସିପଡ଼ିଥିଲା। ଏହି ଟ୍ରକ୍ (ନଂ. ଜେକେ୦୨ଡ଼ିଏମ୍-୬୦୮୭) ଆସାମରୁ ବିଶାଖାପାଟଣା ଯାଉଥିଲା। ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଏବଂ ହେଲପରଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ବସ୍ତା ପୋଲିସ ପହଞ୍ଚି ଘଟଣା ଅନୁସନ୍ଧାନ କରୁଛି।

# କୂଅରେ ପଡ଼ି ୨ ବାର୍ହା ମୃତ

ଚମ୍ପୁଆ,୧୬।୨(ମହେଶର ଦାସ)



ଜବତ ବାର୍ହା ମୃତଦେହ।

କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଭଣ୍ଡୁଅଣ୍ଡା ସେକ୍ସନର ଜୋଡିପୁର ବିଟ୍ ଅଧୀନ ବାଉଟିଆ ପଦା ଗ୍ରାମରେ ପରିତ୍ୟକ୍ତ କୂଅରେ ପଡ଼ି ୨ ବାର୍ହା ମୃତ୍ୟୁବରଣ କରିଛନ୍ତି। ବନ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ମୃତଦେହ କାଢ଼ିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ବାଉଟିଆ ପଦା ଗ୍ରାମର ରଞ୍ଜିତ ବେହେରା ପନିପରିବା ଚାଷ କରିଛନ୍ତି। ରବିବାର ରାତିରେ ୨ ଜଙ୍ଗଲୀ ବାର୍ହା ପନିପରିବା ଖାଇବାକୁ ଆସି ଉକ୍ତ କୂଅରେ ପଡ଼ିଯାଇ ପ୍ରାଣ ହରାଇଥିଲେ। ସୋମବାର ଖବରପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ୨ ବାର୍ହା ମୃତଦେହ ଜବତ କରିଥିଲା। ପରେ ବ୍ୟବଚ୍ଛେଦ କରି ଜଙ୍ଗଲରେ ପୋତି ଦିଆଯାଇଥିବା ରେଞ୍ଜର ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

# ହୋଲି ପାଇଁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ହୋଲି ଏବଂ ଦୋଳପର୍ବ ସମୟରେ ଯାତ୍ରୀଙ୍କ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ ପୂର୍ବତଟ ରେଳପଥ ଏକାଧିକ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ଘୋଷଣା କରିଛି। ଅତିରିକ୍ତ ଯାତ୍ରୀ ଭିଡ଼ ଦୂର କରିବା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ଅତିରିକ୍ତ ସଂଯୋଗ ପ୍ରଦାନ କରିବା ଲାଗି ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକୁ ପ୍ରଚଳନ କରାଯାଉଛି। ଭୁବନେଶ୍ୱର, ବିଶାଖାପାଟଣା ଏବଂ ସମ୍ବଲପୁରକୁ ଯଶବନ୍ତପୁର, ଏସ୍.ଏମ୍.ଭି.ଟି. ବେଙ୍ଗାଲୁରୁ, ତିରୁପତି, ଚାର୍ଲାପଲ୍ଲୀ, ଶାଲିମାର, ଧାନବାଦ ଏବଂ ଉଦ୍‌ନା ସମେତ ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ସଂଯୋଗ କରିବାକୁ ପୂର୍ବତଟ ରେଳପଥ ଏହି ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରିଛି। ଯାତ୍ରୀମାନେ ଆଇଆରସିଟିସି ୱେବ୍‌ସାଇଟ୍ ଅନୁସରଣ କରି କିମ୍ବା ରେଲ୍ ୱାନ୍ ଆପ୍ ମାଧ୍ୟମରେ ଟିକେଟ ବୁକ୍ କରିପାରିବେ। ସେହିପରି ପିଆର୍‌ଏସ୍ କାଉଣ୍ଟର କିମ୍ବା ଅନଲାଇନରେ ଟିକେଟ ବୁକ୍ କରିହେବ ବୋଲି ସୂଚନା ଦିଆଯାଇଛି।

# ମାଟ୍ରିକ୍ ପରୀକ୍ଷା ଦେବେ କିସ୍‌ର ୨୧୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଏଥର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ୍ (କିସ)ରୁ ରେକର୍ଡ ସଂଖ୍ୟକ ୨୧୦୦ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। କୌଣସି ଏକ ବିଦ୍ୟାଳୟରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରେ କିସ୍ ହେଉଛି ଓଡ଼ିଶା ତଥା ସମଗ୍ର ଭାରତରେ ଏକମାତ୍ର ବିଦ୍ୟାଳୟ ବୋଲି କିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୧୧୦୦ ଛାତ୍ରୀ ଓ ୧୦୦୦ ଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏମାନେ ଭୁବନେଶ୍ୱରର ୪ ପରୀକ୍ଷା କେନ୍ଦ୍ର ଆଇଆର୍‌ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ-୪ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଆଇଆର୍‌ସି ଭିଲେଜ ଏସ୍‌ବିଜି ବିଦ୍ୟାମନ୍ଦିରରେ ପରୀକ୍ଷା ଦେବେ। ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ।

# ଆଜି ଦେଖାଯିବ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ

ଭୁବନେଶ୍ୱର,୧୬।୨(ସୁଚିସ୍ମିତା ସାହୁ)

**ଭାରତ, ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ**

ମଙ୍ଗଳବାର ବର୍ଷର ପ୍ରଥମ ବଳୟ ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ। ଏହି ସୂର୍ଯ୍ୟୋପରାଗ ଆଫ୍ରିକାର ଦକ୍ଷିଣ ପାର୍ଶ୍ୱ, ଦକ୍ଷିଣ ଆମେରିକାର ଦକ୍ଷିଣ ପାର୍ଶ୍ୱ, ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ, ଭାରତ ମହାସାଗରର କିଛି ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ। ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩ଟା ୨୬ ମିନିଟ୍‌ରୁ ଆରମ୍ଭ ହେବ। ୫ଟା ୪୨ ମିନିଟ୍‌ରେ ସର୍ବାଧିକ ଗ୍ରହଣ ଲାଗିଥିବା ଦେଖିବାକୁ ମିଳିବ। ଭାରତୀୟ ସମୟ ସନ୍ଧ୍ୟା ୭ ଟା ୫୭ ମିନିଟରେ ଗ୍ରହଣ ଶେଷ ହେବ। ଏହା ଭାରତ ଓ ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂର୍ଯ୍ୟ ପରାଗ ସମୟରେ 'ପୃଥିବୀ ଓ ସୂର୍ଯ୍ୟ' ମଧ୍ୟରେ ଚନ୍ଦ୍ର ରହିଥାଏ। ଚନ୍ଦ୍ର ଛାଇ ପୃଥିବୀ ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ସୂର୍ଯ୍ୟଙ୍କୁ ଦେଖିପାରନ୍ତି ନାହିଁ। ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ଦିନହିଁ ଘଟିବା ସମ୍ଭବ ହୋଇଥାଏ। ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଆସନ୍ତା ମାର୍ଚ୍ଚ ୨ ତାରିଖ ରାତିରେ ଦୃଶ୍ୟମାନ ହେବ। ଏହା ଖୁବ ଅଳ୍ପ ସମୟ ପାଇଁ ସମଗ୍ର ଭାରତରେ ଆଂଶିକ ଚନ୍ଦ୍ରଗ୍ରହଣ ଭାବରେ ଦେଖାଯିବ ବୋଲି ଜନବିଜ୍ଞାନୀ ପଟ୍ଟନାୟକ କହିଛନ୍ତି।

# ଜଳପ୍ରପାତରେ ଭାସିଯାଇ ଏଏସ୍‌ଆଇ ନିଖୋଜ

କୋଟପାଡ଼,୧୬।୨(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଗୁଲମୀ ଜଳପ୍ରପାତ ପିକନିକ ସ୍ପଟ୍‌ରେ ଛତିଶଗଡ଼ ନଗରନାର ଥାନା ଏଏସ୍‌ଆଇ କର୍ମଚାରୀ ଜଳସ୍ରୋତରେ ଭାସିଯାଇ ରବିବାରଠାରୁ ନିଖୋଜ ରହିଛନ୍ତି। ନିଖୋଜ କର୍ମଚାରୀ ହେଲେ ଛତିଶଗଡ଼ ନଗରନାର ଥାନାର ଏଏସ୍‌ଆଇ ତଥା ହରିୟାଣା ଫରିଦାବାଦ ଚୁଲି ଲାଡ ଅଞ୍ଚଳର ଅକ୍ଷୟ ଚୌଧୁରୀ। ଖବର ପାଇ କୋଟପାଡ଼ ଓଡ୍ରାଫ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଜାରି ରଖିଥିବା ଜଣାପଡିଛି।

ସୂଚନାନୁଯାୟୀ, ରବିବାର କୋଟପାଡ଼ରୁ ୨୪ କି.ମି. ଦୂର ସୀମାନ୍ତବର୍ତ୍ତୀ ଦେଉଡ଼ା ଶିବ ମନ୍ଦିର ଅଞ୍ଚଳରେ ନିୟୋଜିତ ହୋଇଥିବା ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୫ କର୍ମଚାରୀ ନିକଟ ଗୁଲମୀ ଜଳପ୍ରପାତ ବୁଲିବାକୁ ଯାଇଥିଲେ। କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ଜଳପ୍ରପାତରେ ଭାସିଯାଇଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ କୋଟପାଡ଼ ଓଡ୍ରାଫ ଟିମ୍ ଓ ପୋଲିସକୁ ଖବର ଦେଇଥିଲେ।


## ଭାରତୀୟ କପା ନିଗମ ଲିମିଟେଡ୍

ଭା.କ.ନି. C.C.I. | ମୋବାଇଲ ଆପ୍ | କପାସ କିସାନ

ଶାଖା କାର୍ଯ୍ୟାଳୟ, ରାୟଗଡ଼ା

ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା

ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା - ୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫-୨୬ ତାରିଖ: ୧୬.୦୨.୨୦୨୬

### କପା ଚାଷୀମାନଙ୍କୁ ଆହ୍ୱାନ

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫-୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍‌ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./- ଶାଖା ପ୍ରମୁଖ



## ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।



## OFFICE OF THE DIVISIONAL FOREST OFFICER, RAYAGADA FOREST DIVISION, RAYAGADA

### QUOTATION CALL NOTICE FOR THE FY 2025-26

**No.8001/77/2526** : Sealed quotations are invited from the original manufacturers or authorized vendors/franchises/suppliers for supply of shoes for forest personnel of Rayagada Forest Division. Interested bidders may submit their quotations along with samples as per the following specifications by postal means or to be dropped at the Tender box available at the office in a sealed envelope. The quotations must reach the office of the undersigned on or before **20.02.2026**.

| Sl. No. | Item | Specifications | Approximate Quantity |
|---|---|---|---|
| 1 | Shoes for Forest Personnel | 1. Suitable for field duty in forest terrain<br>2. Colour : Preferably Brown / Tan / Gray colour<br>3. Sizes : Preferably 5-11 (UK size) or as per requirement<br>4. Brand : Preferably BATA | 60 Nos. |

For further details on procedure of submission, criteria of selection, Specification, product delivery, contact information and other important instructions, please visit the Tender Section of the webpage *https://rayagada.odisha.gov.in/tender.*

Sd./- Divisional Forest Officer
Rayagada Division

OIPR-8001/8062/1/25-26/0002



## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR

No.25001/180/2526

E-Mail:- eerw_anandapur@yahoo.co.in

### NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE

Online-16 /EE/RW/AND/2025-26

Annual Maintenance Plan of Rural Roads under Administrative Expenditure

No. ______// Date : //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure.** The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades / class registered with Central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 16/EE/RW/ AND/2025-26 | 17.02.2026 at 10.00 A.M. | 23.02.2026 up to 5.00 P.M. | 21.02.2026 up to 5.00 P.M. | 24.02.2026 at 11.30 A.M. |

Sd./- Executive Engineer
R.W. Division, Anandapur

OIPR-25001/25055/1/25-26/0014



## TP SOUTHERN ODISHA DISTRIBUTION LIMITED (Procurement Department) — TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

### NOTICE INVITING TENDER — Dt.: 17.02.2026

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | RC for House Keeping & Canteen services at Hostel Building, Bidyutpuri, TPSODL | TPSODL/OT/ 2025-26/ 2500001137 | 2,00,000/- | 5,000 | 27.02:2026; 18:00 Hrs. |
| 2 | RC for Supply of Outdoor Control & Relay Panel at PAN-TPSODL | TPSODL/OT/ 2025-26/ 2500001139 | 2,00,000/- | 5,000 | 02.03:2026; 18:00 Hrs |
| 3 | RC for SITC of Transformer Monitoring Unit | TPSODL/OT/ 2025-26/ 2500001140 | 2,00,000/- | 5,000 | 02.03:2026; 18:00 Hrs |

For detailed tender, please visit Tender Section on TPSODL website **https://www.tpsouthernodisha.com**



## ବ୍ୟାଙ୍କ ଅଫ୍ ବରୋଦା Bank of Baroda — କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା

### ସାର୍ବଜନୀନ ବିଜ୍ଞପ୍ତି

ମେସର୍ସ ସନ୍ଧ୍ୟା ଜୁଏଲର୍ସ, ସ୍ୱତ୍ତ୍ୱାଧିକାରୀ: ବିଶ୍ୱନାଥ ସାହୁଙ୍କ ଏନ୍‌ପିଏ ଋଣ ଆକାଉଣ୍ଟରେ ବନ୍ଧକ ରଖାଯାଇଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହା ଶ୍ରୀମତୀ ସନ୍ଧ୍ୟାରାଣୀ ସାହୁଙ୍କ ନାମରେ ବିଦ୍ୟମାନ ଏବଂ ଯାହାକି ଖାତା ନଂ.: ୫୭୯, ପ୍ଲଟ୍ ନଂ.: ୫୬୫, ହୋଲ୍ଡିଂ ନଂ.: ୨୪୪, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ମୌଜା: କଟକ ସଦର, କାଜି ବଜାର, ଗଙ୍ଗା ମନ୍ଦିର, ୟୁନିଟ୍ ନଂ. ୧୪, ଥାନା: ଲାଲବାଗ, କଟକ ସହର, ଜିଲ୍ଲା: କଟକରେ ଅବସ୍ଥିତ, ତାହାର ଭୌତିକ ଦଖଲ ତା୨୨.୧୨.୨୦୨୫ରିଖରେ ନେବା ସମ୍ବନ୍ଧରେ ଏହା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ, ଆଇନର ଯଥାର୍ଥ ପ୍ରକ୍ରିୟା ଅନୁସାରେ, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଏବଂ ପୋଲିସ୍ ଅଧିକାରୀଙ୍କ ଉପସ୍ଥିତିରେ, ସମ୍ପତ୍ତି ପରିସରରେ ପ୍ରବେଶ କରିବା ପରେ, ତାହା ଭିତରେ କିଛି ଘରୋଇ ସାମଗ୍ରୀ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଦଖଲ ନେବା ସମୟରେ, ଉକ୍ତ ସାମଗ୍ରୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ତାରିଖ ସୁଦ୍ଧା, ତାଲିକା ଅନୁଯାୟୀ ଥିବା ଘରୋଇ ସାମଗ୍ରୀଗୁଡ଼ିକ ଏବେ ବି ସୁରକ୍ଷିତ ସମ୍ପତ୍ତି ପରିସରରେ ପଡ଼ିରହିଛି। ଏହା ମଧ୍ୟ ଦେଖାଯାଇଛି ଯେ, ସୁରକ୍ଷିତ ସମ୍ପତ୍ତିର ଅଂଶ ଭାବରେ ଥିବା ଦୋକାନଗୁଡ଼ିକ ମଧ୍ୟରୁ ଗୋଟିଏ ଦୋକାନ ତାଲା ପଡ଼ିଛି। ଏହି ପରିପ୍ରେକ୍ଷୀରେ ଆପଣଙ୍କୁ ଆମନ୍ତ୍ରଣ କରାଯାଉଅଛି ଯେ, ବ୍ୟାଙ୍କକୁ ପୂର୍ବ ସୂଚନା ଦେଇ ଆପଣ ପ୍ରକାଶନ ତାରିଖ ଠାରୁ ୭(ସାତ) ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି ପରିସରରୁ ଆପଣଙ୍କର ସମସ୍ତ ଘରୋଇ ସାମଗ୍ରୀ ସଂଗ୍ରହ କରି ଅପସାରଣ କରନ୍ତୁ ଏବଂ ତାଲା ପଡ଼ିଥିବା ଦୋକାନ ଖାଲି କରନ୍ତୁ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ଏହା ପାଳନ ନକଲେ, ବ୍ୟାଙ୍କ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନେବ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ସାମଗ୍ରୀର କୌଣସି କ୍ଷୟକ୍ଷତି, ଚୋରି କିମ୍ବା ହାନି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

ସ୍ଥାନ: କଟକ, ତାରିଖ: ୧୭.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ



## OFFICE OF THE EXECUTIVE ENGINEER
### Drinking Water and Sanitation Mechanical Division, Dhanbad

**Short Notice Inviting e-Quotation**

Notice No:-05/2025-26

Government of Jharkhand through its Public Works Department (PWD) is engaged in framing/ revision of Schedule of Rates and as part of this endeavor, quotations through e-tender are invited for "Material" **Supplying, Installation, Testing and Commissioning of Pump Set and allied works at Rural Water Supply Scheme Mairanwatand and Ojhadih-Katania** Works pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 20.02.2026 at 02:30 hrs. to 06.03.2026 at 05:00 hrs. The quotation will be opened on 07.03.2026 at 05:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division, Dhanbad.
Address : Near Kumar Fuels Opp. Water Tower, Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

Executive Engineer,
D.W. & S. Mechanical Division
Dhanbad.

PR 373077 Drinking Water and Sanitation(25-26)#D



## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India — ମହାନଦୀ ବିହାର ଶାଖା

ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର, ଜିଲ୍ଲା: କଟକ, ପିନ୍ - ୭୫୩୦୦୪

### ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ **DD/Pay Order/NEFT/RTGS** ମାଧ୍ୟମରେ ଆକାଉଣ୍ଟ ନଂ.: **302211980050000, IFSC Code: UBIN0830224**ରେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ **ଟ.୭୮,୦୦୦/- (ଅଠସ୍ତରୀ ହଜାର ଟଙ୍କା ମାତ୍ର)** ଦାଖଲ କରିବେ।

ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ **"ଗାଡି ନଂ.: OD 02 CY 8170** କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ **ତା.୧୯.୦୨.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ **ତା.୨୦.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।

ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ **୧୦ (ଦଶ)**ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।

ଗାଡିଟି **"ଯେଉଁଠାରେ ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki ERTIGA VXI (O) CNG | OD 02 CY 8170 | ଟ.୭,୮୦,୦୦୦/- / ଟ.୭୮,୦୦୦/- |

ସ୍ଥାନ: କଟକ
ତାରିଖ: ୧୬.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, GAJAPATI, PARLAKHEMUNDI

No.25001/177/2526

e-mail : rwd_gajapati@yahoo.co.in

NATIONAL COMPETITIVE BIDDING THROUGH e-Procurement

Identification No. Online Tender - 15/GJP/2025-26

1. Name of the work : Road Works
2. Total No. Work : 03 (Three) No. of Road Works
3. Estimated Cost : Rs.6.25 lakhs to Rs.7.65 lakhs
4. Class of Contractor : 'D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 18.02.2026 at 10.00 A.M. to 24.02.2026 up to 5.00 P.M.
7. Date and Time of Opening of Tender : 25.02.2026 at 11.00 A.M.
8. Place of Opening : As per Annexure

Further details can be seen from the Website www.tenderorissa.gov.in

Sd./- EXECUTIVE ENGINEER
R.W. DIVN. GAJAPATI

OIPR-25001/25158/1/25-26/0024



## ODISHA COAL AND POWER LTD. (A GOVT. OF ODISHA COMPANY)

OCPL Odisha Coal and Power Limited

Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

### NOTICE INVITING TENDER

Date: 17/02/2026

Bids in prescribed format are invited in www.tendersodisha.gov.in from the Agency for the following work :

| Sl. No. | Name of the work | Cost of Tender Paper | Issue of Tender Document | Last Date of bid Submission | Bid Opening date |
|---|---|---|---|---|---|
| 1 | Development of Road at Village Laikera, Sundargarh. Ref No. OCPL/MCMP/SER-196/2026 | Rs.1000 Incl. of GST | 17.02.2026 3.00 P.M. | 14.03.2026 5.00 P.M. | 16.03.2026 At 03.30 P.M. |
| 2 | Development of Road including Culvert and Drainage Channel at Village Sarbahal, Hemgir, Sundargarh Ref. No. OCPL/MCMP/SER-197/2026 | Rs.1000 Incl. of GST | 17.02.2026 3.00 P.M. | 14.03.2026 5.00 P.M. | 17.03.2026 At 03.30 P.M. |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. Manager
(Contract and Commercial)



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

No. RDM-LAA-BLS-0009-2023/39378 — R&DM, Dated 22 OCT. 2025

**No.III-15**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ତମଛଡା**, ଥାନା-ବାଲେଶ୍ୱର ସଦର ନଂ. ୧୦, ତହସିଲ-ରେମୁଣା, ଜିଲ୍ଲା- ବାଲେଶ୍ୱରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବଙ୍କାତୀର ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୭୦୩, ତା.୨୧.୦୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୩୬୬୫୭, ତା.୨୪.୦୯.୨୦୨୫ ରିଖ ଅନୁସାରେ ଅଧିସୂଚନାର ବୈଧତା ତା.୦୭.୦୪.୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ତମଛଡା**, ଥାନା-ବାଲେଶ୍ୱର ସଦର ନଂ.୧୦, ତହସିଲ-ରେମୁଣା, ଜିଲ୍ଲା-ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର — ତହସିଲ-ରେମୁଣା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତମଛଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୨.୪୫ | ଏକର ୦.୬୫ | ଏଥିସହିତ ସଂଲଗ୍ନ |

ତଫସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର — ତହସିଲ-ରେମୁଣା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୭.୦୪.୨୦୨୬ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୩୦/୨୦୨୨
ଏ.୦.୬୫ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରି, ବଙ୍କାତୀର ସବ୍ ମାଇନର, ମୌଜା-ତମଛଡା, ଥାନା-ବାଲେଶ୍ୱର ସଦର ନଂ. ୧୦, ତହସିଲ-ରେମୁଣା, ଜିଲ୍ଲା-ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୮ | ୧୮୧ | ୦.୧୯ | ୦.୦୬ | ଶାରଦ ତିନି | ଭିକାରି ପଧାନ, ପି-ବାମଦେବ ପଧାନ, ବସନ୍ତ ପଧାନ, ପି:କପିଳ ପଧାନ, ଚିନ୍ତାମଣି ପଧାନ, ଦିନବନ୍ଧୁ ପଧାନ, ପି:ସହଦେବ ପଧାନ, ଜା:ଖଣ୍ଡାୟତ, ବା:କଳମା, ଜି:ମୟୂରଭଞ୍ଜ |
| ୭୬ | ୧୮୨ | ୦.୧୧ | ୦.୦୨ | ଶାରଦ ତିନି | ମାୟାଧର ବାରିକ, ପି:ବୀର ବାରିକ, ଜା:ଗୋପାଳ, ବା:ନିଜଗାଁ |
| ୧୩/୩ | ୧୮୭ | ୧.୧୫ | ୦.୨୮ | ଶାରଦ ତିନି | ଶ୍ରୀ ଗୋବିନ୍ଦ ରାମ ଜିଉ ଠାକୁର ବିଜେ ନିଜଗାଁ ମାର୍ଫତ ମାୟାଧର ବାରିକ, ପି:ବିରଭଦ୍ର ବାରିକ, ଜା:ଗୋପାଳ, ବା:ନିଜଗାଁ, ଥା:ସଦର, ଜି:ବାଲେଶ୍ୱର |
| ୧୩/୪ | ୧୮୮ | ୦.୧୦ | ୦.୦୧ | ଶାରଦ ତିନି | ଶ୍ରୀ ଗୋବିନ୍ଦ ରାମ ଜିଉ ଠାକୁର ବିଜେ ନିଜଗାଁ ମାର୍ଫତ ମାୟାଧର ବାରିକ, ପି:ବିରଭଦ୍ର ବାରିକ, ଜା:ଗୋପାଳ, ବା:ନିଜଗାଁ, ଥା:ସଦର, ଜି:ବାଲେଶ୍ୱର |
| ୧୩/୬ | ୧୮୫ | ୦.୯୦ | ୦.୨୮ | ଶାରଦ ତିନି | ଶ୍ରୀ ଗୋବିନ୍ଦ ରାମ ଜିଉ ଠାକୁର ବିଜେ ନିଜଗାଁ ମାର୍ଫତ ଦାମୋଦର ଦାସ, ପି:ଉଦୟ ନାରାୟଣ ଦାସ, ଜା:ଖଣ୍ଡାୟତ, ବା:କଳମା, ଥା:ବୈଶିଙ୍ଗା, ଜି:ମୟୂରଭଞ୍ଜ |
| ମୋଟ | ୫ ପ୍ଲଟ | ଏ. ୨.୪୫ ଡେ.ମି. | ଏ.୦.୬୫ ଡେ.ମି. | | |

Sd./- Amin Deuli Zone | Sd./- Revenue Inspector, Deuli Zone | Sd./- Zone Officer-cum-L.A. Collector, S.I.P. Deuli Zone | Sd./- Spl. Land Acquisition Officer, S.I.P. Baripada



## Forest, Environment & Climate Change Department
Government of Odisha

## DIVISIONAL FOREST OFFICER, KEONJHAR KENDULEAF DIVISION

Tel. No. : 06766-295389, e-mail : keonjharkldivision@gmail.com

### TENDER NOTICE FOR HIRING OF PRIVATE VEHICLES

No.42/176/2026 Date : 13.02.2026

**No.8001/75/2526** : Sealed tenders are invited from interested Reputed Travel Agencies/ Tour Operators/ Individuals for providing 09 (Nine) Nos. of AC Diesel driven Mahindra Bolero/Neo/ Max Models of vehicles (BS-VI emission complaint Diesel driven AC) vehicles with commercial registration in accordance with the Office Memorandum No- 15836/F dt. 27.05.2025 of the Finance Department, Government of Odisha for official use (as detailed below) on hiring basis under the establishment of Keonjhar Kenduleaf Division. The sealed tenders can be dropped in the Tender Box placed in the office of the Divisional Forest Officer, Keonjhar Kenduleaf Division on or before **25th February 2026 04.00 PM**. The tenders will be opened in the same office on **25th February 05.00 PM.** The Standard Bidding Document and Terms & Conditions can be downloaded from **https://kendujhar.odisha.gov.in/** and can also be obtained from the Office of the DFO, Keonjhar Kenduleaf Division from 16th February 2026 to 25th February 2026 during office hours.

| Sl. No. | Name of the Office/Field Unit | Mahindra Bolero/Neo/Max (equivalent or higher model) Maximum monthly Hiring charges (exclusive of applicable taxes) is ₹ 37,200/- | Period of Engagement |
|---|---|---|---|
| 1 | Assistant Conservator of Forests O/o the Divisional Forest Officer, Keonjgar K.L. Division | 01 | For 12 months |
| 2 | Sub-Divisional Forest Officer, Keonjhar K.L. Sub-Division | 01 | For 12 months |
| 3 | Sub-Divisional Forest Officer, Kamakhyanagar K.L. Sub-Division | 01 | For 12 months |
| 4 | In different field units (Range Offices) under the jurisdiction of the Divisional Forest Officer, Keonjhar Kenduleaf Division | 06 | Maximum upto 08 months |

Sd./- Divisional Forest Officer
Keonjhar Kenduleaf Division

OIPR-8001/8154/1/25-26/0001

# ଚିନ୍ତା ବଢ଼ାଇଲାଣି ନଡ଼ାପୋଡ଼ି

■୨ କିମି ବ୍ୟାପିଲା ନିଆଁ, ଗାଡ଼ି ଚଳାଚଳ ପ୍ରଭାବିତ

■ଅଗ୍ନିଶମ କର୍ମଚାରୀ ନାକେଦମ

କେନ୍ଦୁଝର,୧୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ)



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

କେନ୍ଦୁଝର ଜିଲାରେ ଧାନ ଚାଷ ପରେ ଏକ ନୂଆ ସମସ୍ୟା ଦେଖାଦେଉଛି। ମେଶିନରେ ଧାନ କାଟି ନେବା ପରେ ବିଲକୁ ସଫା କରିବାକୁ ଚାଷୀ ଧାନଗଛ ମୂଳ ଓ ନଡ଼ାରେ ନିଆଁ ଲଗାଇ ଦେଉଥିବାରୁ ଏହା ବିପଦ ସୃଷ୍ଟି କରୁଛି। ସୋମବାର ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ କେହି ଚାଷ କ୍ଷେତରେ ପଡ଼ିଥିବା ନଡ଼ାରେ ନିଆଁ ଲଗାଇଦେଇଥିଲେ। ଫଳରେ ନିଆଁ ୨ କିମି ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ନିଆଁ ଧାସରେ ରାସ୍ତାରେ ଲୋକେ ଯାତାୟାତ କରିବାରେ ସମସ୍ୟା ହୋଇଥିଲା। ନିଆଁ ଲିଭାଇବାକୁ ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା।

ପ୍ରକାଶ ଯେ, ସୋମବାର ଅପରାହ୍ନରେ ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ କେହି ଜମିରେ ଥିବା ନଡ଼ାଗଦାରେ ନିଆଁ ଲଗାଇ ଦେଇଥିଲେ। ବିଲ ନଡ଼ାଗଦା ଦେଇ ନିଆଁ ୨ କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ରାସ୍ତା କଡ଼ର କୁଟା ଓ ଘାସରେ ନିଆଁ ପ୍ରଭାବିତ ହୋଇ ପବନ ବହୁଥିବାରୁ ୧୦ ଫୁଟ ଉଚ୍ଚତାକୁ ଉଠି ଯାଇଥିଲା। ଫଳରେ ଗାଡି ମଟର ଭୟରେ ଯାଆସ କରି ପାରି ନ ଥିଲେ। ନିଆଁ ନରସିଂହପୁର ଦେଇ କେନ୍ଦୁପୋଶି ଗଳିଆଡୁଡି ଦେଇ ନୂଆଗାଁ ପର୍ଯ୍ୟନ୍ତ ବ୍ୟାପିଥିଲା। ଖବର ପାଇ କେନ୍ଦୁଝର ଅଗ୍ନିଶମ କର୍ମଚାରୀ ପହଞ୍ଚ ବିଭାଗର ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର ପ୍ରବୀଣ ସାମଲ ନେତୃତ୍ୱରେ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀଙ୍କୁ କେନ୍ଦୁପୋଶି ଗ୍ରାମର ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର, ପଦ୍ମଲୋଚନ ପାତ୍ର, ପ୍ରଶାନ୍ତ ପାତ୍ର, ବୁଦ୍ଧଦେବ ପାତ୍ର, ଭୁଲୁ ପାତ୍ର, ଚନ୍ଦନ ଦାସ, ବିଶ୍ୱଜିତ୍ ପାତ୍ର, ଗଣେଶ୍ୱର ପାତ୍ର, ଚୈତନ୍ୟ ପାତ୍ର, ରାମଚନ୍ଦ୍ର ମୁଣ୍ଡା, ସୁରେଶ ସଏଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

ଅନ୍ୟପକ୍ଷେ ନଡ଼ାପୋଡ଼ିକୁ ଜିଲା ପ୍ରଶାସନ ହାଲୁକା ଭାବରେ ନେଉଥିବା ବେଳେ ବଡ଼ ଅଘଟଣ ଘଟିବା ଆଗରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସହ ସଚେତନତା ସୃଷ୍ଟି କରିବାକୁ ସାମାଜିକକର୍ମୀ ଦାବି କରୁଛନ୍ତି। ଅନେକ ସମୟରେ ନିଆଁ ଜନବସତି ଆଡ଼କୁ ବ୍ୟାପିବା ଭୟ ରହୁଛି। ସେହିପରି ବନ୍ୟପ୍ରାଣୀ, ଗଛ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହୁଛି। ଧୂଆଁ ଉଡ଼ି ବାୟୁମଣ୍ଡଳ ଦୂଷିତ ହେବା ସହ ଉତ୍ତାପ ବୃଦ୍ଧି ପାଉଥିବାରୁ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ଆଗରୁ ନଡ଼ା ଗୋରୁ ଖାଉଥିଲେ। ବାଲାକୁ କୁଟା ବିଡ଼ା ଟ୍ରିପ୍ ଟ୍ରିପ୍ ବିକ୍ରି ହେଉଥିଲା। ତେବେ ମେଶିନରେ କଟା ହେବା ଫଳରେ ଏହା ଆଉ କାମରେ ଲାଗୁନାହିଁ। ଏଣୁ ବିଲରେ ପଡ଼ି ରହୁଛି ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

## ୯୦ତମ ଶିବଜୟନ୍ତୀ ପାଳିତ

କେନ୍ଦୁଝର,୧୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଶାଖା ପକ୍ଷରୁ ୯୦ତମ ପବିତ୍ର ତ୍ରିମୂର୍ତ୍ତି ଶିବଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୭ ଟାରେ ସ୍ଥାନୀୟ ସାମନ୍ତରାୟପୁରସ୍ଥିତ ସେବାକେନ୍ଦ୍ରରେ ମିରାକାର ପରମାତ୍ମା ଶିବଙ୍କୁ ଭୋଗ ସ୍ୱୀକାର କରାଇ ଶିବଧ୍ୱଜା ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଯୋଗଦେଇଥିବା ବେଳେ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ ତଥା ସଂସ୍ଥାର ସମସ୍ତ ଭାଇଭଉଣୀ ଶିବଧ୍ୱଜା ତଳେ ଶପଥପାଠ କରିଥିଲେ। ପରେ ସ୍ଥାନୀୟ ଡିଏନ ହାଇସ୍କୁଲଠାରୁ ଏକ ଶୋଭାଯାତ୍ରା ପୁରୁଣା ସହର ଦେଇ ରାଜବାଟି ନିକଟ ସୁଖଶାନ୍ତି ସରୋବରରେ ପହଞ୍ଚିଥିଲା। ପୁରୁଣା ସହର ନୂତନ ପରିସରରେ ଏକ ଶିବରାତ୍ରୀ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଡିଏଫଓ ଧନ୍‌ରାଜ ଏଚ୍‌ଡି, ରେଜିଷ୍ଟ୍ରାର ଧରଣୀଧର ବିଶ୍ୱବିଦ୍ୟାଳୟ ବ୍ରହ୍ମ କୁମାରୀ ପ୍ରତିଭା ପୃଷ୍ଟି ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ତଥା ଶିବଭକ୍ତ ସାମିଲ ହୋଇଥିଲା।

## ତୀର୍ଥେଶ୍ୱର ପୀଠରେ ଫିକାପଡ଼ିଲା ଜାଗର

ପାଟଣା,୧୬।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ପାଟଣା ପାର୍ଶ୍ୱ ଭୀମକୁଣ୍ଡସ୍ଥିତ ତୀର୍ଥେଶ୍ୱର ମହାଦେବ ମନ୍ଦିରରେ ଜାଗର ଚଳିତ ବର୍ଷ ଫିକା ପଡ଼ିଛି। ମନ୍ଦିର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଥିବାରୁ ଶ୍ରଦ୍ଧାଳୁଙ୍କ ନୈରାଶ୍ୟ ଜନକ ସାମାଗମ ଦେଖାଇବାକୁ ମିଳିଛି। ସୂଚନା ଯେ, ୩ ବର୍ଷ ପୂର୍ବେ ୩୦ ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାରୁ ମାତ୍ର ୧୦ଲକ୍ଷ ଟଙ୍କା ବ୍ୟୟରେ ଅଧାପନ୍ତରିଆ ଭାବେ ପଡ଼ିଛି। ଫଳରେ ମହାଶିବ ରାତ୍ରିରେ ଏଠାରେ ଶ୍ରଦ୍ଧାଳୁଙ୍କ ନିରୁତ୍ସାହ ଜନକ ଭାବେ ସମାଗମ ହୋଇଥିଲା। ମନ୍ଦିର ପାର୍ଶ୍ୱରେ ରହିଥିବା ଶିବ ଲିଙ୍ଗରେ ଅଳ୍ପ ସଂଖ୍ୟାରେ ଶ୍ରଦ୍ଧାଳୁ ଭୋଗ ଲଗାଇଥିଲେ। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପାର୍ଶ୍ୱ ଭିମେଶ୍ୱର ମହାଦେବ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ତିର୍ଥେଶ୍ୱର୍ ମହାଦେବ ମନ୍ଦିର କାର୍ଯ୍ୟ ପ୍ରଶାସନ ଖୁବ୍‌ଶୀଘ୍ର ସମ୍ପନ୍ନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସରାସକୋଲା ପିଇଓଙ୍କ ବଦଳି ଦାବି



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

ପାଟଣା,୧୬।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସକୋଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତପନ କୁମାର ମହାନ୍ତଙ୍କ ନାମରେ ଦୁର୍ନୀତି, ସରକାରୀ କର୍ମଚାରୀ ହୋଇ ବି ରାଜନୀତିରେ ଲିପ୍ତ ନେଇ ଅଭିଯୋଗ ହୋଇଛି। ତେଣୁ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଶତାଧିକ ପଞ୍ଚାୟତବାସୀ ଦାବି କରିଛନ୍ତି। ଏନେଇ ସୋମବାର ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ ଗ୍ରାମବାସୀ ଆର୍ଥିକ ବର୍ଷ ୨୦୨୫ର ଜଳଛତ୍ର ଦୁର୍ନୀତି, କ୍ରୀଡ଼ା ସାମଗ୍ରୀ କ୍ରୟରେ ଦୁର୍ନୀତି, ଏମଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି, ଆକ୍ୱାଗାର୍ଡ କ୍ରୟରେ ଦୁର୍ନୀତି କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତ ଭାଜପା ସଭାପତି ତ୍ରିନାଥ ମହାନ୍ତ, ଖମୁଆ ଗାଁ ସାଥୀ ଦଶରଥ ନାଏକ, ମଙ୍ଗଲୁ ନାଏକ, ଯତୀନ୍ଦ୍ର ନାଥ ଦାଶ, ସଚ୍ଚିଦାନନ୍ଦ ମହାନ୍ତ, କିଶୋର ମହାନ୍ତ, ସଞ୍ଜୟ ମହାନ୍ତ, ଭାବଗ୍ରାହୀ ନାଏକ, ଗୋପାଳ ବେହେରା, ଆର୍ତ୍ତ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ମଙ୍ଗଳବାର କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳେଇଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟତ୍ର ବଦଳି ନ କଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ପାଟଣା ବ୍ଲକ୍ ସମ୍ମୁଖରେ ଧାରଣାରେ ବସିବେ ବୋଲି ଭାଜପା ସରାସକୋଲା ପଞ୍ଚାୟତ ସଭାପତି ମହାନ୍ତ ଚେତାବନୀ ଦେଇଛନ୍ତି।

## ପଦ୍ମେଶ୍ୱର ପୀଠରେ ଜାଗରମେଳା

କେନ୍ଦୁଝର,୧୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅର୍ନ୍ତଗତ ପଦ୍ମପୁର ପଦ୍ମେଶ୍ୱର ପୀଠରେ ଜାଗର ମେଳା ପାଳିତ ହୋଇଯାଇଛି। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମହାଦେବଙ୍କୁ ଜଳାଭିଷକ କରିବା ସହ ଦର୍ଶନ କରିଥିଲେ। ପୂଜକ ହୃଦାନନ୍ଦ ମିଶ୍ର, ଅଶୋକ ତ୍ରିପାଠୀ, ଚନ୍ଦ୍ରହାଂସ ପତି, ପୂର୍ଣ୍ଣଚନ୍ଦ୍ର ରଥ ପୂଜାର୍ଚ୍ଚନା କରିଥିଲେ। କମିଟି ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଉପବାସ ରହି ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ସୁସଜ୍ଜିତ ଆଲୋକ ମାଳାରେ ରାସ୍ତାଘାଟ ଝଲସି ଉଠିଥିଲା। ଏହି ଅବସରରେ କଟକ କ୍ରିଷ୍ଣା ଭଜନ ସନ୍ଧ୍ୟା ନାମକ ଦଳ ପକ୍ଷରୁ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଶାନ୍ତିଶୃଙ୍ଖଳା ଏବଂ ଭିଡ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ସଦର ପୋଲିସ ପକ୍ଷରୁ ମୃତୟନ ହୋଇଥିଲେ। ରାତ୍ର ୧୦ଟା ପରେ ରଞ୍ଜନ କୁମାର ସାହୁ ମହାଦୀପ ଉଠାଇଥିଲେ। ପଦ୍ମପୁର ପଦ୍ମେଶ୍ୱର ପୂଜା କମିଟିର ପ୍ରବୀଣ ସାହୁ, ଜନ୍ମେଜୟ ସାହୁ, ମନୋରଞ୍ଜନ ସାହୁ, ଗଣେଶ ସାହୁ, ଦିବ୍ୟଲୋଚନ ସାହୁ, ସରୋଜ ସାହୁ, ସଞ୍ଜୟ ସାହୁ, ଦିପୁ ସାହୁ, ଦେବାଶିଷ ସାହୁ, ମଦନ ମୋହନ ସାହୁ, ଗୋଲକ ବିହାରୀ ସାହୁ, ସଞ୍ଜିବ ସାହୁ, ସତ୍ୟବ୍ରତ ସାହୁ, ପ୍ରତୀକ ସୁନ୍ଦର ସାହୁ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବଉଳା,୧୬।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତବିଂଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ସଭାପତି ତୁଳସୀ ଦାସ ଗୋଲାମ ଦେବତାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତାଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ଆଲୋକ ସେଠୀ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ମୋହନ ତ୍ରିପାଠୀ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ କର ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଶିଶୁ ମନ୍ଦିରର ଭାରତୀୟ ସଂସ୍କୃତି ଓ ପରମ୍ପରା ଶିକ୍ଷା ପ୍ରଦାନ କରାଯାଉଥିବାରୁ ଉତ୍ତମ ଛାତ୍ର ଓ ନାଗରିକ ଗଠନ କରିବାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁତ୍ୱ ଅଧିକ ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସମିତିର ଉପସଭାପତି ବୃନ୍ଦାବନ ଓଝା, ରାଜେନ୍ଦ୍ର ପ୍ରସାଦ ଦାସ, ରବିନ୍ଦ୍ର ସ୍ୱାଇଁ, ଗୀତାରାଣି ଦାସ, ଝୁମୁରୀ ସେଠୀ, ବୃନ୍ଦାବତୀ ରାଉତ, ଆଚାର୍ଯ୍ୟା ମମତା ପାଢ଼ୀ, ଚଞ୍ଚଳା ମିଶ୍ର, ସୀତାରାଣୀ ଓଝା, ସନ୍ଧ୍ୟାରାଣୀ ଦେବତା, ନିରଞ୍ଜନ ନାୟକ, ବିଶ୍ୱଜିତା ମହାପାତ୍ର, ସସ୍ମିତା ପଣ୍ଡା, ବେବିନା ସ୍ୱାଇଁ, ରଶ୍ମି ରେଖା ବିଶ୍ୱାଳ, ଚିନ୍ମୟୀ , ଗିତାଞ୍ଜଳି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଭାବଗ୍ରାହୀ ବାବାଙ୍କ ତ୍ୟାଗଭିକ୍ଷା ଉତ୍ସବ

ଆନନ୍ଦପୁର,୧୬।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଟୋଲଙ୍କପଡ଼ା ଗ୍ରାମରେ ମହିମା ଅଲେଖ ପ୍ରଭୁ ପରଂବ୍ରହ୍ମ ଆଶ୍ରମର ସାଧୁ ଭାବଗ୍ରାହୀ ବାବାଙ୍କ ତ୍ୟାଗଭିକ୍ଷା କାର୍ଯ୍ୟକ୍ରମ ସାଧୁସନ୍ଥଙ୍କ ମେଳରେ ରବିବାର ସମାପନ ହୋଇଛି। ମହିମା ଅଲେଖବ୍ରହ୍ମ ଶୂନ୍ୟବାସୀଙ୍କ ଦର୍ଶନ ଓ ସୁଜ୍ଞାନ ପ୍ରବଚନ ନିମନ୍ତେ ଅନେକ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିମା ଧର୍ମାଲମ୍ବୀ ଏବଂ ଭାବଗ୍ରାହୀ ବାବାଙ୍କ ପରିବାର ସଦସ୍ୟ ତ୍ୟାଗଭିକ୍ଷା ଉତ୍ସବରେ ଯୋଗଦାନ କରିଥିଲେ। ଯୁଗଯୁଗ ଧରି ବ୍ରହ୍ମଧ୍ୱନି ସ୍ଥାପନ ସହ ମାନବ ସମାଜକୁ ଦିଗଦର୍ଶନ ଦେଇ ଜଗତ କଲ୍ୟାଣ ନିମିତ୍ତ ସାଧୁମାନେ ନିଜକୁ ସମର୍ପିତ କରିଛନ୍ତି। କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ନଦୁଆଁ ପାଟଣା ନିକଟବର୍ତ୍ତୀ ଟୋଲଙ୍କପଡ଼ା ଗ୍ରାମରେ ସାଧୁ ଭାବଗ୍ରାହୀ ବାବା ଜନ୍ମ ଗ୍ରହଣ କରି ବାଲ୍ୟକାଳରୁ ବ୍ରହ୍ମଚାରି, ତପନିଷ୍ଠ, ତ୍ରିତାପ, ସହନଶୀଳ, ଦୀପ୍ତିମନ୍ତ, ତେଜସ୍ୱୀ, ବ୍ରହ୍ମାବଧୂତ ରଘୁନାଥ ବାବାଙ୍କ କୃପା ଆଶ୍ରିବଚନ ଲାଭକରୀ ଶିଷ୍ୟରୁପେ ସନ୍ୟାସ ବ୍ରତକୁ ବରି ନେଇଛନ୍ତି। ବ୍ରାହ୍ମମୁହୂର୍ତ୍ତରେ ବ୍ରହ୍ମଧ୍ୱନୀ ସ୍ଥାପନ, ସାଧୁ ଭିକ୍ଷା, ଶରଣ ଦର୍ଶନ ଓ ଘୃତବତୀ ପ୍ରଜ୍ୱଳନ, ସମବେତ ପ୍ରାର୍ଥନା ଓ ମହିମା ଭଜନ ସମାରୋହ ପରେ ସାଧୁ ଭାବଗ୍ରାହୀ ବାବା ଗ୍ରାମ ପରିକ୍ରମା କରି ତ୍ୟାଗଭିକ୍ଷା କରିଥିଲେ। ମହିମା ସାଧୁଙ୍କ ଜୟଗାନରେ ବାବାଙ୍କୁ ଗ୍ରାମବାସୀ ତଥା ଶ୍ରଦ୍ଧାଳୁ ଭାବପୂର୍ଣ୍ଣ ବିଦାୟୀ ଦେଇଛନ୍ତି।

## ୩ ଫ୍ଲାଟ୍ ତାଲା ଭାଙ୍ଗି ସୁନାଗହଣା ଚୋରି

ଯୋଡ଼ା,୧୬।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ାସ୍ଥିତ ଟାଟାଷ୍ଟିଲ କମ୍ପାନୀର ସିଗରିକେଶନ କଲୋନୀରେ ୩ଟି ଫ୍ଲାଟରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତର ରାତିରେ ୨ ଦୁର୍ବୃତ୍ତ ଘରେ କେହି ନ ଥିବାବେଳେ କଲୋନୀସ୍ଥିତ ଡି- ବ୍ଲକରେ ଥିବା ଅରୁପ ମହାନ୍ତିଙ୍କ ୬ ନମ୍ବର ଫ୍ଲାଟ ଏବଂ କେ.ଗୋପାଲ ରେଡ଼ି ଏବଂ ଇ- ବ୍ଲକ୍‌ରେ ଥିବା ଭାଗବତ ବଳଙ୍କ ଫ୍ଲାଟ୍‌ର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ନେଇଯାଇଛନ୍ତି। ଗୋପାଲ ରେଡିଙ୍କ ଘରୁ ନଗଦ ୧୦ ହଜାର ଟଙ୍କା ୩ ଟି ସୁନା ଚେନ, ମଙ୍ଗଳସୁତ୍ର, ୪ ଟି କାନଫୁଲ, ରୁପା ପାଉଁଜି ଚୋରି ହୋଇଛି। ଆନୁମାଳିକ ମୂଲ୍ୟ ପ୍ରାୟ ୩୫ ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାସ୍ତାମଝିରେ ଜଳିଗଲା ହାଇୱା

କେନ୍ଦୁଝର,୧୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର-ହରିଚନ୍ଦନପୁର-ଡୁବୁରୀ ରାସ୍ତାର ରାମଚନ୍ଦ୍ରପୁର ଗ୍ରାମ ନିକଟ ସ୍ୱଞ୍ଜୀ କାରଖାନା ନିକଟରେ ରବିବାର ରାତିରେ ଏକ ହାଇୱା ଟ୍ରକ୍‌ରେ ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିବାର ଠିକ୍ କାରଣ ଜଣାପଡ଼ି ନ ଥିବା ବେଳେ ସର୍ଟ୍ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। କେନ୍ଦୁଝର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ମାତ୍ର ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଦୀର୍ଘ ଘଣ୍ଟା ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଘଟଣାର ତଦନ୍ତ କରାଯାଉଥିବା ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁ ହୋଇଛି। ଏ ନେଇ ବୋର୍ଡ ମଧ୍ୟ ଲଗାଇଛନ୍ତି। ଏହା ସତ୍ତ୍ୱେ ଭାରିଯାନ ଚଳାଚଳ ଯୋଗୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ଅସହାୟ ମଙ୍ଗୁଙ୍କୁ ସହାୟତା ନିବେଦନ

କେନ୍ଦୁଝର,୧୬।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍‌ର କୋଡ଼ିପଶା ପଞ୍ଚାୟତ ଅଧୀନ ଘୁଙ୍ଗି ଗାଁରେ ରହୁଥିବା ମଙ୍ଗୁ ଜୁଆଙ୍ଗ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ଗତ ସପ୍ତାହ ପୂର୍ବେ ବାରିରେ ପଡ଼ି ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହାଇଥିଲେ। ଅର୍ଥ ଅଭାବରୁ ଚିକିତ୍ସାରେ ବାଧା ଉପୁଜୁଥିବା ବେଳେ ସହାୟତା କରିବାକୁ ପରିବାର ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

ପ୍ରକାଶ ଯେ, ମଙ୍ଗୁ ପର ଘରେ ମୂଲ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ସପ୍ତାହରେ ବାଡ଼ିରେ କାମ କରୁଥିବା ସମୟରେ ମଙ୍ଗୁ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ କେନ୍ଦୁଝର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଦେଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ଅସ୍ତ୍ରୋପ୍ରଚାର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏ ନେଇ ରକ୍ତ ଯୋଗାଡ଼ କରିବାକୁ କହିଥିଲେ। ସାଙ୍ଗରେ ଥିବା ମଙ୍ଗୁଙ୍କ ଗର୍ଭବତୀ ସ୍ତ୍ରୀ ଅର୍ଥାଭାବ, ରକ୍ତ ଯୋଗାଡ଼, ଔଷଧ ଆଣିବା ସହିତ ଅନ୍ୟାନ୍ୟ କାମ ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ଡାକ୍ତର ତାଙ୍କୁ ୨୧ ଦିନ ପରେ ପୁଣି ଦେଖା କରିବାକୁ ପରାମର୍ଶ ଦେଇ ଛାଡ଼ିଦେଇଥିଲେ। ମଙ୍ଗୁଙ୍କ ଚିକିତ୍ସାକୁ ନେଇ ସ୍ତ୍ରୀ ଚିନ୍ତିତ ରହିଛନ୍ତି। ଅର୍ଥ ଅଭାବରୁ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଥିବା ବେଳେ ଔଷଧ, ଅସ୍ତ୍ରୋପ୍ରଚାର ଆଦି ନିମନ୍ତେ ଅର୍ଥ କେଉଁଠୁ ଆଣିବେ ଚିନ୍ତାରେ ରହିଛନ୍ତି। ସୂଚନା ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ବିଜୟ ଘଣା ପରିବାରକୁ ଭେଟି ସମସ୍ୟା ବୁଝିଥିଲେ। ସଂଗଠନ ପକ୍ଷରୁ ସହାୟତା ନିମନ୍ତେ ଜୁଆଙ୍ଗ ଉନ୍ନୟନ ସଂସ୍ଥାର କର୍ମଚାରୀଙ୍କୁ ଜଣାଇ, ମଙ୍ଗୁର ଚିକିତ୍ସା, ଔଷଧ ସହିତ ବର୍ତ୍ତମାନ ପାଇଁ ତା'ର ଖାଇବା ବିଷୟ ବୁଝିବାକୁ ଅନୁରୋଧ କରାଯାଇଥିଲା। ଜୁଆଙ୍ଗ ଉନ୍ନୟନ ସଂସ୍ଥାର କର୍ମଚାରୀ ଚିକିତ୍ସା ଖର୍ଚ୍ଚ ଦେଇପାରିବେ ନାହିଁ ବୋଲି କହିଥିଲେ। ରାସନର ଅସୁବିଧା ଥିଲେ, ବ୍ଲକ୍ କର୍ତ୍ତୃପକ୍ଷଙ୍କୁ କହି ଯୋଗାଡ଼ କରି ଦେଇପାରିବେ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରବିବାର ଖାଦ୍ୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଙ୍ଗୁଙ୍କ ଘରେ ପ୍ରଦାନ କରିଥିଲେ। ଏଥି ସହିତ ସ୍ୱାସ୍ଥ୍ୟ ଅବସ୍ଥା ବୁଝି, ଆଶୁ ଆରୋଗ୍ୟ କାମନା କରିଛନ୍ତି। ମିନତୀ ମହାନ୍ତ, ସତ୍ୟଭାମା ମହାନ୍ତ, ଜୟନ୍ତୀ ମହାନ୍ତ ଏବଂ ବିଜୟ କୁମାର ଘଣା ଉପସ୍ଥିତ ଥିଲେ।

## ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର କ୍ରୀଡ଼ାବିତ୍‌ଙ୍କୁ ୧୨ ପଦକ

**୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିୟନଶିପ**

କେନ୍ଦୁଝର,୧୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ରାଜ୍ୟ ଆର୍ଚେରୀ ଚାମ୍ପିୟନଶିପରେ ଭାଗନେଇଥିବା କ୍ରୀଡ଼ବିତ୍‌ମାନେ।

ସୁନ୍ଦରଗଡ଼ ଜିଲାରେ ଅନୁଷ୍ଠିତ ହୋଇଥିବା ୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିୟନଶିପ-୨୦୨୬ରେ କେନ୍ଦୁଝରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟରର ଖେଳାଳି ଉତ୍ତମ ପ୍ରଦର୍ଶନ କରି ଜିଲା ତଥା ସେଣ୍ଟର୍‌ର ସମ୍ମାନ ବୃଦ୍ଧି କରଛନ୍ତି। ପ୍ରତିଯୋଗିତା ଫେବୃଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଏକାଡେମୀର ତୀରନ୍ଦାଜମାନେ ବିଭିନ୍ନ ବିଭାଗରେ ୬ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ଜିତିଛନ୍ତି। ଚାମ୍ପିୟନଶିପରେ ସବ୍-ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ ତୀରନ୍ଦାଜମାନେ ଅଂଶଗ୍ରହଣ କରିଥିଲେ। ଦକ୍ଷତା ଏବଂ କଠିନ ପରିଶ୍ରମ ଯୋଗୁ ସେଣ୍ଟରର ଖେଳାଳିମାନେ ଏହି ସଫଳତା ପାଇପାରିଛନ୍ତି। ରିକର୍ଭ ରାଉଣ୍ଡ (ସବ-ଜୁନିୟର ବାଳିକା)ରେ ସାବିତ୍ରୀ ପାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସୁନିତା ନାୟକ ରୌପ୍ୟ, ଲିପ୍ସାମୟୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରିକର୍ଭ ରାଉଣ୍ଡର ସିନିୟର ବାଳକ ବର୍ଗରେ ଅର୍ଜୁନ ଖରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କମ୍ପାଉଣ୍ଡ ରାଉଣ୍ଡ ସବ୍ ଜୁନିୟର ଓ ଜୁନିୟର ବାଳିକା ବର୍ଗରେ ସ୍ୱପ୍ନାରାଣୀ ବେହେରା ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ସୀତା ହେମ୍ବ୍ରମ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଏବଂ ଚନ୍ଦ୍ରିକା ମହାପାତ୍ର ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। କମ୍ପାଉଣ୍ଡ ରାଉଣ୍ଡ ଉଭୟ ଜୁନିୟର ଏବଂ ସବ୍-ଜୁନିୟର ବାଳକ ବର୍ଗରେ ଦୈନେଶ୍ୱର ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାଜ୍ୟ ସରକାର ଏବଂ ଟାଟା ଷ୍ଟିଲର ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର ରାଜ୍ୟର ପ୍ରତିଭାବାନ ତୀରନ୍ଦାଜଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ପ୍ରଶିକ୍ଷଣ ପ୍ରଦାନ କରୁଛି। ମାତ୍ର ୨୪ ଜଣ କ୍ୟାଡେଟଙ୍କୁ ନେଇ ଆରମ୍ଭ ହୋଇଥିବା କେନ୍ଦ୍ର ତୃଣମୂଳସ୍ତରର ପ୍ରତିଭାଙ୍କୁ ପ୍ରଶିକ୍ଷଣ ଦେବା ସହ ଜାତୀୟ ଆନ୍ତର୍ଜାତୀୟସ୍ତରର ତୀରନ୍ଦାଜଙ୍କ ସହ ପ୍ରତିଯୋଗିତା କରିବା ପାଇଁ ସଫଳ ଉଦ୍ୟମ ଚଳାଇଛି। ସଫଳତା ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପଦକ ଜିତିବା ପାଇଁ କ୍ୟାଡେଟ୍‌ଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି।

# ମଣ୍ଡି ସାମ୍ନାରେ ଧାନବସ୍ତା ପାହାଡ଼

ଟିହିଡ଼ି,୧୬।୨(ସଞ୍ଜିତ ବଳ)

- ସପ୍ତାହେ ହେଲା ଧାନ ଉଠାଉନାହାନ୍ତି ମିଲର
- ସଂଗ୍ରହ ହୋଇନି ୩୦ ପ୍ରତିଶତ, ବଢ଼ୁଛି ଚାଷୀ ଅସନ୍ତୋଷ
- ଟୋକନ ଅବଧି ବୃଦ୍ଧି ପାଇଁ ଦାବି

ଟିହିଡ଼ି ବ୍ଲକର ବିଭିନ୍ନ ମଣ୍ଡି ସାମ୍ନାରେ ପାହାଡ଼ ସଦୃଶ ଧାନବସ୍ତା ଗଦାହୋଇ ରହିଛି। ସପ୍ତାହେ ହେଲା ମିଲରମାନେ ମଣ୍ଡିରୁ ଧାନ ଉଠାଉ ନାହାନ୍ତି। ଏହାକୁ ନେଇ ସମବାୟ ସମିତି କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ଦେଖା ଦେଇଥିବା ବେଳେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଧାନ ସଂଗ୍ରହରେ ବିଳମ୍ବ ହୋଇଥିବାରୁ ବିଭିନ୍ନ ସମିତି ଅଧୀନରେ ଥିବା ଚାଷୀମାନଙ୍କ ଟୋକନ ଅବଧି ଶେଷ ହେବା ନିଶ୍ଚିତ ହୋଇଛି। ଅଦ୍ୟାବଧି ବ୍ଲକରୁ ଧାର୍ଯ୍ୟ ଲକ୍ଷ୍ୟର ୩୦ ପ୍ରତିଶତ ଧାନ କିଣାଯାଇ ନ ଥିବାରୁ ଲକ୍ଷ୍ୟ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାନୁଆରୀ ୫ଠାରୁ ବ୍ଲକର ବିଭିନ୍ନ ସମିତି ଏବଂ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀରେ) ମଣ୍ଡି ଖୋଲିଥିଲା। ୧୪ ସମିତି ଏବଂ ୬ଟି ଏସ୍‌ଏଚ୍‌ଜି ମାଧ୍ୟମରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉଛି। ବ୍ଲକରୁ ୧ ଲକ୍ଷ ୯୪ହଜାର ୫୮୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଧାନ ସଂଗ୍ରହ ପାଇଁ ପ୍ରତ୍ୟେକ ମଣ୍ଡି ସହ ୨ରୁ ଅଧିକ ରାଇସ୍ ମିଲକୁ ଟ୍ୟାଗ୍ କରାଯାଇଛି। ତେବେ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହେବା ପରଠାରୁ ମିଲରମାନେ ସହଯୋଗ କରି ନ ଥିବା ମଣ୍ଡି କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ବ୍ଲକ ଅଧୀନ ବିଭିନ୍ନ ମଣ୍ଡିରୁ ମିଲରମାନେ ମନ୍ଥର ଗତିରେ ଧାନ ଉଠାଇଥିବାରୁ ମଣ୍ଡି ସାମ୍ନାରେ ଲକ୍ଷାଧିକ କୁଇଣ୍ଟାଲର ଧାନ ଗଦା ହୋଇଥିବା ଜଣାପଡ଼ିଛି। ପ୍ରତ୍ୟେକ ମଣ୍ଡି ସାମ୍ନାରେ ୫ ହଜାରରୁ ଉର୍ଦ୍ଧ୍ୱ ଧାନବସ୍ତା ଖରା, କାକରରେ ପଡ଼ିରହିଛି। ଅଧିକାଂଶ ସମିତିରେ ଗୋଦାମ ଗୃହ ନ ଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଛି। ଯେଉଁସବୁ ସମିତିରେ ଗୋଦାମ ଗୃହ ଅଛି, ତାହା ମଧ୍ୟ ଧାନରେ ପରିପୂର୍ଣ୍ଣ ହୋଇଯିବାରୁ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ସମିତି ଅନିଚ୍ଛା ପ୍ରକାଶ କରୁଥିବା ଜଣାଯାଇଛି। ଚାଷୀମାନଙ୍କ ଆଖି ସ୍କାନ କରି ସମିତି କର୍ତ୍ତୃପକ୍ଷ କେବଳ ଧାନ ସଂଗ୍ରହ କରି ନେଉଛନ୍ତି। ଚାଷୀଙ୍କୁ କେବେ ପ୍ରାପ୍ୟ ମିଳିବ ତାହାର କୌଣସି ସଠିକତା ବି ନାହିଁ। ସମିତି କର୍ତ୍ତୃପକ୍ଷ ମିଲରଙ୍କୁ ଫୋନ କରି କରି ନୟାନ୍ତ ହେଉଥିଲେ ମଧ୍ୟ ସେମାନେ ଧାନ ଉଠାଇବାର ନାଁ ଧରୁ ନ ଥିବା କେତେକ ସମିତି ସମ୍ପାଦକ ପ୍ରକାଶ କରିଛନ୍ତି। ଏହାମଧ୍ୟରେ କେତେଜଣ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ଥିବାରୁ ସେମାନେ ମଣ୍ଡିକୁ ଧାନ ଦେଇପାରିବେ କି ନାହିଁ, ତାହା ସେମାନଙ୍କ ପାଇଁ ଦୁଶ୍ଚିନ୍ତାର କାରଣ ପାଲଟିଛି। ଚଳିତବର୍ଷ ଧାନ ଅମଳ ଭଲ ହୋଇଥିବା ବେଳେ ଚାଷୀମାନେ ଉଚିତ୍ ପ୍ରାପ୍ୟ ପାଇବା ନେଇ ଆଶାବାଦୀ ଥିଲେ। ମାତ୍ର ଏହା ସମ୍ଭବ ହେଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ସ୍ଥଳେ ମିଲରମାନେ ମଣ୍ଡିରୁ ଧାନ ଉଠାଇବା ଦିଗରେ ପ୍ରଶାସନିକ ପଦକ୍ଷେପ ନିଆଯିବା ସହ ଟୋକନ ଅବଧି ବୃଦ୍ଧି ପାଇଁ ଚାଷୀମାନେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ପଚାରିବାରୁ ମଣ୍ଡିରୁ ଧାନ ଉଠାଯିବା ଦିଗରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି।



ମଙ୍ଗଳପୁର ସମିତି ମଣ୍ଡି ସାମ୍ନାରେ ପାହାଡ଼ ସଦୃଶ ଧାନବସ୍ତା ଗଦା ହୋଇରହିଛି।

## ସୁନାବେଶ ସହ ମହାଦୀପ ଦର୍ଶନ କଲେ ଶ୍ରଦ୍ଧାଳୁ



ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ସୁନାବେଶ।



ସେବାୟତମାନେ ମନ୍ଦିର ଚୂଡ଼ାରେ ମହାଦୀପ ରଖୁଛନ୍ତି।

ଧୁଷୁରୀ, ୧୬।୨ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଶ୍ରଦ୍ଧାଳୁମାନେ ବାବା ଆଖଣ୍ଡଳମଣିଙ୍କ ସୁନାବେଶ ସହ ମହାଦୀପ ଦର୍ଶନ କରିଛନ୍ତି। ମହାଦୀପ ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳିଥିଲେ। ପରମ୍ପରା ଅନୁଯାୟୀ ରାତ୍ରର ଅନ୍ତିମ ପ୍ରହର ଅର୍ଥାତ୍ ସୋମବାର ଭୋର ୪ଟା ୩୦ ବେଳେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ହରିବୋଲ, ହୁଳହୁଳି ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସେବାୟତମାନେ ମହାଦୀପକୁ ୭ଥର ବେଢ଼ା ପରିକ୍ରମା କରାଇବା ପରେ ଭବ୍ୟ ପରିବେଶରେ ମନ୍ଦିର ଚୂଡ଼ାରେ ରଖିଥିଲେ। ମହାଦୀପ ଉଠିବା ଆଗରୁ ରବିବାର ମଧ୍ୟରାତ୍ରରେ ବାବା ଆଖଣ୍ଡଳମଣିଙ୍କ

### ଆଖଣ୍ଡଳମଣି ପୀଠ

ମନଲୋଭା ଦିବ୍ୟ ସୁନାବେଶ ହୋଇଥିଲା। ସୁନାବେଶ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ବର୍ଷତମାମ ବାବା ଆଖଣ୍ଡଳମଣି ରୌପ୍ୟ, ପିତ୍ତଳ, ତମ୍ବା ଆଦି ଧାତୁରେ ନିର୍ମିତ ଅଳଙ୍କାର ପିନ୍ଧୁଥିବା ବେଳେ କେବଳ ଏହି ଗୋଟିଏ ଦିନ ପାଇଁ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରନ୍ତି। ୪୦୦ ବର୍ଷ ତଳେ କନିକା ରାଜାଙ୍କ ପ୍ରଦତ୍ତ ସୁନାକଣ୍ଠି ହାର ସାଙ୍ଗକୁ ସ୍ୱର୍ଣ ନିର୍ମିତ ନାସା, ଚକ୍ଷୁ, ଅଧର, ମୁକୁଟ ଆଦି ଅଳଙ୍କାର ପିନ୍ଧି ବାବା ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ବାବା ଆଖଣ୍ଡଳମଣିଙ୍କ ସୁନାବେଶ ସହ ମହାଦୀପ ଦର୍ଶନ କଲେ କୋଟିଜନ୍ମର ପୂଣ୍ୟଫଳ ମିଳିଥାଏ ବୋଲି ଲୋକକଥା ମଧ୍ୟ ରହିଛି।

## ମାଟ୍ରିକ୍ ପରୀକ୍ଷା ଦେବେ ୧୫୩୮ ପରୀକ୍ଷାର୍ଥୀ

ଭଣ୍ଡାରିପୋଖରୀ,୧୬।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକରେ ଚଳିତବର୍ଷ ୯ଟି ପରୀକ୍ଷା କେନ୍ଦ୍ରରେ ୧୫୩୮ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିମଧ୍ୟରୁ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାଳୟରେ ୧୩୮ ପରୀକ୍ଷାର୍ଥୀ, ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୩୫, ଭଣ୍ଡାରିପୋଖରୀ ସରକାରୀ ହାଇସ୍କୁଲରେ ୨୨୨, ନପଙ୍ଗ ଚଣ୍ଡିମାତା ଉଚ୍ଚ ବିଦ୍ୟାଳୟରେ ୧୬୭, ମଞ୍ଜୁରୀରୋଡ୍ ଜିପିୟୁ ଉଚ୍ଚ ବିଦ୍ୟାପୀଠରେ ୧୩୨, ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲରେ ୧୪୯, ବାଲିପୋଖରୀ ଶୁକଦେବ ଜେନା ଉଚ୍ଚ ବିଦ୍ୟାଳୟରେ ୧୩୧, ସରସଦା ଉଚ୍ଚ ବିଦ୍ୟାଳୟରେ ୧୯୬ ଓ ଯଶୋଟିକିରି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୬୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ୩୦ଜଣ ମଧ୍ୟମା ପରୀକ୍ଷା ଦେବେ। ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ପ୍ରସ୍ତୁତ କରାଯାଇଛି ବୋଲି ନୋଡାଲ କେନ୍ଦ୍ର ଅଧୀକ୍ଷକଙ୍କ ସୂତ୍ରରୁ ପ୍ରକାଶ।

## ସାମିଲ ହେଲେ ପଞ୍ଚାୟତ ବିଜେଡି ସଭାପତିଙ୍କ ଭାଇ



ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ନୂତନ କର୍ମୀଙ୍କୁ ଦଳୀୟ ଟୋପି ପିନ୍ଧାଉଛନ୍ତି।

ଚାନ୍ଦବାଲି,୧୬।୨(କିଷାନ ପାତ୍ର)

### ଭାଜପାର ମହାମିଶ୍ରଣ ପର୍ବ

ଚାନ୍ଦବାଲି ବ୍ଲକର ଖେରଙ୍ଗସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଖେରଙ୍ଗ ପଞ୍ଚାୟତ ଭାଜପା ନେତା ପ୍ରଶାନ୍ତ ମାଝୀ ଓ ଲାଲାଲଳିତ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତ ବିଜେଡି ସଭାପତିଙ୍କ ଭାଇ ଅଜୟ ମାଝୀ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଶତାଧିକ ପରିବାର ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଆରଡ଼ି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣପର୍ବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦଳରେ ସାମିଲ ହୋଇଥିବା ନେତା ଓ କର୍ମୀଙ୍କୁ ଅତିଥିମାନେ ଦଳକୁ ସ୍ୱାଗତ କରିଥିଲେ। ଚାନ୍ଦବାଲି ହେଉଛି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ବାଚନମଣ୍ଡଳୀ। ଏହି ନିର୍ବାଚନମଣ୍ଡଳୀର ଦ୍ରୁତ ବିକାଶ ଦିଗରେ ରାଜ୍ୟ ସଭାପତି ସଦା ସର୍ବଦା ଦୃଷ୍ଟି ଦେଉଛନ୍ତି। ନିର୍ବାଚନମଣ୍ଡଳୀରେ ଭାଜପା ସବୁ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଏନ୍‌ଏସି ଦଖଲ କରିବ ବୋଲି ମୁଖ୍ୟ ଅତିଥି ବିଧାୟକ ମହାପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅପରପକ୍ଷେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟ ଜିଲା ବିଜେଡି ସଭାପତି ହେବା ପରେ ସେ ଅସନ୍ତୁଷ୍ଟ ହୋଇ ଦୀର୍ଘ ୨୫ ଧରି ବିଜେଡିରେ ରହିବା ପରେ ଭାଜପାରେ ଯୋଗ ଦେଇଛନ୍ତି ବୋଲି ଅଜୟ ପ୍ରକାଶ କରିଛନ୍ତି। ମିଶ୍ରଣ ପର୍ବରେ ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର କୁମାର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳ, ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ସ୍ୱଦେଶ ପଣ୍ଡା, ସରପଞ୍ଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ସମିତିସଭ୍ୟ ପ୍ରିୟରଞ୍ଜନ ଜେନା, ଅଭୟ ବଳ, ଜଗନ୍ନାଥ ରାଉତ, ବରିଷ୍ଠ ନେତା କାହ୍ନୁଚରଣ ବେହେରା, ମାଳତୀଲତା ସାହୁ, ସନାତନ ସାହୁ, ବାଇଧର ସୂତାର, ନିଶିକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କୁ ଭେଟିଲେ ପ୍ରତିନିଧି ଦଳ

### ଏଆଇସିସିଟିୟୁ ନେତ୍ରୀଙ୍କୁ ପୋଲିସର ଆକ୍ରମଣ ଘଟଣା

ଭଦ୍ରକ,୧୬।୨(ସନାତନ ରାଉତ)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଗତ ୧୨ ତାରିଖରେ ସର୍ବଭାରତୀୟ ଧର୍ମଘଟ ଚାଲିଥିବା ବେଳେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଭଦ୍ରକ ଜିଲା ସମ୍ପାଦିକା ଜୟନ୍ତୀ ବିଶ୍ୱାଳଙ୍କୁ ପୋଲିସ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଏକ ପ୍ରତିନିଧି ଦଳ ସୋମବାର ଅପରାହ୍ନ ୪ଟାରେ ଏସ୍‌ପି ମନୋଜ ରାଉତଙ୍କୁ ଭେଟି ଆଲୋଚନା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଭଦ୍ରକ କଲେଜ ରୋଡ୍ ନିକଟ ୧୬ ନଂ. ଜାତୀୟ ରାଜପଥରେ ଧର୍ମଘଟ ଚାଲିଥିବା ବେଳେ ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ଜଣେ ମହିଳା କନ୍‌ଷ୍ଟେବଲ ରାସ୍ତା ଅବରୋଧ ହଟାଇବା ପାଇଁ ଯୁକ୍ତତର୍କ କରିବା ସହ ଜୟନ୍ତୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ଆହତ ହୋଇ ଜୟନ୍ତୀ ୪ଦିନ ଧରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସୋମବାର ଡିସ୍‌ଚାର୍ଜ ହୋଇଛନ୍ତି। ତାଙ୍କୁ ୧ ମାସ ବିଶ୍ରାମ ପାଇଁ ଡାକ୍ତର ପରାମର୍ଶ ଦେଇଥିବା କହିଛନ୍ତି। ଏହି ଘଟଣାକୁ ନେଇ ଏଆଇସିସିଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଭଦ୍ରକ ସମ୍ପାଦକ ସମର ବଳ, ଭୀମସେନ ଶଙ୍ଖୁଆ, ସିଟୁ ନେତା ଦିବ୍ୟସିଂହ ନାୟକ, ନାରୀନେତ୍ରୀ ଶାନ୍ତିଲତା ରାଉତ, ପ୍ରଶାନ୍ତ ଶଙ୍ଖୁଆ ପ୍ରମୁଖ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟିଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀ ଓ କନ୍‌ଷ୍ଟେବଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି କରିଛନ୍ତି। ଘଟଣାର ତଦନ୍ତ ନିଶ୍ଚିତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ଉଚିତ୍ ପଦକ୍ଷେପ ନ ନେଲେ ଏଆଇସିସିଟିୟୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବ ବୋଲି ରାଜ୍ୟ ସମ୍ପାଦକ ପରିଡ଼ା କହିଛନ୍ତି।

## ଧୁଷୁରୀ ବଜାରରୁ ଚୋରି, ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

ଧୁଷୁରୀ,୧୬।୨(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ଅଧୀନ ଧୁଷୁରୀ ଥାନାଠାରୁ ୩୦୦ ମିଟର ଦୂର ଧୁଷୁରୀ ବଜାରରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏଥିସହ ଦୁର୍ବୃତ୍ତମାନେ ବଜାରରେ ଥିବା ୟୁକୋ ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ କରିଛନ୍ତି। ସୂଚନା ଅନୁଯାୟୀ, ବ୍ୟାଙ୍କ ନିକଟରେ ଥିବା ଆଦିକନ୍ଦ ମଲ୍ଲିକଙ୍କ ଇଲୋକ୍ଟ୍ରୋନିକ୍ସ ଦୋକାନ, ଜଇରାମ ସାହୁଙ୍କ ଟେଜରାଟି, ୟୁନିକ ଟେଲର ଦୋକାନ, ବାସୁଦେବ ଗୋଖାଦ୍ୟ ଭଣ୍ଡାର, ଧୁଷୁରୀ ମେଡିକାଲ ସମ୍ମୁଖରେ ଥିବା ବିମଳ ପାଥୋଲୋଜି ଏବଂ ଏକ ଔଷଧ ଦୋକାନରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍ ତାଲା କାଟି ଲୁଟ୍ ଉଦ୍ୟମ କରି ବିଫଳ ହୋଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୋମବାର ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁସନ୍ଧାନ କରିଛି। ଆଖଣ୍ଡଳମଣି ପୀଠରେ ମହାଶିବରାତ୍ରି ପାଇଁ ପୋଲିସ ଡ୍ୟୁଟିରେ ଥିବାବେଳେ ଏହି ସୁଯୋଗରେ ଦୁର୍ବୃତ୍ତମାନେ ଚୋରି କରିଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ, ୭ମାସ ତଳେ ମଧ୍ୟ ଏହି ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ ପାଇଁ ଉଦ୍ୟମ କରି ଦୁର୍ବୃତ୍ତମାନେ ବିଫଳ ହୋଇଥିଲେ। ସେହିଭଳି ୨ବର୍ଷ ତଳେ କେତେଜଣ ଦୋକାନୀଙ୍କ ଦୋକାନରୁ ଚୋରି ହୋଇଥିଲା। ପୋଲିସର ତଦନ୍ତ କେବଳ ତଦନ୍ତରେ ରହିଥିବା ବହୁ ଦୋକାନୀ କହିଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି: ଆସିଲା ୧୪୪ ଅଭିଯୋଗ

ବନ୍ତ,୧୬।୨(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୧୪୪ଟି ଅଭିଯୋଗ ଆସିଥିବା ବେଳେ ଜିଲାପାଳ ଦିଲୀପ ରାଉତରାଏ ସେଗୁଡ଼ିକର ଶୁଣାଣି କରିଥିଲେ। ସେଥିମଧ୍ୟରେ ୧୨୫ଟି ବ୍ୟକ୍ତିଗତ, ୧୬ ଗ୍ରାମ୍ୟ ସମସ୍ୟା ଓ ୩ ରେଡ୍‌କ୍ରସ ସହାୟତା ସମ୍ବନ୍ଧୀୟ ଅଭିଯୋଗ ଥିଲା। ୨୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ବିଡିଓ ସିତାକାନ୍ତ ରାଉତ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ତହସିଲଦାର ସାରା ହେମ୍ବ୍ରମ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଶିବିରରେ ଯୋଗ ଦେଇଥିଲେ।

## ପୂର୍ବତନ ଡାକ୍ତରଙ୍କ ସ୍ମୃତିସଭା



ପୂର୍ବତନ ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଭଦ୍ରକ,୧୬।୨(ରବିନାରାୟଣ ଖିଲାର)

ଭଦ୍ରକ ବାଇପାସ୍‌ସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଡା. ଦେବେନ୍ଦ୍ର ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ଡାକ୍ତରଖାନା ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲା ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ମୁଖ୍ୟଅତିଥି ଡା. ସୁଧୀର ରଞ୍ଜନ ନାୟକ ଓ ସମ୍ମାନିତ ଅତିଥି ଭାବେ ଡା. ପ୍ରଦୀପ ଖୁଣ୍ଟିଆ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଚକ୍ଷୁ ଚିକିତ୍ସାଳୟ ସ୍ଥାପନ କରିବା, ଚିକିତ୍ସାଳୟ ନାମରେ ପ୍ରାୟ ୪୦ ଡିସିମିଲର ସମ୍ପତ୍ତି ସରକାରଙ୍କୁ ଦାନ କରିବା ସ୍ୱର୍ଗତ ଦାସଙ୍କର ଏକ ଉତ୍ତମ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଅପରପକ୍ଷେ ଚକ୍ଷୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଚିକିତ୍ସାଳୟରେ ଆବଶ୍ୟକ ଉପକରଣ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଖୁବ୍‌ଶୀଘ୍ର ଉପକରଣ ଯୋଗାଇ ଦିଆଯିବ ବୋଲି ଡା.ନାୟକ କହିଥିଲେ। ସାମାଜିକ କର୍ମୀ ପ୍ରକାଶ ଜେନା ମଞ୍ଚ ଆମନ୍ତ୍ରଣ, ନବଘନ ଦାସ ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟାପକ ମୃତ୍ୟୁଞ୍ଜୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଷ୍ଟେନୋ ବିଶ୍ୱନାଥ ପରିଡ଼ା, ଡା. ବୈରାଗୀ ଗାହାଣ, କାର୍ତ୍ତିକ ସାମନ୍ତ, ଖବରଦାତା ପ୍ରଦୀପ ବଳ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ମଶାନରୁ ଶବ ଚୋରି: ଅନୁଧାନ କଲେ ଏସ୍‌ପି

ଭଣ୍ଡାରିପୋଖରୀ,୧୬।୨(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଏସ୍‌ପି ମନୋଜ ରାଉତ ସୋମବାର ଭଣ୍ଡାରିପୋଖରୀ ଥାନା ଅଧୀନ ମଣିନାଥପୁରଠାରେ ବୈତରଣୀ ନଦୀକୂଳ ଗ୍ରାମ ଶ୍ମଶାନରୁ ଶବ ଚୋରି ଘଟଣାସ୍ଥଳ ଅନୁଧାନ କରିଛନ୍ତି। ଭଣ୍ଡାରିପୋଖରୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ ସହ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲେ। ଶବ ଚୋରିବେଳେ ଛାଡ଼ିଯାଇଥିବା ଗ୍ଲୋବ୍ସଠାରୁ ବୈତରଣୀ ନଦୀ ଶଯ୍ୟାରେ ବାଲି ମାଫିଆଙ୍କ ଦ୍ୱାରା ତିଆରି ଅସ୍ଥାୟୀ ରାସ୍ତାରେ ସନ୍ଧାନୀ କୁକୁର ବେଶ୍ କିଛି ବାଟ ଯିବା ପରେ ଫେରି ଆସି ନିକଟରେ ଥିବା ଗ୍ରାମର ଅନ୍ୟ ଏକ ଶ୍ମଶାନକୁ ଯାଇଥିଲା। ଶବ ଚୋରି ହୋଇଥିବା ଗ୍ରାମର ସ୍ୱର୍ଗତ କାର୍ତ୍ତିକ ନାୟକଙ୍କ ପୁଅ ବନ୍ଦନ ରବିବାର ଥାନାରେ ଅଭିଯୋଗ କରିବା ପରେ ମାମଲା(ନଂ. ୭୦/୨୬) ରୁଜୁ ହୋଇଛି। ଏଯାଏ ଏହି ଶ୍ମଶାନରୁ ୨୧ ମୃତଦେହ ଚୋରି ହୋଇଛି।

## ଗୋପାଳେଶ୍ୱରଙ୍କ ପୀଠରେ ଜାଗର ଯାତ୍ରା

ଚାନ୍ଦବାଲି,୧୬।୨(ରତିକାନ୍ତ ବାରିକ)

ଚାନ୍ଦବାଲି ବ୍ଲକ ଅଧୀନ ଗୋପାଳପୁର ଗ୍ରାମର ଗୋପାଳେଶ୍ୱର ପୀଠରେ ରବିବାର ରାତିରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ନୀତିକାନ୍ତି ସହ ସ୍ୱତନ୍ତ୍ର ପୂଜା କରାଯାଇ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ବହୁ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଠାକୁର ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳି ବସିଥିଲେ। ରାତି ୧୨ଟା ୧୫ରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ଏହାସହ ପୀଠ ଦେବୀ ମା' ଝାଡ଼େଶ୍ୱରୀଙ୍କ ନିକଟରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଭୀମସେନ ଦାସ, ଉପସଭାପତି ଚିତ୍ତରଞ୍ଜନ ବାରିକ, କୋଷାଧ୍ୟକ୍ଷ ଅଜିତ କୁମାର ନାୟକ, ମୁକ୍ତିକାନ୍ତ ନାୟକ, ଅମରେନ୍ଦ୍ର ନାୟକ, ଭବାନୀ ଶଙ୍କର ନାୟକ, ବିଜୟ ନାୟକ, ଶରତ ତାଣ୍ଡୁ, ସୁଶାନ୍ତ ବାରିକ, ପ୍ରତାପ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ଧାନକିଣାରେ ଅନିୟମିତତା ନେଇ ବିଜେଡିର ପ୍ରତିବାଦ

ଭଦ୍ରକ,୧୬।୨ (ସନାତନ ରାଉତ)



ବିଜେଡି ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ ଜିଲାରେ ଧାନକିଣାରେ ଅନିୟମିତତା, ଚାଷୀଙ୍କୁ ଶୋଷଣ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଆଦି ନେଇ ଭଦ୍ରକ ବିଜେଡି ପକ୍ଷରୁ ସୋମବାର ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ ନେତା, କର୍ମୀ ଓ ବହୁ ଚାଷୀ ସରକାର ବିରୋଧୀ ନାରା ଦେଇ ଗାନ୍ଧୀପଡ଼ିଆଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଚାଷୀଙ୍କଠାରୁ ଧାନ ନ କିଣି ମିଲରମାନଙ୍କ ଜରିଆରେ ଚାଷୀମାନଙ୍କୁ ଶୋଷଣ କରୁଛନ୍ତି। ଏଫ୍‌ଏକ୍ୟୁ ମାନ ଆଳରେ ପ୍ରତି କୁଇଣ୍ଟାଲ ଉପରେ ୮ରୁ ୧୦ କିଲୋ ଧାନ କାଟି ନେବା, ଚାଷୀଙ୍କୁ ଟୋକନ ଦେଇ ଧାନ ନ କିଣିବା ଆଦି ଅଭିଯୋଗ କରି ବିଜେଡି ନେତୃବୃନ୍ଦ ବର୍ଷିଛନ୍ତି। ଚାଷୀଙ୍କ ହକ୍ ପାଇଁ ବିଜେଡିର ଲଢ଼େଇ ଜାରି ରହିବ ବୋଲି ନୂତନ ଜିଲା ସଭାପତି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ କହିଛନ୍ତି। ବିଧାୟକ ଡ. ରାୟଙ୍କ ସଭାପତିତ୍ୱରେ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ମିଲର, ଯୋଗାଣ ବିଭାଗ ଓ ଆର୍‌ଏମ୍‌ସି ମିଳିତ ଭାବେ ଚାଷୀର ଧାନ ଟଙ୍କାକୁ ଲୁଟିବାକୁ ଚକ୍ରାନ୍ତ କରାଯାଇଛି ବୋଲି କହିଥିଲେ। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଟିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ମଲ୍ଲିକ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବଙ୍କ ସମେତ ଦଳୀୟ ନେତୃବୃନ୍ଦ ଯୋଗଦେଇ ପ୍ରତିବାଦ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଜଳିଗଲା ୪ ଦୋକାନ

ବାସୁଦେବପୁର,୧୬।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଛକରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ଦୋକାନ ଜଳିଯାଇଛି। ଗ୍ରାମର ବଙ୍କିମ ମହାନ୍ତିଙ୍କ ଲୁଗା ଦୋକାନ, କ୍ଷୀରୋଦ କୁମାର ବଳଙ୍କ ଜେରକ୍ସ ଦୋକାନ, ପର୍ଶୁରାମ ମହାକୁଡ଼ଙ୍କର ମିଷ୍ଟାନ୍ନ ଏବଂ କାଳନ୍ଦୀ ପରିଡ଼ାଙ୍କ ଜଳଖିଆ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ପୋଖରୀରେ ବୁଡ଼ି ଶିଶୁ ମୃତ

ବାସୁଦେବପୁର,୧୬।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତରେ ସୋମବାର ଅପରାହ୍ନରେ ପୋଖରୀରେ ବୁଡ଼ି ଜଣେ ୬ ବର୍ଷୀୟ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ରଘୁଛକର ଜଗନ୍ନାଥ ମଣ୍ଡଳଙ୍କ ପୁଅ ଆକାଶ। ଆକାଶ ଘର ନିକଟରେ ଖେଳୁଥିବା ବେଳେ ପଡ଼ୋଶୀଙ୍କ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ

ଭୁବନେଶ୍ୱର,୧୬।୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଓ ମହମ୍ମଦ ହନିଫ୍ ମେମୋରିଆଲ ଉର୍ଦ୍ଦୁ ଲାଇବ୍ରେରୀର ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) ଶନିବାର ଭଦ୍ରକ ଜିଲା ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏକାଡେମୀର ଉପସଭାପତି ଜନାବ ନଫିସ୍ ମଞ୍ଜର ହସନ ଉର୍ଦ୍ଦୁ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ଯୁବ ସାହିତ୍ୟିକମାନଙ୍କୁ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରୁଛି ବୋଲି ସେ କହିଥିଲେ। ପରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଉର୍ଦ୍ଦୁ କବିମାନେ କବିତାପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଉର୍ଦ୍ଦୁ କବି ଜନାବ ସମନ୍ ନସିମି, ଉର୍ଦ୍ଦୁ ସାହିତ୍ୟିକ, କବି ଜନାବ୍ ଖାୱର ନକିବ୍ ପ୍ରମୁଖ ଯୋଗ ଦେଇଥିଲେ।

# କୋଟି କୋଟି ଟଙ୍କାର ସରକାରୀ ଗୃହ ଏବେ ଭୂତକୋଠି

**ବାରିପଦା,୧୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଝାରପୋଖରିଆ ନିକଟସ୍ଥ ଜାମଶୋଳା ତନଖି ଫାଟକ କୋଠା ଏବେ ଭୂତକୋଠି ପାଲଟିଛି । କୋଟି କୋଟି ଟଙ୍କାରେ ନିର୍ମିତ କୋଠାଗୁଡ଼ିକ ବ୍ୟବହାର ହେଉ ନ ଥିବାରୁ ତାହା ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି । ଏହି ଫାଟକ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ନିୟନ୍ତ୍ରଣ କରୁଥିବା ବେଳେ ଚକ୍ରଧରପୁର ପାଇଁ ନିର୍ମିତ ଧାଡ଼ି ଧାଡ଼ି ସଡ଼କ ଓ କୋଠାଘର ଅବ୍ୟବହୃତ ହୋଇ ମାଟିରେ ମିଶିବାକୁ ଯାଉଛି । ଜାତୀୟ ରାଜପଥ ୪୯ନଂ.(ପୂର୍ବରୁ ୬ନଂ) ଉପରେ ଏକଦା କାର୍ଯ୍ୟ କରୁଥିବା ଏହି ଫାଟକସ୍ଥଳ ରାତିରେ ଦିନର ଭ୍ରମ ସୃଷ୍ଟି କରୁଥିବା ବେଳେ ଏବେ ତାହା ଇତିହାସ ହୋଇପଡ଼ିଛି । ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଅଧିକାରୀଗଣ ଏହାକୁ ବିକଳ୍ପ କାର୍ଯ୍ୟ ବ୍ୟବହାର ପାଇଁ ଯୋଜନା ପ୍ରସ୍ତୁତ ନ କରିବା ଦ୍ୱାରା ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଉଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରା ଦେଶରେ ଜିଏସ୍‌ଟି ଲାଗୁ ପରେ ସମସ୍ତ ତନଖି ଫାଟକ ବ୍ୟବସ୍ଥା ବନ୍ଦ ରହିଲା । ଜାମଶୋଳା ତନଖି ଫାଟକ କେବଳ ଭାରତରେ ନୁହେଁ ବରଂ ବାଂଲାଦେଶ ଓ ନେପାଳରେ ମଧ୍ୟ ଜିଲାର ପରିଚୟ ବେଶ୍ ସୁଦୃଢ଼ ରହିଥିଲା । ଭାରତର ବିଭିନ୍ନ ରାଜ୍ୟର ସାମଗ୍ରୀ ପରିବହନର ମୁଖ୍ୟରାସ୍ତା ଏହି ଜାମଶୋଳା ହୋଇ ରହିଥିଲା । ଏଣୁ ଦେଶର କୋଣ ଅନୁକୋଣରେ ରହିଥିବା ବଡ ବଡ ବ୍ୟବସାୟୀମାନେ ବହୁ ସମୟରେ ଏଠାକୁ ଆସି ଜାମଶୋଳା ସହ ଜିଲା ସହିତ ବେଶ ସୁସମ୍ପର୍କ ରଖିଥିଲେ । ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ମାଲ ବୋଝେଇ ଯାନକୁ ଲକ୍ଷ୍ୟ କରି ୧୯୯୬ମସିହାରେ ତନଖି ଫାଟକ ସ୍ଥାପନ କରାଯାଇଥିଲା । ଯାହାକି ସମୟକ୍ରମେ ଭଲ ତନଖି ଫାଟକକୁ କାଳକ୍ରମେ ଦୈନିକ ୧୫ରୁ ୨୦ଲକ୍ଷ ଟଙ୍କା ରାଜସ୍ୱ ସରକାର ପାଉଥିଲେ । ପରିବହନ, ବାଣିଜ୍ୟକର, ବନ ଓ ପୋଲିସ ବିଭାଗ ସହିତ ଅନ୍ୟାନ୍ୟ ବିଭାଗକୁ ମିଶାଇ ମାସିକ ୫କୋଟିରୁ ୮କୋଟି ରାଜସ୍ୱ ପାଉଥିଲେ । ଏହାସହିତ ବେଆଇନ ଭାବେ ସମସ୍ତ ପରିବହନ ଉପରେ ପ୍ରଶାସନର ନିୟନ୍ତ୍ରଣ ମଧ୍ୟ ରହିଥିଲା, ଯାହାକି ବର୍ତ୍ତମାନ ନିୟନ୍ତ୍ରଣ ବିହୀନ ହୋଇ ବେଧଡ଼କ ପରିବହନ ଚାଲିଛି । ଅନ୍ୟପକ୍ଷରେ ପାଖାପାଖି ୫ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ଫାଟକ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିର୍ଭର କରୁଥିଲେ । ଯେବେଠାରୁ ସରକାର ଅଚାନକ ଜିଏସ୍‌ଟି ନୀତି ଲାଗୁ କଲେ ସେହିଦିନରୁ ସମସ୍ତ ପରିବାର ଏବେ ବେସାହାରା ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ମାଟିରେ ମିଶିବାକୁ ଯାଉଛି । କାର୍ଯ୍ୟାଳୟଠାରୁ ଆରମ୍ଭ କରି କ୍ୱାର୍ଟର୍ସଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବ ପାଇଁ ସେଗୁଡ଼ିକ ଖସିଖାଉଛି ଓ ଚୋରି ମଧ୍ୟ ହେଉଛି । ଉଚ୍ଚପଦସ୍ଥ କର୍ମଚାରୀଠାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କ ପାଇଁ ସରକାରୀ ପାଣ୍ଠିରୁ ପାଖାପାଖି ୧୦୦କୋଟି ଟଙ୍କାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଏବଂ ଫାଟକ ଗୃହ ନିର୍ମାଣ କରାଯାଇଥିଲା । ଅଧିକାରୀଙ୍କ ପାଇଁ ୩୮ଟି ଉଚ୍ଚକୋଟୀର କ୍ୱାର୍ଟର୍ସ ସହିତ ଅଫିସର ଓ ସାଧାରଣ କର୍ମଚାରୀଙ୍କ ପାଇଁ ୭୨ଟି ବଡ ବଡ କ୍ୱାର୍ଟର୍ସ କରାଯାଇଥିଲା । ସେହିଭଳି ଅଧିକାରୀମାନଙ୍କ ପାଇଁ କାର୍ଯ୍ୟାଳୟ ଉପରେ ମଧ୍ୟ କ୍ୱାର୍ଟର୍ସ ବ୍ୟବସ୍ଥା ରହିଥିଲା । ସେହିପରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଦୁଇଟି ବଡ କାର୍ଯ୍ୟାଳୟ ୩ ମହଲା ବିଶିଷ୍ଟ ରହିଛି । ସମଗ୍ର ଅଞ୍ଚଳରେ ଯାତାୟାତ କରିବା ପାଇଁ କଲୋନୀ ମଧ୍ୟରେ ପିଚୁ ରାସ୍ତା ନିର୍ମାଣ କରାଯାଇଛି, ଯାହାକି ପୂର୍ବପରି ଅକ୍ଷତ ଅବସ୍ଥାରେ ରହିଛି । ବିଭିନ୍ନ ରାଜ୍ୟରୁ ଆସୁଥିବା ପରିବହନ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଖୁବ୍ ବଡ ଅନଲୋଡିଂ ଗୃହ ମଧ୍ୟ ରହିଛି, ଯେଉଁଠାରେ ପଶୁପକ୍ଷୀ ନିଜ ବାସସ୍ଥାନ କରିସାରିଲେଣି । ପ୍ରତ୍ୟେକ ଦିନ ହଜାର ହଜାର ଯାନବାହନ ଏଠାରେ ରହୁଥିବା ହେତୁ ଅନେକ ଶୌଚାଳୟ ଏବଂ ଅନ୍ୟାନ୍ୟ ଗୃହ ପରିତ୍ୟକ୍ତ ଭାବେ ପଡ଼ିଛି । ଦୁଃଖର ବିଷୟ ଏହା ୨୦୧୭ ମାର୍ଚ୍ଚ ୩୧ରେ ଜାମଶୋଳାଠାରୁ ତନଖି ଫାଟକ ପ୍ରତ୍ୟାହାର କରିନିଆଗଲା । ସେହି ସମୟରେ ବିଜୁଳି, ପାଣି, କ୍ୱାର୍ଟସ ରଙ୍ଗ ଆଦି କାର୍ଯ୍ୟ ପାଇଁ ସରକାରଙ୍କ ୩କୋଟି ଟଙ୍କାର ମରାମତି କାର୍ଯ୍ୟ ଅଧାପନ୍ତରିଆ ପଡ଼ିରହିଛି । ବର୍ତ୍ତମାନ ଜିଲାରେ ଜାତୀୟ ରାଜପଥରେ ମାଲବାହୀ ଯାନ ପାର୍କିଂ ଜନିତ ଦୁର୍ଘଟଣା ପାଇଁ ପାଇଁ ଟ୍ରକ ଟର୍ମିନାଲ, ଟ୍ରମାକେୟାର ସେଣ୍ଟର ଓ ଜାତୀୟ ରାଜପଥ ବିଶ୍ରାମ କେନ୍ଦ୍ର ନିର୍ମାଣ ଜରୁରୀ ଥିବା ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେଇ କୋଠାଗୁଡ଼ିକର ପୁନଃ ବ୍ୟବହାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିକଳ୍ପ ଯୋଜନାରେ ଭିତ୍ତିଭୂମି ବ୍ୟବହାର ପାଇଁ ଦାବି


ଭୂତକୋଠି ସାଜିଥିବା ଜାମଶୋଳାର କୋଠା।

# ସେମିରେ କଟକର ନିମପୁର, ବାଲେଶ୍ୱର ଆଦର୍ଶ କ୍ଲବ୍



ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସତ୍ୟସ୍ୱରୂପ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଉଦଳା,୧୬।୨(ସନ୍ତୋଷ କୁମାର ବାରିକ)**

ମୟୂରଭଞ୍ଜ ଜିଲ୍ଲା ଉଦଳାର ନାଗପାଳ ଖେଳପଡ଼ିଆରେ ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୯ମ ସତ୍ୟସ୍ୱରୂପ ସ୍ମାରକୀ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ମ୍ୟାଚ୍ ଥିଲା । ଏଥିରେ କଟକର ନିମପୁର କ୍ରିକେଟ ଦଳ ଏବଂ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମ ମ୍ୟାଚରେ ନିମପୁର ଦଳ ୮ ଉଇକେଟ ହରାଇ ୧୩୬ ରନ କରିଥିଲା । ଝାରସୁଗୁଡ଼ା ପ୍ରୋଗ୍ରେସିଭ ଦଳ ୧୩୧ ରନ କରିବାକୁ ସମର୍ଥ ହୋଇଥିଲା । ନିମପୁର ଦଳର ଏସ୍‌କେ ଇର୍‌ଫାନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ୨ୟ ମ୍ୟାଚ୍‌ରେ ଝାଡ଼ଖଣ୍ଡର ବୋକାରୋ କ୍ରିକେଟ ଦଳ ରାଜୁ ଯାଦବଙ୍କ ୮୬ ରନ୍ ବଳରେ ମୋଟ ୧୭୦ ରନ୍ କରିଥିଲା । ଜବାବରେ ଆଦର୍ଶ କ୍ରିକେଟ କ୍ଲବ୍ ୧୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦଳର ରାହୁଲ ଗୁପ୍ତା ୭୯ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଲଲାଟ କେଶରୀ ନନ୍ଦ ଏବଂ ଅଶ୍ୱିନୀତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ ।

# ବୈଶିଙ୍ଗା ସେବାକେନ୍ଦ୍ରରେ ୯୦ ତମ ଶିବ ଜୟନ୍ତୀ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭଉଣୀ, ଭାଇମାନେ।

**ବୈଶିଙ୍ଗା,୧୬।୨(ରତନ ଦାଶ)**

ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବୈଶିଙ୍ଗା ସେବାକେନ୍ଦ୍ର ପକ୍ଷରୁ ରବିବାର ୯୦ ତମ ତ୍ରୀମୂର୍ତ୍ତୀ ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ବୈଶିଙ୍ଗା ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁପା ଏବଂ ସମ୍ମାନିତ ଅତିଥିଭାବେ ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ ଯୋଗଦାନ କରିଥିଲେ। ବ୍ରହ୍ମାକୁମାରୀ ଅନୁପମା ଭଉଣୀ ସମସ୍ତ ଅତିଥି ଏବଂ ବ୍ରହ୍ମାବତ୍ସଳ ଭାଇଭଉଣୀଙ୍କ ଉପସ୍ଥିତିରେ ଗୀତାଜ୍ଞାନ ଯୁକ୍ତ ମୂରଲୀ ପଠନ କରାଯିବା ସହ ଶିବରାତ୍ରୀର ଆଧ୍ୟାତ୍ମିକ ରହସ୍ୟ ବିଷୟରେ ଅବଗତ କରାଇଥିଲେ। ସକାରାତ୍ମକ ଆଧ୍ୟାତ୍ମିକ ଚିନ୍ତନରେ ହିଁ ସମାଜର ଉନ୍ନିତ ସମ୍ଭବ ଏବଂ ସମସ୍ତେ ରାଜଯୋଗକୁ ନିରନ୍ତର ଭାବେ ନିଜ ଜୀବନରେ ଧାରଣ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶିଶିର କୁମାର ମୁନ୍ଦୁପା ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଏହା ପରେ ସମସ୍ତ ଅତିଥି, ବ୍ରହ୍ମାବତ୍ସଳଙ୍କ ଉପସ୍ଥିତିରେ ପରମପିତା ପରମାତ୍ମା ଶିବ ଭଗବାନଙ୍କ ପତାକା ଉତ୍ତୋଳନ କରିବା ସହିତ ସମସ୍ତେ ସଂକଳ୍ପ କରିଥିଲେ। ସମସ୍ତ ଆତ୍ମିକ ଭାଇ ଭଉଣୀ ପରଚିନ୍ତନ, ପରଦର୍ଶନ ଏବଂ ପରମତରୁ ନିବୃତ ରହି ପରୋପକାରୀ ହେବା ନିମନ୍ତେ ସଂକଳ୍ପ କରିବା ସହ ପରସ୍ପର ସହିତ ସମ୍ମାନଜନକ ବ୍ୟବହାର କରିବା ନିମନ୍ତେ ସଂକଳ୍ପ କରିଥିଲେ। ସମସ୍ତେ ପରମପିତା ପରମାତ୍ମା ଶିବ ଭଗବାନଙ୍କ ସ୍ମୃତିରେ ରହି ଦୀପ ପ୍ରଜ୍ୱଳନ କରିଥିଲେ। ଏହା ପରେ ସମସ୍ତ ଅତିଥି ଏବଂ ବ୍ରହ୍ମାବତ୍ସଳ ଶାନ୍ତି ଯାତ୍ରା ଦାରା ନଗର ପରିକ୍ରମା କରିଥିଲେ। ଶେଷରେ ବ୍ରହ୍ମାକୁମାର ଦିବ୍ୟରଞ୍ଜନ ଭାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନାବେଶ, ମହାଦୀପ ଦର୍ଶନ ପରେ ସରିଲା ଜାଗର

**ବାରିପଦା,୧୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାଣତ୍ରିସ୍ଥିତ ଉତ୍ତରଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ମହାଦୀପ ଓ ସୁନାବେଶ ଦର୍ଶନ ପରେ ଜାଗର ଯାତ୍ରା ଶେଷ ହୋଇଛି। ଲକ୍ଷାଧିକ ବ୍ରତୀ ମାନସିକ ପୂର୍ଣ୍ଣ ପାଇଁ ପୀଠ ସଂଲଗ୍ନ ଅସ୍ଥାୟୀ ଶିବିର ଓ ଖୋଲା ଆକାଶ ତଳେ ଦୀପ ଜାଳିଥିଲେ। ରବିବାର ରାତି ୧୧ଟାରେ ଦିଅଁଙ୍କ ସାଧାରଣ ଦର୍ଶନ ଓ ପୂଜା ବନ୍ଦ ହେବା ପରେ ନୀତି ଅନୁଯାୟୀ ମନ୍ଦିରକୁ ଧୋଇ ଦିଆଯାଇଥିଲା। ମଧ୍ୟରାତ୍ର ୧୨ଟାରେ ଶିବରାତ୍ରୀର ବିଶେଷ ସହସ୍ରା କୁମ୍ଭାଭିଷେକ ଆରମ୍ଭ ହୋଇ ୨ଟାରେ ଶେଷ ହୋଇଥିଲା। ରାତି ୨ଟା ୩୦ରେ ମହାଦେବଙ୍କଠାରେ ଶତଫଳ ଭୋଗ ଅର୍ପଣ ହୋଇଥିଲା। ପରେ ରାତି ୩ଟା ୪୫ରେରେ ଦିଅଁଙ୍କ ପହଡଭଙ୍ଗା ପରେ ବିଶ୍ୱଶାନ୍ତି ନିମିତ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ୪ଟାରେ ବାହାରକୁ ବାହାରିଥିଲା। ପରେ ସୁନାବେଶ ହେବା ସହିତ ଭୋର ୪ଟା ୧୫ରେ ମହଦୀପ ଉଠିଥିଲା । ପ୍ରବଳ ଉତ୍ସାହ ଓ ଉତ୍କଣ୍ଠାର ସହିତ ସହସ୍ରାଧିକ ଭକ୍ତ, ସେବାୟତ, ଉପାସକ, କୀର୍ତ୍ତନ ଓ ରୋଷଣୀ ସାଙ୍ଗରେ ବେଢା ପରିକ୍ରମା କରିଥିଲେ। ବ୍ରତୀମାନେ ସୁନାବେଶ ଦର୍ଶନ କରିଥିଲେ। ରାତି ୪ଟା ୩୦ରେ ବାଳଭୋଗ ଲାଗି ଓ ସାଧାରଣ ଦର୍ଶନ ଏବଂ ସାଧାରଣ ପୂଜା ୫ଟାରୁ ଦିନତମାମ ଚାଲୁ ରହିଛି। ପୀଠରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ସାଙ୍ଗକୁ ମହାଦେବଙ୍କୁ ସ୍ମରଣ ପାଇଁ ଧର୍ମ ଜାଗରଣ ସମନ୍ୱୟ କମିଟି, ମୟୂରଭଞ୍ଜ ଆନୁକୂଲ୍ୟରେ ଓଁ ନମଃ ଶିବାୟଃ ମହାଜପ ଜାଗର ଦିନ ଭୋର ୫ଟା ୩୦ମିନିଟରୁ ଆରମ୍ଭ ହୋଇ ମହାଦୀପ ଉଠିବା ପରେ ଶେଷ ହୋଇଥିଲା। ଶତାଧିକ ଭକ୍ତ ଅଂଶ ଗ୍ରହଣ କରି ମହାଜପ କରିଥିଲେ। କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଇଥିଲା। ଜଣେ ମାଜିଷ୍ଟ୍ରେଟ ଓ ଜଣେ ଡିଏସ୍‌ପି, ୨ ଇନ୍ସପେକ୍ଟରଙ୍କ ସହିତ ୨ ପ୍ଲାଟୁନ ପୋଲିସ ଫୋର୍ସ ସାଙ୍ଗକୁ ବୈଶିଙ୍ଗା ପୋଲିସ ଯୋଜନାବଦ୍ଧ ଭାବେ ଭିଡ଼ ନିୟନ୍ତ୍ରଣ ପ୍ରଶଂସା କରାଯାଇଥିଲା। ଅଗ୍ନିଶମ ବିଭାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ଓ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ମେଳା ପଡ଼ିଆରେ ଉଠାଦୋକାନୀ ପସରା ମେଲାଇଥିବାରୁ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି।


ବାବା କଖାରୁଆ ବୈଦ୍ୟନାଥ

# ଭାଜପାରେ ମିଶିଲେ ଆନନ୍ଦପୁର ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ

**କେନ୍ଦୁଝର,୧୬।୨(ଦୀପକ ମିଶ୍ର)**

କେନ୍ଦୁଝର ଜିଲା କାର୍ଯ୍ୟାଳୟଠାରେ ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଆନନ୍ଦପୁର ମ୍ୟୁନିସିପାଲଟିର ପୂର୍ବତନ ଚେୟାରମ୍ୟାନ ତଥା ବିଜେଡି ନେତା ଶାନ୍ତନୁ ସେଠୀ ଓ ସାମାଜିକକର୍ମୀ ବିଶ୍ୱନାଥ ପ୍ରତାପ ଜେନା ଭାଜପାରେ ମିଶିଛନ୍ତି। ଏଥିସହ ପୂର୍ବତନ କାଉନ୍‌ସିଲରମାନେ ବିଧିବଦ୍ଧଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ଦୁଇଜଣଙ୍କ ଯୋଗଦାନ ନିଶ୍ଚିତ ଭାବରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଭାଜପା ଦଳ ସଂଗଠନକୁ ଆହୁରି ମଜବୁତ କରିବ ବୋଲି ଜିଲା ସଭାପତି ଶୁକଦେବ ମହାନ୍ତ ଏବଂ ଏମ୍‌ପି ଅନନ୍ତ ନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଜିଲା ସମ୍ପାଦକ ଦୁଷ୍ମନ୍ତ ମହାନ୍ତ ଉପସ୍ଥିତ ନେତୃତ୍ୱଙ୍କୁ ଧନ୍ୟବାଦ ଦେଇଥିଲେ।

# ଚାନ୍ଦଗୋଛି ମଠରେ କୁମ୍ଭମେଳା

**ଖଇରା,୧୬।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସନ୍ଧ୍ୟାରେ ଅଧିବାସ ସହ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଦିବସ ବ୍ୟାପୀ ନାମ ସଙ୍କୀର୍ତ୍ତନ ଓ ଯଜ୍ଞ କର୍ମ ଆୟୋଜନ କରାଯାଇଥିଲା। ଅନ୍ୟୁନ ୧୨ହଜାର ଶ୍ରଦ୍ଧାଳୁ ଗୋପେଶ୍ୱର ମହାଦେବ ଓ ଗିରିଧାରୀ ଲାଲଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ମଠ ସଞ୍ଚାଳକ ଇଷ୍ଟବନ୍ଧୁ ବିଶ୍ୱରୂପ ପରମହଂସଦେବଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଖନ୍ତାପଡାର ପର୍ଯ୍ୟଟକ ମହାରାଜ, ଭଦ୍ରକର ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆଧ୍ୟାତ୍ମିକତାରେ ପ୍ରକୃତ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଆଶ୍ରମର ଅନ୍ତେବାସୀ ହରି ଗୋପାଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦବନ ଦାସ, ତୁଳସୀ ଦାସଙ୍କ ସମେତ ଚାନ୍ଦଗୋଛି ଓ ଝାଟିଆ ଗ୍ରାମବାସୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମାନସ ଦାସ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଶ୍ୟାମସୁନ୍ଦରପୁର ସମିତିସଭ୍ୟ ରବୀନ୍ଦ୍ର ମହାନ୍ତିପ୍ରମୁଖ ମେଳା ପରିଦର୍ଶନ କରିଥିଲେ।

# ଜାଗର ମେଳାରେ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀର ସେବା କାର୍ଯ୍ୟ

**ବୈଶିଙ୍ଗା,୧୬।୨(ରତନ ଦାଶ)**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ମାଣତ୍ରି ଜାଗର ମେଳାରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀଙ୍କ ଦ୍ୱାରା ଜଳଛତ୍ର ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳଠାରୁ ଉତ୍ତର ଓଡ଼ିଶାର ଏହି ପ୍ରସିଦ୍ଧ ଶୈବପୀଠରେ ମହାଶିବରାତ୍ରି ଉପଲକ୍ଷେ ଅନେକ ହଜାର ସଂଖ୍ୟାରେ ଭକ୍ତମାନେ ଦିଅଁ ଦର୍ଶନ ଓ ଦୀପ ଜାଳିବା ପାଇଁ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀର ଜଡ଼ଦା ଓ ବୈଶିଙ୍ଗା ଶାଖା ପକ୍ଷରୁ ସାଇ ସେବକମାନେ ଜଳଛତ୍ର ଓ ସରବତ ବିତରଣ କରାଯାଇଥିଲା। ସୋମବାର ମେଳା ପଡ଼ିଆରେ ପ୍ରଚୁର ମାତ୍ରାରେ ପଡ଼ି ରହିଥିବା ପାଣି ବୋତଲ, ମାଟିଦୀପ, ତୈଳ ପାତ୍ର, ପଲିଥିନ, ଥର୍ମକୁଲ ଖଲି ଦୋନା ଆଦି ସାଇ ସେବକଙ୍କ ଦ୍ୱାରା ସଫେଇ କରାଯାଇଥିଲା।




# ୧୦୪ ଅଭିଯୋଗ ଆଗତ

**ଚମ୍ପୁଆ,୧୬।୨(ମହେଶର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ପଞ୍ଚାୟତ ସମିତି ସଭାଗୃହଠାରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ବ୍ଲକ୍ ପ୍ରଶାସନ ଦ୍ୱାରା ଆୟୋଜିତ ଅଭିଯୋଗ ଶୁଣାଣିରେ ୧୦୪ ଗୋଟି ଅଭିଯୋଗ ଆଗତ ହୋଇଥିଲା। ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଡିଏଫ୍‌ଓ ଏଚ୍‌ଡି ହନୁମନ୍ତ, ଅତିରିକ୍ତ ଜିଲାପାଳ ରବିନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ସିଡିଏମଓ ବିବି ମିଶ୍ର, ଉପଜିଲାପାଳ ଉମାକାନ୍ତ ପରିଡ଼ା, ଆଦିବାସୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ଗଣ୍ଡ ପ୍ରମୁଖ ଯୋଗଦେଇଥିବା ବେଳେ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶେଷ ଭାବରେ ଭତ୍ତା, ଆବାସ, ଟ୍ରମାକେୟାର, ଏନ୍‌ଏସିରେ କ୍ୟାମେରା ସମସ୍ୟା, ବିଦ୍ୟାଳୟ ଶ୍ରେଣୀଗୃହ, ପାନୀୟଜଳ ଆଦି ଉପରେ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରିଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଜାତୀୟସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

**ବାରିପଦା,୧୬।୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତୁଳସୀଚଉରାସ୍ଥିତ ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ଲବର ସଦସ୍ୟମାନେ ଅପରାହ୍ନରେ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ମଶାଲ ରାଲିରେ ଷ୍ଟେଶନ ବଜାର ନିକଟରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରୁ ଶଗଡ଼ ଗାଡି ଶୋଭାଯାତ୍ରାରେ ପ୍ରତ୍ୟେକ ଦଳର ମାଲିକ ଓ ଆଇକନ ଖେଳାଳି ପଡିଆରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ପଡିଆ ମଝିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଆତିସବାଜିଭିତରେ ଚାମ୍ପିୟନ ଟ୍ରଫିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଶକ୍ତିମାନ ଜିମନାସିୟମର ପ୍ରତିଷ୍ଠାତା ପରେଶ ମହାନ୍ତ, ବିଶିଷ୍ଟ କ୍ରୀଡା ସଙ୍ଗଠକ ଗିରିଶ ଚନ୍ଦ୍ର ଦାସ, କାଉନସିଲର ବିବେକାନନ୍ଦ ନାୟକ ଓ ଅନନ୍ତ ଦାସ ତଥା ଉଦ୍ୟୋଗପତି ପ୍ରହଲ୍ଲାଦ ବେହେରା, ବରୁଣ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ସୌମ୍ୟରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି ଓ ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ, ସହ କୋଷାଧ୍ୟକ୍ଷ ସନ୍ଦୀପ୍ତ ମଲ୍ଲିକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏକ ମାତ୍ର ମ୍ୟାଚ ବଜରଙ୍ଗୀ ଦି ସାଭିୟାର ଓ ଦାନୀ – ୧୧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦାନୀ – ୧୧ ଦଳ ବଜରଙ୍ଗୀ ଦି ସାଭିୟାରକୁ ୮୯ ରନରେ ପରାସ୍ତ କରିଥିଲା । ରତିକାନ୍ତ ଦାସ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ଏହି ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନ ଦଳ ପାଇଁ ୨.୫ ଲକ୍ଷ ଓ ରନର୍ସଅପ ପାଇଁ ୨ଲକ୍ଷ ପୁରସ୍କାର ରାଶି ରହିଥିବା ବେଳେ ଖେଳାଳିମାନଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରହିଛି । ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ୪ଟି ଲେଖାଏଁ ମ୍ୟାଚ ଖେଳାଯିବ ଏବଂ ମାର୍ଚ୍ଚ ୧ ତାରିଖ ଫାଇନାଲ ମ୍ୟାଚ ଖେଳାଯିବ।

# ପ୍ରତିଭା ଅନ୍ୱେଷଣରେ ପ୍ରଣାମ ଚିତ୍ରଡ଼ାର ଅବଦାନ ଅନନ୍ୟ

## ପ୍ରଣାମ ଚିତ୍ରଡ଼ାର ବାର୍ଷିକ ଉତ୍ସବ

**ମୋରଡ଼ା,୧୬।୨(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ବସ୍‌ଷ୍ଟାଣ୍ଡରେ ପବିତ୍ର ମହାଶିବରାତ୍ରି ଅବସରରେ ରବିବାର ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ପ୍ରଣାମ ଚିତ୍ରଡାର ୧୧ତମ ବାର୍ଷିକ ଉତ୍ସବ ଉପମ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଜଗତଜ୍ୟୋତି ମାଜୀଙ୍କ ପ୍ରତ୍ୟ ତତ୍ତ୍ୱାବଧାନ, ପରିଚାଳନାରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ପ୍ରକାଶିକା ମଞ୍ଜୁଶ୍ରୀ ରାୟ, ସଭାପତି ହୃଷିକେଶ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ପ୍ରଣାମ ଚିତ୍ରଡା ସଂଗଠନ ଚିତ୍ରଡ଼ା ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ତଥା ଇତିହାସକୁ ଲୋକଲୋଚନକୁ ଆଣିବା ସହିତ ଗାଁରେ ବଢୁଥିବା କଳାକାର, ପ୍ରତିଭାଙ୍କ ଅନ୍ୱେଷଣରେ ଏକ ଅତୁଳନୀୟ ଆଲେଖ୍ୟ ବୋଲି କହିଥିଲେ। ପରେ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଚିତ୍ରଡ଼ାର ଲଳିତେନ୍ଦୁ ବେହେରାଙ୍କ ସମେତ ଛଉନୃତ୍ୟ ଗୁରୁ ପ୍ରଭାକର ମହାନ୍ତ, ଛଉନୃତ୍ୟ ସଙ୍ଗୀତ ଶିଳ୍ପୀ ହରିହର ଜେନା, ଖବରଦାତା ରଣଜିତ ସାହୁ, ଶିକ୍ଷକ ମନୋରଞ୍ଜନ ମହାନ୍ତ, ସାହିତ୍ୟିକ ଅଜୟ ପାଳ, ଅଭିନେତା ଅଦିତି ବେହେରା, ଜଗନ୍ନାଥ ସଂଗଠକ ମନୋଜ ମହାନ୍ତ, ମାଟି ଶିଳ୍ପୀ ଶ୍ୟାମରଥ ବେହେରା, ଚାଷୀ ସ୍ୱରୂପ ବେହେରା, ଶିକ୍ଷକ ସରୋଜ ପ୍ରକାଶ ମହାନ୍ତଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଚିତ୍ରିତ ନାମକ ଏକ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ନୂତନ କର୍ମକର୍ତ୍ତାଙ୍କ ନାମ ମଧ୍ୟ ଘୋଷଣା କରାଯାଇଥିଲା। ସୁଶ୍ରୀ ସୁହାନା, ଶ୍ରେୟସୀ ବାରିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇତିହାସ ଗବେଷକ ଅନ୍ତର୍ଯ୍ୟାମୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମୁଖପତ୍ର ଚିତ୍ରିତକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ସୋର, ୧୬।୨(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ନଟାପଡା ପଞ୍ଚାୟତ ବାଲିପୁର ଗ୍ରାମର ଶୁଭମ ମଲିକ(୧୮) ଗାଧୋଇବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୋମବାର ମଧ୍ୟାହ୍ନରେ ଘରୁ ଯାଇ ଦୀର୍ଘସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବିଣାଗଡିଆ ନିକଟରେ ଥିବା ଏକ ପୋଖରୀ ନିକଟରେ ଲୁଗା ଦେଖି ଖୋଜାଖୋଜି କରି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଦୀର୍ଘସମୟ ପର୍ଯ୍ୟନ୍ତ ପୋଖରୀରେ ଖୋଜାଖୋଜି କରିବା ପରେ ଶୁଭମଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଉଗ୍ରରୂପ ନେଉଛି ଶିଳାନ୍ୟାସ ରାଜନୀତି

**ଖଇରା, ୧୬।୨ (ଉତ୍କଳବନ୍ଧୁ ପଣ୍ଡା)**



ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଭୂମିପୂଜନ ଏବଂ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାନ୍ତରାଳ ଭୂମିପୂଜନ କାର୍ଯ୍ୟକ୍ରମ।

■ କଇଁଗଡିଆ-ବାଉଲାଣୀପାଟଣା ରାସ୍ତା ପାଇଁ ସମାନ୍ତରାଳ ଭୂମିପୂଜା

■ ଜଳଙ୍ଗରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷା, ଗରସଙ୍ଗରେ ସରପଞ୍ଚ ଓ ଜିଲା ପରିଷଦ ସଦସ୍ୟା

ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ଖଇରା ବ୍ଲକରେ ରାସ୍ତା ଶିଳାନ୍ୟାସକୁ ନେଇ ନିର୍ଦ୍ଦିଷ୍ଟ ୨ ରାଜନୈତିକ ଦଳ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରୁଛି। କିଛି ମାସ ତଳେ ଗୋବିନ୍ଦପୁର ପଞ୍ଚାୟତର କଖାରୁଆ-ଶ୍ରୀରାମପୁର ରାସ୍ତା ପାଇଁ ୨ ଗୋଷ୍ଠୀର ୨ଥର ଶିଳାନ୍ୟାସ ପରେ ପୁଣି ଥରେ ସୋମବାର ସମାନ୍ତରାଳ ଭାବେ ଗୋଟିଏ ରାସ୍ତା ପାଇଁ ୨ ଗୋଷ୍ଠୀଙ୍କ ମଧ୍ୟରେ ୨ଟି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଖଇରା ବ୍ଲକର ୨ପଞ୍ଚାୟତକୁ ସଂଯୋଗ କରୁଥିବା ଚରମ୍ପା-ଢୁଙ୍ଗୁରା ପିଡବ୍ଲୁଡି ରାସ୍ତାଠାରୁ ବଉଲାଣିପାଟଣା ଭାୟା ଜଳଙ୍ଗ କଇଁଗଡିଆ ରାସ୍ତା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଏଥିପାଇଁ ସ୍ଥାନୀୟ ଜିଲାପରିଷଦ ସଦସ୍ୟା ସୁଷମା ମହାପାତ୍ର, ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସଙ୍କ ପ୍ରଚେଷ୍ଟା ମଧ୍ୟ କମ୍ ନ ଥିଲା। ଏବେ ରାସ୍ତାର ଟେଣ୍ଡର ସରିବା ପରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ ପାଇଁ ସୋମବାର ସ୍ଥିର ହୋଇଥିଲା। ଜଳଙ୍ଗ ଚଣ୍ଡିମନ୍ଦିରଠାରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ବ୍ୟତୀତ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପୂର୍ବତନ ସରପଞ୍ଚ ମହେଶ୍ୱର ରାଉତ, ବରଦା ସରପଞ୍ଚ ପରୀକ୍ଷିତ ମହାପାତ୍ର ଓ ସମିତିସଭ୍ୟା ପ୍ରତିନିଧି ଅଖୁଜା ଜେନା, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ, ଅଜୟ ସାମଲ ଓ କୈଳାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ଏହି ସଭାକୁ ନିର୍ଦ୍ଦିଷ୍ଟ ଦଳ ସମର୍ଥିତ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କୁ ଡକାଯାଇ ନ ଥିଲା। ପ୍ରତିବାଦରେ ରାସ୍ତାର ଶେଷ ମୁଣ୍ଡରେ ଗରସଙ୍ଗ କେନାଲ ଛକ ନିକଟରେ ଆୟୋଜିତ ଅନ୍ୟ ଏକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ୬ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ, ଗରସଙ୍ଗ ସରପଞ୍ଚଙ୍କ ବ୍ୟତୀତ ମାଣିତ୍ରୀ ସମିତିସଭ୍ୟା ମନ୍ଦାକିନୀ ଦାସ, ଗରସଙ୍ଗ ସମିତିସଭ୍ୟା ମାଧୁଇ ହେମ୍ବ୍ରମ, ୱାର୍ଡସଭ୍ୟା ଗୋଲାପ ବେହେରା, ଇତିପ୍ରଭା ମହାପାତ୍ର, ସଭ୍ୟ ବିଜୟ ସାହୁ ଓ ଦିଲୀପ ସିଂ, ଯୁବନେତା ସଞ୍ଜୟ ତିଆଡି, ନରେନ୍ଦ୍ର ମହାପାତ୍ର, ଗଜେନ୍ଦ୍ର ସେଠୀ, ଲକ୍ଷ୍ମୀଧର ଦାସଙ୍କ ସହ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ। ରାସ୍ତାର ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ପ୍ରତିକ୍ରିୟା ନେବାରେ କାର୍ଯ୍ୟକ୍ରମର ଦାୟିତ୍ୱ ସ୍ଥାନୀୟ ନେତୃବୃନ୍ଦଙ୍କୁ ଦିଆଯାଇଥିଲା। ସେମାନେ କାହାକୁ ଡାକିଛନ୍ତି ବା ନ ଡାକିଛନ୍ତି ଏ ବିଷୟରେ ତାଙ୍କୁ କିଛି ଜଣା ନ ଥିଲା ବୋଲି କହିଛନ୍ତି।

## ଶଙ୍ଖେଶ୍ୱର ପୀଠରେ କ୍ଷୀର ପିଇଲେ ନାଗ

**ନୀଳଗିରି, ୧୬।୨ (ପ୍ରଶାନ୍ତ ବିଶ୍ୱାଳ)**



ମନ୍ଦିର ସୁଡ଼ଙ୍ଗରୁ ବାହାରୁଛନ୍ତି ନାଗ।

ମହାଶିବରାତ୍ରି ଅବସରରେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା ଶଙ୍ଖେଶ୍ୱର ପୀଠରେ ରବିବାର ରାତି ପ୍ରାୟ ୨ଟା ବେଳେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା। ମନ୍ଦିର ପୂଜକ ଗୌରହରି ପାଢ଼ିଙ୍କ ଦ୍ୱାରା ବଡ଼ ସିଂହାର ବେଶ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ମନ୍ଦିର ଭିତରେ ଏକ ସୁଡଙ୍ଗ ଥିବାରୁ ଉକ୍ତ ରାସ୍ତା ଦେଇ ନାଗ ଆସି କ୍ଷୀର ପିଇଥିବା ଦେଖିବାକୁ ମିଳିଥିଲା। ସୋମବାର ସକାଳ ୫ଟା ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ମଧ୍ୟରେ କୌଣସି ଭୟ ଦେଖିବାକୁ ମିଳି ନ ଥିଲା। କାରଣ ଏଠାରେ ପୂର୍ବରୁ ମଧ୍ୟ ବିଭିନ୍ନ ପର୍ବ ପର୍ବାଣିରେ ଏହି ନାଗ ଦର୍ଶନ ଦେଇଥାନ୍ତି।

ସୂଚନା ମୁତାବକ, ସଜନାଗଡ଼ ପଞ୍ଚାଗତ ଅଧୀନ ତେଣ୍ଡା ଗାଁ ନିକଟ କୁଲଡ଼ିହା ଅଭୟାରଣ୍ୟର ପାଦଦେଶରେ ଗୋଟିଏ ବିରାଟ ପଥର ଚଟିରି ତଳେ ପ୍ରାୟ ୧୩୩ ବର୍ଷ ପୂର୍ବେ ଅର୍ଥାତ୍ ୧୮୯୩ରୁ ପୂଜା ପାଇଆସୁଛନ୍ତି ବାବା ଶଙ୍ଖେଶ୍ୱର ମହାଦେବ। ତେଣ୍ଡା ଅଞ୍ଚଳର ବାସିନ୍ଦା ଦୁନ୍ଦୁ ସିଂ ସ୍ୱପ୍ନାଦେଶ ପାଇ ପ୍ରଥମ ସେବକ ଭାବେ ପୂଜାର୍ଚ୍ଚନା କରିଆସୁଥିଲେ। ପରେ ସେହି ଅଞ୍ଚଳର କଡ଼େ ସିଂଙ୍କ ଦ୍ୱାରା ମହାଦେବ ପୂଜା ପାଉଥିବା ବେଳେ ୧୯୭୭ରେ ଗଣେଶ୍ୱର ନାୟକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଏଠାରେ ଏକ ମନ୍ଦିର ନିର୍ମାଣ ହୋଇଥିଲା।

## ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସ୍ତୁତି

**କାଳିପଦା, ୧୬।୨ (ରାଜଶ୍ରୀ ପାଣିଗ୍ରାହୀ)**

ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁ ରାଜ୍ୟ, ଜିଲା, ବ୍ଲକରେ ଥିବା ଠିକାଦାର ସଂଘ ପକ୍ଷରୁ ଆସନ୍ତା ୨୦ରେ ହେବାକୁ ଥିବା ଭୁବନେଶ୍ୱରଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ସୋମବାର ବାଲିଆପାଳ ଜୋନ ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ଜାରି କରିଥିବା ନୋଟିଫିକେଶନକୁ ଉଚ୍ଛେଦ, ସର୍ବନିମ୍ନ ଲେସକୁ ଧାର୍ଯ୍ୟ କରାଯିବା ସହିତ ଅନ୍ୟ ଦାବିଗୁଡ଼ିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ଠିକାଦାର ସଂଘର ସହସମ୍ପାଦକ ଅଦ୍ୱୈତ କୁମାର ଖୁଣ୍ଟିଆ, ସଞ୍ଜୟ କୁମାର ଦେ, ବାଲିଆପାଳ ବ୍ଲକ ଠିକାଦାର ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ ଦିଲୀପ କୁମାର ଜେନା, ସକ୍ରିୟ ସଦସ୍ୟ ଦୁର୍ଜୟ କୁମାର ନାୟକ, ରାଜେଶ କୁମାର ଦେ, ଗଣେଶ ମହାପାତ୍ର, ଯଦୁନାଥ ସାହୁ ,ଗଗନ ବିହାରୀ ସାହୁ, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ନୋସି ଉତ୍କଳାରେ 'ଖାସ୍ ତୁମ ପାଇଁ...'



ମଞ୍ଚରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଦମ୍ପତି।

**ବାଲେଶ୍ୱର, ୧୬।୨ (ବାଞ୍ଛାନିଧି ଦେ)**

ବାଲେଶ୍ୱର ବାମପଦାସ୍ଥିତ ନୋସି ଉତ୍କଳା ପରିସରରେ ଶନିବାର ଭାଲେଣ୍ଟାଇନ୍ ଡେ ଅବସରରେ ଏକ ଭିନ୍ନ ସ୍ୱାଦର ସାଂସ୍କୃତିକ କାର୍ଯ୍ୟକ୍ରମ ୩ୟ ବାର୍ଷିକ 'ଖାସ୍ ତୁମ ପାଇଁ..' ଅନୁଷ୍ଠିତ ହୋଇଯାଇଛି। ନୋସି କଲଚ୍ୟୁରାଲ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନୋସିର ଉପସଭାପତି ସୁବ୍ରତ ନାୟକ ଓ ରୁଚିକା ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଏହି କାର୍ଯ୍ୟକ୍ରମ ସଫଳ ଦମ୍ପତିଙ୍କ ମନପ୍ରାଣରେ ପୁଲକ ଆଣିଥାଏ ବୋଲି କହିଥିଲେ।

ଏହି ଅବସରରେ ସାରସ୍ୱତ ଦମ୍ପତି 'ଜ୍ୟୋସ୍ନା ଓ ଗଙ୍ଗାଧର ବିଶ୍ୱାଳ', ଶିଳ୍ପୀ ଦମ୍ପତି

## ସମ୍ବର୍ଦ୍ଧିତ ହେଲେ ୬ ଦମ୍ପତି

'କନକ ଓ କେଶୁ ଦାସ', ନୃତ୍ୟଶିଳ୍ପୀ ଦମ୍ପତି 'ଜୟମାଳା ଓ କାମିନୀକାନ୍ତ ଚୌଧୁରୀ', ସମାଜସେବୀ ଦମ୍ପତି 'ସକିଲା ଓ ମହମ୍ମଦ ଇସଲାମ୍', ବ୍ୟବସାୟୀ ଦମ୍ପତି 'ରାଜଶ୍ରୀ ଓ ଲକ୍ଷ୍ମୀକାନ୍ତ ମିଶ୍ର'ଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଦମ୍ପତି ନିଜ ନିଜ ଜୀବନର ପ୍ରେମ କଥା ଓ ସଫଳତାର କାହାଣୀ ବଖାଣିଥିଲେ।

ଏଥିସହ ସବିତା ଓ କାର୍ତ୍ତିକ ଚନ୍ଦ୍ର ସାହୁ, ରଶ୍ମିରେଖା ଓ ପ୍ରଦୀପ କୁମାର ମହାପାତ୍ର, ମୀନତି ଓ ସୀତାନାଥ ଦାସ, ମୀନତି ଓ ମନୋଜ କୁମାର ପଣ୍ଡା ପ୍ରମୁଖ ଦମ୍ପତି ଉଭୟ ଉଭୟଙ୍କୁ ଗୋଲାପ ଫୁଲ ପ୍ରଦାନ କରି କାର୍ଯ୍ୟକ୍ରମରେ ଯୋଡ଼ି ଯାଇଥିଲେ। ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟାରେ କୁମାର ଅତନୁ, କୁମାର ଜୀବନ, କୁମାର ଏକାଦଶୀ, ପ୍ରବୀର କମିଳା, ରଶ୍ମିରେଖା, କୁମାରୀ ରୂପାଲୀ, କୁମାରୀ ନନ୍ଦିନୀ, ସନ୍ତୋଷ ବିଶ୍ୱାଳ ସଂଗୀତ ପରିବେଷଣ କରିଥିଲେ। ଦୁର୍ଗେଶନନ୍ଦିନୀ ସିଂ, ଦେବାନନ୍ଦ ସିଂ ନୃତ୍ୟ ଓ ଡା. ରଜନୀକାନ୍ତ ନାୟକ ମାଉଥ ଅର୍ଗାନ ବଜାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କନକଲତା ଦାସ ଧନ୍ୟବାଦ ଦେଇଥିଲେ।

## ବାବା କାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

**ବାଲେଶ୍ୱର, ୧୬।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କରଞ୍ଜିଆ ପଞ୍ଚାୟତ କାଶିମାବାଦସ୍ଥିତ ବାବା କାମେଶ୍ୱର ମହାଦେବଙ୍କ ମହାଶିବରାତ୍ରି ଓ ୧୬ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ନଗରପାଳ ମନୋଜ ରାଉତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଗନ ବିହାରୀ ରାଉତ, ଅନିରୁଦ୍ଧ ବେହେରା, ମନ୍ଦିର କମିଟି ସମ୍ପାଦକ ଗଦାଧର ସାହୁ, ରବୀନ୍ଦ୍ର ବେହେରା, ସନାତନ ବାରିକ, ସୁକାନ୍ତି ବାରିକ, କମଳିନୀ ରାଉତ, ବନମାଳୀ ପରିଡ଼ା ଯୋଗ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ହୋଇ ପୁରସ୍କୃତ କରାଯାଇଥିଲା। କମିଟି ସଭାପତି ମହାନ୍ତି ଧନ୍ୟବାଦ ଦେଇଥିଲେ।

## ତାଲା ଭାଙ୍ଗି ଚୋରି

ସୋର, ୧୬।୨ (ଜନ୍ମେଜୟ ମିଶ୍ର): ସୋର ଥାନା ପାରୁଳିଦା ଗ୍ରାମରେ ଶିବରାତ୍ର ପାଇଁ ଘରେ କେହି ନ ଥିବା ବେଳେ ସୁଦାମ ରାଉତଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ୯୫ହଜାର ୬ଶହ ଟଙ୍କା, ସୁନା ହାର, କାନ ଫୁଲ ଓ ମୁଦି ଚୋରି କରିନେଇଥିଲେ। ସୋମବାର ସକାଳେ ପରିବାର ଲୋକେ ଜାଣିବା ପରେ ସୋର ଥାନାକୁ ଜଣାଇଥିଲେ। ପୋଲିସ ତଦନ୍ତ କରିଛି।

## ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭର ମୃତ

**ଭୋଗରାଇ, ୧୬।୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗବଗାଁ – ଅଲାଳବିନ୍ଧା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ହେଉଥିବା ବେଳେ ସୋମବାର ଅପରାହ୍ନରେ କାର୍ଯ୍ୟରତ ଜଣେ ଟ୍ରାକ୍ଟର ଡ୍ରାଇଭର ୨ ୦ ଫୁଟତଳୁ ଉଚ୍ଚକୁ ଉଠୁଥିବା ବେଳେ ଭାରସାମ୍ୟ ହରାଇ ଖସିପଡିବାରୁ ଟ୍ରାକ୍ଟର ତଳେ ଚାପିହୋଇ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କମର୍ଦ୍ଦା ଥାନା ଅଧୀନ ଡେଉଁର ଗ୍ରାମର ପଶୁପତି ଦେ (୬୩ )। ସ୍ଥାନୀୟ ଲୋକେ ଜେସିବି ସାହାଯ୍ୟରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ କମର୍ଦ୍ଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଛି।

# 'କଲେଜ ମୋର କର୍ମଭୂମି'

**ସିମୁଳିଆ, ୧୬।୨ (ସନ୍ତୋଷ ନାୟକ)**

■ ଅବସର ପରେ ମଧ୍ୟ କଲେଜ ଆସୁଛନ୍ତି ଅଧ୍ୟାପକ ରମାକାନ୍ତ

■ ଚାକିରି ଜୀବନରେ ଛୁଟି ନେଇଛନ୍ତି ଗୋଟାଏ ଦିନ



ଅଧ୍ୟାପକ ରମାକାନ୍ତ ରାଉତ।

ଦୁନିଆରେ ଏମିତି ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନଙ୍କ ଚିନ୍ତାଧାରା ସମାଜ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଏଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ସିମୁଳିଆ କଲେଜର ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ରମାକାନ୍ତ ରାଉତ(୬୦) । ଘର ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବଳଭଦ୍ରପୁର ଅଞ୍ଚଳରେ । ଗତ ୨୫।୦୭।୯୧ରେ ସିମୁଳିଆ କଲେଜରେ ନିଯୁକ୍ତି ପାଇଥିବା ରମାକାନ୍ତ ସାର୍‌ଙ୍କୁ ଗତ ୩୧।୧।୨୬ରେ କଲେଜ ପକ୍ଷରୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ସରକାରଙ୍କ ନିୟମ ଅନୁସାରେ ୨୫୫ କାଟେଗୋରୀର ବ୍ଲକଗ୍ରାଣ୍ଟ ଅଧ୍ୟାପକ ସେ। ଏହି କାଟେଗୋରୀଙ୍କ ପାଇଁ ସରକାରୀ ପେନସନ କିମ୍ବା ଅନ୍ୟାନ୍ୟ ସହାୟତା ମଧ୍ୟ ନାହିଁ। ତଥାପି ମଧ୍ୟ ପୂର୍ବପରି ସେ ନିୟମିତ କଲେଜ ଆସୁଛନ୍ତି । ଏହାକୁ ନେଇ ସହକର୍ମୀମାନେ ତାଙ୍କୁ ବିଭିନ୍ନ ପ୍ରକାରର ମଜା ଥଟ୍ଟା କରୁଥିଲେ ହେଁ, ଏହା ମୋର କର୍ମ ଭୂମି, ଘରେ ରହିଗଲେ ଅସୁସ୍ଥ ହୋଇପଡିବେ ବୋଲି କୁହନ୍ତି ରମାସାର୍। ରମାସାର୍‌ଙ୍କ ସମ୍ପର୍କରେ ଗତ ୫।୧।୧୬ରେ 'ଧରିତ୍ରୀ'ରେ ରମା ସାରଙ୍କ ସାଇକେଲ ଦିନକୁ ଗଡେ ୪୮କି.ମି.' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା । ସାଇକେଲ ଚଳାଉଥିବାରୁ ସେ ସର୍ବଦା ସୁସ୍ଥ ରହିବା ସହିତ କଲେଜରେ ପ୍ରଥମେ ହିଁ ଦୈନିକ ପହଞ୍ଚିଥାଆନ୍ତି। ନିଜ ଚାକିରି ଜୀବନରେ ସେ କେବଳ ନିଜ ବାପାଙ୍କ ଏକା ଦଶାହ କ୍ରିୟାରେ ଛୁଟି ନେଇଛନ୍ତି । ନିଜର ଉନ୍ନତ ଚିନ୍ତାଧାରା ଓ ସୁନ୍ଦର ବ୍ୟକ୍ତିତ୍ୱ ପାଇଁ ସର୍ବଦା ଚର୍ଚ୍ଚାରେ ରହିଆସିଥିବା ରମାସାର୍‌ଙ୍କର ମୋବାଇଲ ନାହିଁ । ନିଜର ଅନ୍ୟ ଚାରିଭାଇ ସମସ୍ତେ ଏକାଠି ବସବାସ କରୁଥିବାରୁ ଚାକିରି ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିଜର ସମସ୍ତ ଦରମା ତାଙ୍କ ବଡଭାଇ କମଳାକାନ୍ତଙ୍କୁ ପ୍ରଦାନ କରନ୍ତି । ରମାସାର୍‌ଙ୍କ ସ୍ତ୍ରୀ ନମିତାଙ୍କର ଏଥିରେ କୌଣସି ଆପତ୍ତି ନ ଥାଏ । ନିଜର ଦୁଇ ଝିଅ ମାଧବିକା ଓ ଜସ୍ମିତାଙ୍କ କଥା ମଧ୍ୟ ତାଙ୍କ ବଡ ଭାଇ ବୁଝନ୍ତି। ପରିବାର ସମ୍ପର୍କରେ ରମାସାର୍ କହନ୍ତି, ଏକାନ୍ନ ପରିବାରରେ କୌଣସି ଚାପ ରୁହେ ନାହିଁ । କାମ ବାଣ୍ଟି ହୋଇଯାଏ। ରମାସାର୍ କୁହନ୍ତି, ତାଙ୍କର ଅନ୍ୟ ଦୁଇ ଭାଇ ମଧ୍ୟ ଶିକ୍ଷକ ଓ ଜଣେ ଭଉଣୀ ମଧ୍ୟ ବିବାହିତ । ଘରେ ୧୫ଏକର ଜମିରୁ ୧୦ଏକର ଜମିରେ ଚାଷ ମଧ୍ୟ ହେଉଛି । ତାଙ୍କ ମତରେ ପରିବାର ସଦସ୍ୟ ଓ କର୍ମକ୍ଷେତ୍ରରେ ସହଯୋଗୀମାନେ ଭଲରେ ରହିଲେ ଆମେ ଭଲରେ ରହିବା। ସବୁପରେ ଟେନସନ ବିହୀନ ଜୀବନ ଆବଶ୍ୟକ ଓ ବର୍ତ୍ତମାନର ପରିସ୍ଥିତିରେ ନିଜେ ନିଜକୁ କେମିତି ପରିଚାଳନା କରିବେ ତାହା ହିଁ ବଡକଥା ବୋଲି କୁହନ୍ତି ରମାସାର୍।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ




**ବାଲେଶ୍ୱର, ୧୬।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସହରର ସହଦେବଖୁଣ୍ଟା ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଶିଶୁ ସମୃଦ୍ଧି ଟ୍ରଷ୍ଟ ସଭାପତି ଜଙ୍ଖେଶ୍ୱର ସୁନ୍ଦର ରାୟ, ମୁଖ୍ୟବକ୍ତା କବି ପ୍ରଶାନ୍ତ ଦାସ ଯୋଗଦେଇଥିଲେ। ପରେ ଶିଶୁ ସମୃଦ୍ଧି ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସମାବର୍ତ୍ତନ ଉତ୍ସବ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ, ଏଫ୍‌ଏମ୍‌ୟୁ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ଡ. ଭାସ୍କର ବେହେରା, ବିଦ୍ୟାଳୟର ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ ଓ ସଭାପତି ଚନ୍ଦନ କୁମାର ଗିରି, ଉପଦେଷ୍ଟା ଅଶୋକ ପୁରି ଉପସ୍ଥିତ ରହି ସଭାକୁ ଆଗେଇ ନେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରଶ୍ମିକାନ୍ତ ପଣ୍ଡା ସଭା ସଞ୍ଚାଳନ କରିଥିଲେ।

# ବିଦ୍ୟା ଚରିତ୍ର ଗଠନ କରେ, ଭବିଷ୍ୟତ ସ୍ୱପ୍ନକୁ ସଫଳ କରେ

**ଭୋଗରାଇ, ୧୬।୨ (ପ୍ରଦୀପ ଦାସ)**

ଛାତ୍ରୀଛାତ୍ର ଆମଦେଶର ପ୍ରଚଣ୍ଡ ଶକ୍ତି। ଏହି ପ୍ରଚଣ୍ଡ ଶକ୍ତିକୁ ଠିକ୍ ମାର୍ଗରେ ଗଢି ତୋଳିବା ପାଇଁ ବିଦ୍ୟାର୍ଥୀମାନେ ସଂଯମ, ଶୃଙ୍ଖଳା, ଆଚାର ଉଚ୍ଚାରଣ ମାର୍ଜିତ ଓ ଚରିତ୍ର ଗଠନ ନିମନ୍ତେ ସାଧନା ମନ୍ଦିରରେ ଅନୁଭବ ଓ ଅନୁଭୂତି ସାଉଁଟିଲେ ଭବିଷ୍ୟତ ଜୀବନର ସ୍ୱପ୍ନ ସଫଳ ହୋଇଥାଏ ବୋଲି ଶୁକ୍ରବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆରଆଇଏଚ୍‌ଏସ (ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ)ର ୪୭ତମ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ପରିଚାଳିତ ଉତ୍ସବ ମଞ୍ଚରେ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ ପରେ ଅଧ୍ୟାପକ ଦେବାଶିଷ ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ସ୍ୱାଗତ ଭାଷଣ, ପ୍ରଫେସର ବ୍ରଜବିହାରୀ ପତି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ପ୍ରଫେସର ତ୍ରିବେଣୀ ଧାରା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭାନା ମହାନ୍ତି, ମୁଖ୍ୟବକ୍ତା ବିଶିଷ୍ଟ କବି ଓ ନାଟ୍ୟକାର ଡ଼ଃ ଦିଲୀପ କୁମାର ରଥ, ସମ୍ମାନିତ ଅତିଥି ପ୍ରଫେସର ଅନୁପ କୁମାର ସାମଲ, ପ୍ରଫେସର ଦୀନକୃଷ୍ଣ ଗିରି, ଅଧ୍ୟାପକ ଅମିତ କୁମାର ଚାନ୍ଦ, ଅଧ୍ୟାପିକା ସୁଚିସ୍ମିତା କର ତାଙ୍କ ବକ୍ତବ୍ୟ ରଖିଥିଲେ। କଲେଜ ପତ୍ରିକା ସ୍ୱର୍ଣ୍ଣରେଣୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଝିଲ୍ଲୀମଣି ନାୟକ ମଞ୍ଚ ଆହ୍ୱାନ କରିଥିଲେ। ପ୍ରଫେସର ବିଜୟକେତନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ କଣ୍ଠ ସଙ୍ଗୀତ, ଚିତ୍ତାକର୍ଷକ ନୃତ୍ୟ ଓ ନାରୀଶିକ୍ଷା ଆଧାରିତ ନାଟକ ସ୍ୱାଭିମାନ ପରିବେଷଣରେ କଲେଜ କ୍ୟାମ୍ପସ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଥିଲା। ଏହି ଉତ୍ସବକୁ ଅଧ୍ୟାପକ ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପକ ଦିଲୀପ କୁମାର ଜେନା, ରାମକୃଷ୍ଣ ଦାସ ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀ ପରିଚାଳନା କରିଥିଲେ।

# ମାଝି ପାରଗନା ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ

**ଜଳେଶ୍ୱର, ୧୬।୨ (ନବୀନ ସାହୁ)**



ମାଝି ପାରଗନା ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ।

ଜଳେଶ୍ୱର ସାଟେଲାଇଟ୍ ଅବକାରୀ ବିଭାଗର ମନମୁଖୀ କାର୍ଯ୍ୟାନୁଷ୍ଠାନକୁ ନେଇ ଶ୍ୟାମନଗର ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଛି। ଜଣେ ଆଦିବାସୀ ବ୍ୟକ୍ତିଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ କରି ସୋମବାର 'ମାଝି ପାରଗନା ସଙ୍ଗଠନ' ପକ୍ଷରୁ ରାଇବଣିଆ–ଖୁଆଡ଼ ମୁଖ୍ୟରାସ୍ତା ଧାନଘେରା ମୁଖ୍ୟରାସ୍ତାକୁ ଅବରୋଧ କରାଯାଇଛି।

ସୂଚନା ଅନୁସାରେ, ଶୁକ୍ରବାର ଜଳେଶ୍ୱର ସାଟେଲାଇଟ୍ ଅବକାରୀ ବିଭାଗ ପକ୍ଷରୁ ଗରୁଡ଼ବସା ଗ୍ରାମର ଅନନ୍ତ ହେମ୍ବ୍ରମଙ୍କ ଘରେ ଚଢ଼ାଉ କରାଯାଇଥିଲା। ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ, ଅନନ୍ତଙ୍କ ପାଖରୁ ୧୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଗ୍ରାମବାସୀ ଓ ସଙ୍ଗଠନ ତୀବ୍ର ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଆଦିବାସୀ ପରମ୍ପରା ଅନୁଯାୟୀ ପୂଜା ପର୍ବ ପାଇଁ ଘରେ ସାମାନ୍ୟ ପରିମାଣର ମଦ ରଖାଯାଇଥାଏ। ଅବକାରୀ ବିଭାଗ ମାତ୍ର ୨ ଲିଟର ମଦ ଜବତ କରିଥିବା ବେଳେ କାଗଜପତ୍ରରେ ମିଛରେ ୧୨୦ ଲିଟର ଦର୍ଶାଇ ଅନନ୍ତଙ୍କୁ ଗିରଫ କରିଛି। ଏହି ଅନ୍ୟାୟ ବିରୋଧରେ ସଙ୍ଗଠନ ପକ୍ଷରୁ ତୁରନ୍ତ ଗିରଫ ବ୍ୟକ୍ତିଙ୍କୁ ମୁକ୍ତ କରିବା ପାଇଁ ଦାବି ହୋଇଛି। ରାସ୍ତାରୋକୋ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେବାରୁ ରାଇବଣିଆ ଥାନା ଆଇଆଇସି ଚମ୍ପାବତୀ ସୋରେନ, ଏଏସ୍‌ଆଇ ରାମେଶ୍ୱର ସୋରେନ ଓ କାଳିନ୍ଦୀ ସାହୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ବିକ୍ରମ ଟୁଡୁ, ବୁଦ୍ଧିରାମ ମାଝି, ସମ୍ବରାଇ ହାଁସଦା, ଚାନ୍ଦୁଲାଲ୍ ହେମ୍ବ୍ରମ, ରାମଧୁନ ମାରାଣ୍ଡି, ଚାନ୍ଦମଣି ହାଁସଦା ଓ ମୀନତି ହେମ୍ବ୍ରମଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପୁରୁଷ ଏବଂ ମହିଳା ସାମିଲ ହୋଇ ପ୍ରଶାସନ ବିରୋଧରେ ନାରାବାଜି ଦେଇଥିଲେ। ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ନିରୀହ ଆଦିବାସୀଙ୍କ ଉପରେ ଶୋଷଣ ବୋଲି ସଙ୍ଗଠନ ପ୍ରକାଶ କରିଛି।

# ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦିଗରେ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ

**ବାଲେଶ୍ୱର, ୧୬।୨ (ବାଞ୍ଛାନିଧି ଦେ)**



ଘର ଛାତରେ ସ୍ଥାପନ ହୋଇଥିବା ସୋଲାର ପ୍ୟାନେଲ।

■ ବିଜୁଳି ବିଲ୍ ଚିନ୍ତାରୁ ମୁକ୍ତି ଦେଉଛି ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା

■ ବଢ଼ୁଛି ପିଏମ୍ ସୂର୍ଯ୍ୟଘର-ୟୁଏଲ୍‌ଏ ମଡେଲର ଗ୍ରହଣୀୟତା

ବିଜୁଳି ବିଲ୍ ଚିନ୍ତାରୁ ମୁକ୍ତି ଦେଉଛି ସରକାରଙ୍କ ପିଏମ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା। ଏହି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତାମାନେ ନିଜର ବିଜୁଳି ବିଲ୍‌ରେ ଆଶାତୀତ ହ୍ରାସ କରିବାରେ ସଫଳ ହୋଇଛନ୍ତି। ଅନେକ ବିଜୁଳି ଉପଭୋକ୍ତାଙ୍କ ଘରର ବିଦ୍ୟୁତ୍ ବ୍ୟବହାର ପାଇଁ ଶୂନ ୟୁନିଟ୍ ବିଲିଂ ମଧ୍ୟ ହୋଇଥିବା ଦେଖିବାକୁ ମିଳିଛି। ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲ୍‌କୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି।

ସବୁଜ ତଥା ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି। ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଓ କମ୍ ଖର୍ଚ୍ଚରେ ବିଜୁଳି ଯୋଗାଇବା ସହିତ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା ସୁନିଶ୍ଚିତ କରିବା ଏହି ପ୍ରୟାସର ଉଦ୍ଦେଶ୍ୟ। ଏହି କ୍ରମରେ ଏଯାବତ୍ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲାର ୪,୬୫୧ଜଣ ଉପଭୋକ୍ତା ନିଜ ଘରେ ୟୁଏଲ୍‌ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନ କରିଥିବା ବେଳେ ବିଗତ ମାସରେ ୪୬୧ଜଣଙ୍କ ଘରେ ମାସିକ ବିଦ୍ୟୁତ ବିଲ୍ ଶୂନ ୟୁନିଟ ଆସିଥିଲା। ସେହିପରି ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ସ୍ଥାପନ କରୁଥିବା ଉପଭୋକ୍ତାଙ୍କ ବିଜୁଳି ବିଲ୍‌ରେ ମଧ୍ୟ ବେଶ୍ ହ୍ରାସ ଦେଖିବାକୁ ମିଳିଛି। ଟିପିଏନଓଡିଏଲ ଅନ୍ତର୍ଗତ ୫ ଜିଲାରେ ୬,୮୪୯ଜଣ ଉପଭୋକ୍ତା ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିଥିବା ବେଳେ ୨,୮୧୨ଜଣ ଉପଭୋକ୍ତାଙ୍କ ଘରେ ମାସିକ ବିଦ୍ୟୁତ ବିଲ୍ ଶୂନ ୟୁନିଟ୍ ଆସିଛି।

ଏ ସମ୍ପର୍କରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଗଜାନନ କାଲେ କହିଛନ୍ତି ଯେ, ଟିପିଏନଓଡିଏଲ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ଯୋଗାଇବା ନେଇ ସର୍ବଦା କାର୍ଯ୍ୟରତ। କେନ୍ଦ୍ର ସରକାରଙ୍କ ପିଏମ ସୂର୍ଯ୍ୟଘର ଯୋଜନା ଓ ୟୁଏଲଏ ମଡେଲ ଅଧୀନରେ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ସ୍ୱଚ୍ଛ, ନିର୍ଭରଯୋଗ୍ୟ ତଥା କମ୍ ଖର୍ଚ୍ଚରେ ଗୁଣାତ୍ମକ ବିଦ୍ୟୁତ ପାଉଥିବା କହିଛନ୍ତି।

# ୧୭୦ ବୋତଲ କଫ୍‌ସିରପ୍ ଜବତ, ମହିଳାଙ୍କ ସମେତ ୩ ଗିରଫ

## ବାଇକ୍, ମୋବାଇଲ ଫୋନ ଜବତ

ଖୋର୍ଦ୍ଧା, ୧୬।୨
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଅବକାରୀ ୟୁନିଟ୍ ପୃଥକ ଭାବେ ଚଢ଼ାଉ କରି ୧୭୦ ବୋତଲ କଫ୍‌ସିରପ ଜବତ କରିଥିବା ବେଳେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା ମଝିସାହିର ମୋନାଲିସା ସାହୁ(୨୯), ଶ୍ୱଶୁର ବିଜୟ ସାହୁ ଏବଂ ତାଙ୍କ ସହଯୋଗୀ ତ୍ରିନାଥ ସାହୁ(୪୦)। ତେବେ ମୋନାଲିସାଙ୍କ ସ୍ୱାମୀ ରଞ୍ଜିତ୍ ସାହୁ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ଗୋଟିଏ ବାଇକ୍(ଓଡି ୦୨ଏମ୍ ୯୬୮୨) ଏବଂ ମୋବାଇଲ ଫୋନ ଜବତ କରାଯାଇଛି। କୋଡେନ୍ ଫସ୍‌ଫେଟଯୁକ୍ତ କଫ୍‌ସିରପ ବିକ୍ରି ଅଭିଯୋଗରେ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ କହିଛନ୍ତି।

ସୂଚନା ମୁତାବକ, ରବିବାର ମହାଶିବରାତ୍ରି ପାଇଁ ସବୁଆଡ଼େ ଉତ୍ସାହର ମାହୋଲ ରହିଥିବା ବେଳେ ପଲ୍ଲାରେ କଫ୍‌ସିରପ ବିକ୍ରି ଚାଲିଥିବା ଖବରପାଇ ଅବକାରୀ ବିଭାଗର ଏକ ୟୁନିଟ୍ ଚଢ଼ାଉ କରିଥିଲା। ଏହି ସମୟରେ ମୋନାଲିସା ଘର ପଛପଟେ ଲୁଚାଇ ରଖିଥିବା ୫୦ ବୋତଲ କଫସିରପ୍ ଜବତ ହୋଇଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ କଂଟା ଛକରେ ଥିବା ଜଳଖିଆ ଦୋକାନରେ ଚଢ଼ାଉ ସମୟରେ ଶ୍ୱଶୁର ବିଜୟ ଏବଂ ସହଯୋଗୀ ତ୍ରିନାଥଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୧୨୦ ବୋତଲ କଫସିରପ୍ ଜବତ କରିଥିଲେ। ତେବେ ଚଢ଼ାଉ ସମୟରେ ସ୍ୱାମୀ ରଞ୍ଜିତ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ମୋବାଇଲ ୟୁନିଟ୍ ଆଇଆଇସି ତପସ୍ୱିନୀ ବରାଳ, ଏସ୍‌ଆଇ ମିତ୍ରବିନ୍ଦ ପରିଡ଼ା, କନ୍‌ଷ୍ଟେବଲ ସଞ୍ଜୟ କୁମାର ରାଉତ, ଏଏସ୍‌ଆଇ ଜିତେନ୍ଦ୍ର ହେମ୍ବ୍ରମ, ସତ୍ୟାନନ୍ଦ ମାଝି, ବିକାଶ ଚନ୍ଦ୍ର ରାଉତ, ଟୁଟୁ ସାହୁ, ସାନନ୍ଦ କୁଅଁର, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।


ଜବତ କଫ୍‌ସିରପ ସହ ଗିରଫ ୩ ଅଭିଯୁକ୍ତ।

# ନକଲି ମାଓବାଦୀ ଆତ୍ମସମର୍ପଣ ଯୋଜନା ପଣ୍ଡ

## ୱେବ୍ ଖବରଦାତାଙ୍କ ସହ ୪ ଗିରଫ

ରାୟଗଡ଼ା, ୧୬।୨ (ଆଶିଷ ରଞ୍ଜନ ପଣ୍ଡା)


ଅନୁବ୍ରତ ବାରା | ଆପନା ମାଣ୍ଡାଙ୍ଗି | ବଳି ମାଝି | ସୀମାଞ୍ଚଳ କୁଟ୍ରୁକା

ମାଓବାଦୀଙ୍କ ନାଁରେ ପୋଷ୍ଟର ମାରିବା ଏବଂ ନକଲି ମାଓବାଦୀଙ୍କୁ ଆତ୍ମସମର୍ପଣ କରାଇ ସରକାରୀ ଅର୍ଥ ଲୁଟ ପାଇଁ ଉଦ୍ୟମ କରିବା ଘଟଣାରେ ରାୟଗଡ଼ା ପୋଲିସ ରବିବାର ୱେବ୍ ଖବରଦାତା ରଞ୍ଜୁ ଓରଫ୍ ଅନୁବ୍ରତ ବାରା ଓ ବଳି ମାଝିଙ୍କୁ ଗିରଫ କରିଥିଲା। ଏହି ଘଟଣାର ଅଧିକା ତଦନ୍ତ କରି ସେମାନଙ୍କ ଆଉ ଜଣେ ସାଥୀ ବିଷମକଟକ ଥାନା ଅର୍ନ୍ତଗତ ସୀମାଞ୍ଚଳ କୁଟ୍ରୁକା ଏବଂ ଆପନା ମାଣ୍ଡାଙ୍ଗି ଓରଫ୍ ମାଣ୍ଡିକାଙ୍କୁ ସୋମବାର ଗିରଫ କରିଛି। ଏ ନେଇ ଜିଲା ପୋଲିସ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥି ଏସ୍.କୁମାର ସୂଚନା ଦେଇଛନ୍ତି। ଏସ୍‌ପି ସ୍ୱାଥିଙ୍କ ସୂଚନା ଅନୁସାରେ ଏହି ମାମଲା ମୁଖ୍ୟ କାର୍ପଟଦାର ସାଜିଥିଲେ ୱେବ ସାମ୍ବାଦିକ ଅନୁବ୍ରତ ବାରା। ଜିଲାରେ ମାଓବାଦୀ ଆତଙ୍କରାଜ ଶେଷ ହୋଇଥିବା ବେଳେ ଲୋକଙ୍କୁ ଭୟଭୀତ କରାଇ ଟଙ୍କା ହଡ଼ପ କରିବା ସହିତ ନକଲି ମାଓବଦୀ ସଜାଇ ଆତ୍ମସମର୍ପଣ କରାଇ ସରକାରୀ ଅର୍ଥ ହଡ଼ପ କରିବା ଯୋଜନା ଅଭିଯୁକ୍ତଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି ଏସ୍‌ପି କହିଛନ୍ତି।

ରାୟଗଡ଼ା ସହର ଉପକଣ୍ଠ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ବସ୍‌ଷ୍ଟପ, ଚାନ୍ଦିଲି ଥାନା ଅଧୀନ ପାଇକପଡ଼ା ଓ କଲ୍ୟାଣସିଂହପୁର ବ୍ଲକ୍‌ର ବୁଡ଼ାଗୁଡ଼ା ପଞ୍ଚାୟତ କୁମ୍ଭାଗୁଡ଼ା ଛକରେ ଗତ ଶୁକ୍ରବାର ମାଓବାଦୀ ପୋଷ୍ଟର ଲାଗିଥିଲା। ଉକ୍ତ ପୋଷ୍ଟର ଜବତ ପରେ ରାୟଗଡ଼ା ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଖବରଦାତା ଅନୁବ୍ରତ ବାରା ମୁଖ୍ୟ କାର୍ପଟଦାର ବୋଲି ଜାଣିବାକୁ ପାଇବା ପରେ ରବିବାର ତାଙ୍କୁ ଓ ବଳି ମାଝିଙ୍କୁ ଗିରଫ କରିଥିଲା। ପୋଲିସ ସୂଚନା ମୁତାବକ ଅନୁବ୍ରତ ଗତ କିଛି ଦିନ ଧରି ଏ ନେଇ ରାୟଗଡ଼ା ସହରର ବିଭିନ୍ନ ହୋଟେଲରେ ବୈଠକ କରି ଯୋଜନା ମୁତାବକ ଛତିଶଗଡ଼ ରାଜ୍ୟର କେତେଜଣ ହାର୍ଡ଼କୋର ମାଓବାଦୀ ଆତ୍ମସମର୍ପଣ ଦର୍ଶାଇବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ନକଲି ମାଓବାଦୀ ସାଜିବା ପାଇଁ ରାଜି ହୋଇଥିବା ବ୍ୟକ୍ତିବିଶେଷ ଏହି କାମ ପାଇଁ ମନା କରିଦେଇଥିଲେ ବୋଲି ଏସ୍‌ପି ସ୍ୱାଥି ସୂଚନା ଦେଇଛନ୍ତି। ଏହି ମାମଲାରେ ଗିରଫ ସୀମାଞ୍ଚଳ ଜାନୁଆରି ୨୦ରେ ମୁନିଗୁଡ଼ା ଥାନା ଅଧୀନସ୍ଥ ତେଲେଙ୍ଗାପଦରଠାରେ ମଧ ମାଓବାଦୀଙ୍କ ନାଁରେ ବ୍ୟାନର ଲଗାଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ମଧ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ଧାନ ବ୍ୟବସାୟୀଙ୍କଠାରୁ ଲୁଟ୍

କେନ୍ଦୁଝର, ୧୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ମଇଦାନକେଲ-ପାଟଣା ରାସ୍ତାରେ ଜଣେ ଧାନ ବ୍ୟବସାୟୀଙ୍କଠାରୁ ସୋମବାର ୨ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜିଲାରେ ଏକ ମାସ ମଧ୍ୟରେ ଡକାୟତି, ଲୁଟ୍ ମାମଲା ବଢ଼ିଯାଇଥିବାରୁ ଲୋକଙ୍କ ମନରେ ଭୟର ସଞ୍ଚାର ଖେଳିଯାଇଛି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ୩୦ରେ କେନ୍ଦୁଝର ସହର ମାଇନିଂ ରୋଡ୍ ଗୋବିନ୍ଦପୁରରେ ରହୁଥିବା ଧୀରେନ୍ଦ୍ର ଦ୍ୱିବେଦୀ ମଇଦାନକେଲରେ ଥିବା ତାଙ୍କ ଧାନ ଗୋଦାମ ଘରକୁ ଯାଉଥିଲେ। ଜଡ଼ିଖୁଣ୍ଟି ନିକଟରେ ନିର୍ମାଣଧୀନ ପୋଲ ପାଖରେ ପଛ ପଟୁ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କୁ ଅଟକାଇ ଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଲକ୍ଷାଧିକ ଟଙ୍କା ଥିବା ବ୍ୟାଗକୁ ଛଡ଼ାଇ ନେଇ କେନ୍ଦୁଝର ସହର ଅଭିମୁଖେ ଫେରାର ହୋଇଯାଇଥିଲେ। ସେମାନେ ଓଡ଼ିଆରେ କଥାବାର୍ତ୍ତା କରୁଥିଲେ। ବ୍ୟାଗରେ ଟଙ୍କା ସହ ଗୋଦାମ ଘର ଚାବି, କାଗଜପତ୍ର ଥିଲା। ଲୁଟେରାମାନେ ମୋବାଇଲ ଫୋନ ଲୁଟ୍ କରିବା ପରେ ନିକଟରେ ପକାଇ ପଳାଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ଲୋକ ତୁରନ୍ତ ସଦର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝାନ୍‌ଭିନ୍ କରିଥିଲା। ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ କହିଛନ୍ତି, ସିସିଟିଭି ଯାଞ୍ଚ କରି ତଦନ୍ତ କରାଯାଉଛି। ଦୁର୍ବୃତ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

ସୂଚନାଯୋଗ୍ୟ, ଜିଲାରେ ଗତ ପ୍ରାୟ ଏକ ମାସ ମଧ୍ୟରେ ବଡ଼ବିଲ, ତୁରମୁଙ୍ଗା ଓ ସଦରଥାନା ଅଞ୍ଚଳରେ ସଶସ୍ତ୍ର ଡକାୟିତ ଘଟଣା ଲୋକେ ଭୁଲି ନ ଥିବା ବେଳେ ପୁଣି ଏକ ଲୁଟ୍ ଚିନ୍ତାର ବିଷୟ ହୋଇଛି।

# ଭ୍ରୂଣହତ୍ୟା ଅଭିଯୋଗ: ମେଡିକାଲ ଷ୍ଟୋର ସିଲ୍ କଲା ପ୍ରଶାସନ

ବୀରମହାରାଜପୁର, ୧୬।୨
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର କେନ୍ଦୁପାଲି ରୋଡସ୍ଥିତ ସନ୍ଧ୍ୟା ମେଡିକାଲ ଷ୍ଟୋରକୁ ସୋମବାର ଜିଲା ପ୍ରଶାସନ ସିଲ୍ କରିଛି। ମେଡିକାଲ ଷ୍ଟୋରରେ ବେଆଇନ ଭାବେ କ୍ଲିନିକ ଖୋଲାଯାଇ ରୋଗୀଙ୍କୁ ଶୋଷଣ ସହ ଭ୍ରୂଣହତ୍ୟା କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚଢ଼ାଉ କରି ଗର୍ଭ ପରୀକ୍ଷା କିଟ୍, ଗର୍ଭନଷ୍ଟ ଔଷଧ, ବେଆଇନଭାବେ ଗଚ୍ଛିତ ଔଷଧ ଜବତ କରିଥିଲା। ସୋମବାର ଜିଲାପାଳ ଡ. ନୃପରାଜ ସାହୁ, ସିଡିଏମ୍‌ଓ ଉଷାଦେବୀ ଦାସ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ବୀରମହାରାଜପୁର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଔଷଧ ଦୋକାନକୁ ସିଲ୍ କରିଥିଲେ।


ମେଡିକାଲ ଷ୍ଟୋରକୁ ଜିଲାପାଳଙ୍କ ଉପସ୍ଥିତିରେ ସିଲ୍ କରାଯାଉଛି।

# ମେଡିକାଲରୁ ଜେଲ ଫେରିଲେ ବିକ୍ରମ

ବ୍ରହ୍ମପୁର, ୧୬।୨ (ସୁବାସ ଚନ୍ଦ୍ର ପାଢ଼ୀ)

## ସୁସ୍ଥ ନ ହେଉଣୁ ଛାଡ଼ି ଦିଆଯାଇଥିବା ଅଭିଯୋଗ

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ସୋମବାର ଏମ୍‌କେସିଜି ମେଡିକାଲରୁ ଡିସଚାର୍ଜ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ନ ଥିବା ବେଳେ ଜୋର ଜବରଦସ୍ତ ଡିସଚାର୍ଜ କରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏମ୍‌କେସିଜି ମେଡିକାଲରୁ ବିକ୍ରମଙ୍କୁ ପୁଣି ଥରେ ବ୍ରହ୍ମପୁର ମଣ୍ଡଳ କାରଗାରକୁ ପଠାଇ ଦିଆଯାଇଛି। ଏହି ଅମାନବୀୟ କାର୍ଯ୍ୟକଳାପକୁ ନେଇ ପରିବାର ଲୋକେ କୋର୍ଟଙ୍କ ଆଶ୍ରୟ ନେବେ ବୋଲି କହିଛନ୍ତ। ଜେଲରେ ଥିବା ସମୟରେ ବିକ୍ରମଙ୍କ ପେଟରେ ଯନ୍ତ୍ରଣା ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପାଇଁ ଏକ ବିଶେଷଜ୍ଞ ଡାକ୍ତରୀ ଟିମ ଗଠନ କରାଯାଇଥିଲା। ବିକ୍ରମଙ୍କ ଗଲ୍ ବ୍ଲାଡର୍ ଷ୍ଟୋନ ଏବଂ ପାଇଲ୍ସ ଭଳି ସମସ୍ୟା ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା। ସୋମବାର ମେଡିକାଲ ପକ୍ଷରୁ ବିକ୍ରମଙ୍କ ଅସ୍ତ୍ରୋପଚାର ପାଇଁ ତାଙ୍କ ଅନୁମତି ଲୋଡ଼ା ଯାଇଥିଲା। ୧ ଘଣ୍ଟା ଭିତରେ ପରିବାର ଲୋକଙ୍କ ସହ କଥା ହୋଇ ଜଣାଇବି ବୋଲି ବିକ୍ରମ କହିଥିଲେ। ହେଲେ ହଠାତ୍ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରି ଦିଆଯିବା ପରେ ପୋଲିସ କର୍ମଚାରୀମାନେ କଡ଼ା ସୁରକ୍ଷା ମଧ୍ୟରେ ଜେଲକୁ ନେଇ ଯାଇଥିଲେ। ଏହି ସମୟରେ ବିକ୍ରମଙ୍କ ପରିବାର, ସମର୍ଥକ ଓ ଓକିଲ ଦୀପକ ପଟ୍ଟନାୟକ ଉପସ୍ଥିତ ଥିଲେ। ଏ ନେଇ ଏମ୍‌କେସିଜି ସୁପରିଣ୍ଟେଣ୍ଡେଣ୍ଟ ଡା. ଦୁର୍ଗାମାଧବ ଶତପଥୀଙ୍କୁ ପଚାରିବାରେ ବିକ୍ରମଙ୍କ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି ବୋଲି କହିଛନ୍ତି।

# Business

# ଏନ୍‌ପିସିଆଇର 'ୟୁପିଆଇ ୱାନ୍ ୱାର୍ଲ୍ଡ' ୱାଲେଟ୍

## ବିଦେଶୀ ଅତିଥିଙ୍କ ପାଇଁ ସେବା

ଭୁବନେଶ୍ୱର, ୧୬।୨ (ଅନୁରାଧା ମହାରଣା)

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଚାଲିଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହୋଇଛି। ନ୍ୟାଶନାଲ ପେମେଣ୍ଟ୍ସ କର୍ପୋରେଶନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ବିଦେଶୀ ଡେଲିଗେଟ୍ସଙ୍କ ପାଇଁ 'ୟୁପିଆଇ ୱାନ ୱାର୍ଲଡ୍' ନାମକ ଏକ ନୂତନ ପ୍ରିପେଡ ୱାଲେଟ ସେବା ଆରମ୍ଭ କରିଛି। ଏହି ସୁବିଧା ମାଧ୍ୟମରେ ବିଦେଶରୁ ଆସୁଥିବା ଅତିଥିମାନେ ଭାରତରେ ବିନା କୌଣସି ଭାରତୀୟ ବ୍ୟାଙ୍କ ଆକାଉଣ୍ଟ କିମ୍ବା ଲୋକାଲ ମୋବାଇଲ ନମ୍ବର ବ୍ୟବହାର କରି ସିଧାସଳଖ କ୍ୟୁଆର୍ କୋଡ୍ ସ୍କାନ କରି ରିୟଲ-ଟାଇମ ପେମେଣ୍ଟ କରିପାରିବେ। ଏହି ପାଇଲଟ ପ୍ରୋଜେକ୍ଟ ବର୍ତ୍ତମାନ ସମିଟରେ ଭାଗ ନେଉଥିବା ୪୦ରୁ ଅଧିକ ଦେଶର ଡେଲିଗେଟ୍ସ ପାଇଁ ଉପଲବ୍ଧ ରହିଛି। 'ୟୁପିଆଇ ୱାନ ୱାର୍ଲଡ୍' ୱାଲେଟ ବିଦେଶୀ ଯାତ୍ରୀମାନଙ୍କୁ ଏୟାରପୋର୍ଟରୁ ଟ୍ୟାକ୍ସି ଭଡ଼ା, ହୋଟେଲ ବିଲ୍, ଦୋକାନରେ କିଣାକିଣି ଆଦି ସବୁ ପାଇଁ ନଗଦ କିମ୍ବା କରେନ୍ସି ଏକ୍ସଚେଞ୍ଜର ସମସ୍ୟା ବିନା ଡିଜିଟାଲ ପେମେଣ୍ଟ କରିବାର ସୁବିଧା ଦେଉଛି। ଏହି ୱାଲେଟ ନୂଆଦିଲ୍ଲୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଅଧିକୃତ କାଉଣ୍ଟରଗୁଡ଼ିକରେ ଓ ସମିଟ ସ୍ଥଳ ଭାରତ ମଣ୍ଡପମରେ ଥିବା ଏନପିସିଆଇ ପାଭିଲିଅନରେ ପ୍ରାପ୍ତ ହେବ। ଡେଲିଗେଟ୍ସ ନିଜର ଇଣ୍ଟରନ୍ୟାଶନାଲ ଡେବିଟ କିମ୍ବା କ୍ରେଡିଟ କାର୍ଡ ବ୍ୟବହାର କରି ୱାଲେଟରେ ଟଙ୍କା ଲୋଡ କରିପାରିବେ ଏବଂ ତା'ପରେ ଯେକୌଣସି ୟୁପିଆଇ କ୍ୟୁଆର୍ କୋଡ ସ୍କାନ କରି ପେମେଣ୍ଟ କରିପାରିବେ। ଗୋଟିଏ ଟ୍ରାଞ୍ଜାକ୍ସନରେ ସର୍ବାଧିକ ୨୫,୦୦୦ ଟଙ୍କା ଲୋଡ କରାଯାଇପାରିବ ଏବଂ ମାସିକ ସର୍ବାଧିକ ଲିମିଟ ୫୦,୦୦୦ ଟଙ୍କା ରହିଛି। ଯାତ୍ରା ଶେଷରେ ବଳକା ରାଶି ଫରେନ ଏକ୍ସଚେଞ୍ଜ ନିୟମ ଅନୁଯାୟୀ ମୂଳ ସୋର୍ସକୁ ଫେରସ୍ତ ହେବ। ଏନ୍‌ପିସିଆଇ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ଗ୍ରୋଥ) ସୋହିନୀ ରାଜୋଲା କହିଛନ୍ତି, ୟୁପିଆଇ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ରିୟଲ-ଟାଇମ ପେମେଣ୍ଟ ସିଷ୍ଟମ ହୋଇଛି ଏବଂ ଜାନୁଆରୀ ୨୦୨୬ରେ ଏହା ୨୧.୭୦ ବିଲିୟନ ଟ୍ରାନ୍ସାକ୍ସନ ପ୍ରୋସେସ କରିଛି। ଏହି ପଦକ୍ଷେପ ଭାରତର ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚରର ଶକ୍ତିକୁ ବିଶ୍ୱସ୍ତରୀୟ ମଞ୍ଚରେ ପ୍ରଦର୍ଶନ କରୁଛି ଏବଂ ଏହା ପ୍ରମାଣ କରୁଛି ଯେ 'ମେଡ ଇନ ଇଣ୍ଡିଆ' ଟେକ୍ନୋଲୋଜି ଏବେ ଗ୍ଲୋବାଲ ହୋଇଛି, କ୍ରସ-ବର୍ଡର୍ ପେମେଣ୍ଟ ସରଳ ହୋଇପାରିବ ଏବଂ କ୍ୟାଶଲେସ ଇକୋନୋମି ଦେଶର ସୀମା ବାହାରେ ଯାଇପାରିବ। ବିଦେଶୀ ଯାତ୍ରୀମାନଙ୍କ ପାଇଁ ଏହା ବଡ଼ ଆଶ୍ୱସ୍ତି ସୃଷ୍ଟି କରୁଛି ଏବଂ ଭାରତ ପାଇଁ ଏହା ଏକ ପ୍ରତ୍ୟକ୍ଷ ବ୍ରାଣ୍ଡିଙ୍ଗ ସୁଯୋଗ ହୋଇଛି। ଯଦି ଏହି ପାଇଲଟ ପ୍ରୋଜେକ୍ଟ ସଫଳ ହୁଏ ତେବେ ଭବିଷ୍ୟତରେ ଏହାକୁ ସାଧାରଣ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଲାଗୁ କରାଯାଇପାରିବ।

# ଶିବରାତ୍ରିରେ ଓମ୍‌ଫେଡ୍‌ର ରେକର୍ଡ ବିକ୍ରି

ଭୁବନେଶ୍ୱର, ୧୬।୨ (ଅନୁରାଧା ମହାରଣା)

ପବିତ୍ର ଜାଗର ଯାତ୍ରା ଅବସରରେ ରବିବାର ଓମଫେଡ୍ ୧୨ ହଜାର ଲିଟରରୁ ଅଧିକ ଘିଅ ବିକ୍ରି କରିଛି। ଗୋଟିଏ ଦିନରେ ଏତେ ପରିମାଣର ଘିଅ ବିକ୍ରି କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛି। କେବଳ ଘିଅ ନୁହେଁ, ଦହି ମଧ ଆଶାତୀତ ଭାବେ ବିକ୍ରି ହୋଇଛି। ଆଜି ଗୋଟିଏ ଦିନରେ ୧୦୦ ମେଟ୍ରିକ ଟନ୍ ବା ଏକ ଲକ୍ଷ ଲିଟରରୁ ଅଧିକ ଓମ୍‌ଫେଡ୍ ଦହି ବିକ୍ରି ହୋଇଛି। ଦୀର୍ଘ ୪୫ ବର୍ଷ ହେଲା ଓଡ଼ିଶାବାସୀ ଓମଫେଡ୍ ଜାଣିଛନ୍ତି ଏବଂ ଭଲ ପାଉଥିବା ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି, ଏହି ଶ୍ରେୟ ଓଡ଼ିଶାର ଅଗଣିତ ଦୁଗ୍ଧ ଚାଷୀ ଓ ଗ୍ରାହକଙ୍କ ନିକଟକୁ ଯାଉଛି। ଆମେ ଓଡ଼ିଶାର ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ଉତ୍ପାଦ ଯୋଗାଇ ଆସୁଛୁ। ଆଗାମୀ ଦିନରେ ଏହି ଧାରା ଜାରି ରହିବ। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଉତ୍ପାଦର ଗୁଣାତ୍ମକ ମାନରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି କହିଛନ୍ତି।

# ଟିପିସିଓଡିଏଲ୍‌ର 'ବିଲ୍ ପେ ଆଣ୍ଡ୍ ଉଇନ୍' ଯୋଜନା



ଭୁବନେଶ୍ୱର, ୧୬।୨ (ଅନୁରାଧା ମହାରଣା)

## ୫୦୦ ଉପଭୋକ୍ତା ପୁରସ୍କାର ପାଇଁ ମନୋନୀତ

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଠିକ୍ ସମୟରେ ବିଜୁଳି ବିଲ୍ ପୈଠ କରିବା ଏବଂ ଡିଜିଟାଲ୍ କାରବାରକୁ ବୃଦ୍ଧି କରିବା ପାଇଁ 'ବିଲ୍ ପେ ଆଣ୍ଡ୍ ଉଇନ୍' କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷ କରି ଯେଉଁ ଗ୍ରାହକମାନେ କୌଣସି ବକେୟା ନ ରଖି ନିୟମିତ ଭାବେ ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରୁଛନ୍ତି, ସେମାନଙ୍କୁ ଏହି ଯୋଜନା ମାଧ୍ୟମରେ ସମ୍ମାନିତ କରାଯାଉଛି। ଫେବୃଆରୀ ୧୪ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୨୦୨୫ ଜୁଲାଇରୁ ଡିସେମ୍ବର ସମୟ ପାଇଁ ୬ଟି ଭିନ୍ନ ଭିନ୍ନ ବର୍ଗରେ ୫୦୦ ଜଣ ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ଟିପିସିଓଡିଏଲ୍‌ର ଏମଡିସିଠାରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ଭୁବନେଶ୍ୱରର ୧୫ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ଆମର 'ବିଲ୍ ପେ ଆଣ୍ଡ୍ ଉଇନ୍' ଯୋଜନା କେବଳ ଡିଜିଟାଲ୍ କାରବାର ବା ଠିକ୍ ସମୟରେ ବିଲ୍ ପୈଠ କରିବାକୁ ପ୍ରୋତ୍ସାହିତ କରୁନାହିଁ ବରଂ ଏହା ଦାୟିତ୍ୱବାନ ଗ୍ରାହକମାନଙ୍କୁ ଏକ ସ୍ୱଚ୍ଛ ପଦ୍ଧତିରେ ଚୟନ କରି ସମ୍ମାନିତ କରିବାର ଏକ ନିଆରା ପ୍ରୟାସ। ସୂଚନାଥାଉକି, ୨୦୨୬ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ 'ମେଗା ବିଲ୍ ପେ ଆଣ୍ଡ୍ ଉଇନ୍' ଯୋଜନା ଏବେ ଜାରି ରହିଛି, ଯେଉଁଥିରେ ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ଏବଂ କ୍ୟାଶବ୍ୟାକ୍ ଜିତିବାର ସୁଯୋଗ ପାଇପାରିବେ। ଏହା ସହିତ କମ୍ପାନୀ ପକ୍ଷରୁ 'ନୋ ଲାଇନ୍ ଜଷ୍ଟ ଅନଲାଇନ୍' ଶୀର୍ଷକ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି, ଯାହା ଗ୍ରାହକଙ୍କୁ ବିନା କୌଣସି ଅସୁବିଧାରେ ଘରେ ବସି ସେବା ପାଇବାରେ ସହାୟକ ହେବ।

# ଓ ରୋମିଓ ଚଳଚ୍ଚିତ୍ର, ଡା. ଅର୍ଥୋ ମଧ୍ୟରେ ସହଭାଗିତା




ଭୁବନେଶ୍ୱର, ୧୬।୨ (ଅନୁରାଧା ମହାରଣା)

ନିର୍ଦ୍ଦେଶକ ବିଶାଳ ଭରଦ୍ୱାଜଙ୍କ ହିନ୍ଦୀ ଆକ୍ସନ-ଥ୍ରିଲର ଚଳଚ୍ଚିତ୍ର 'ଓ ରୋମିଓ' ଶୁକ୍ରବାର ଥିଏଟରରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରରେ ଶାହିଦ କପୁର, ତୃପ୍ତି ଡିମ୍ରି ଏବଂ ନାନା ପାଟେକର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଚଳଚ୍ଚିତ୍ରର ପ୍ରଚାର ପ୍ରସାର ପାଇଁ ନିବେଶକ ଡ. ସଞ୍ଜୀବ ଜୁନେଜା ଡା. ଅର୍ଥୋ ଆୟୁର୍ବେଦିକ ଅଏଲ ବ୍ରାଣ୍ଡକୁ କୋ-ବ୍ରାଣ୍ଡିଂ ପାର୍ଟନର ଭାବେ ଯୋଡ଼ିଛନ୍ତି। ଡ. ଜୁନେଜା କହିଛନ୍ତି, ଚଳଚ୍ଚିତ୍ରର ନାୟକ ଯେପରି କଷ୍ଟକର ପରିସ୍ଥିତିରେ ଦୃଢ଼ତାର ସହ ଠିଆ ହୁଅନ୍ତି, ସେହିପରି ଡ. ଅର୍ଥୋ ଆୟୁର୍ବେଦିକ ଅଏଲ ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣା ବିରୋଧରେ ଦୃଢ଼ ଭାବେ ଲଢ଼େଇ କରିଥାଏ। ଦିବିଶା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର କହିଛନ୍ତି, ଡା. ଅର୍ଥୋ ଆୟୁର୍ବେଦିକ ଅଏଲ ଗ୍ରାହକଙ୍କ ବିଶ୍ୱାସ ଓ ଆଶାକୁ ସର୍ବଦା ପୂରଣ କରିଆସିଛି। ଆଜି ଭାରତର ପ୍ରାୟ ପ୍ରତ୍ୟେକ ଘରେ ଡା. ଅର୍ଥୋର କୌଣସି ନା କୌଣସି ଉତ୍ପାଦ ରହିଛି, ଯାହା ବ୍ରାଣ୍ଡ ପାଇଁ ବଡ଼ ଗର୍ବର ବିଷୟ।

# ସିଜିୟୁରେ 'ସକ୍ଷମ' ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୬।୨ (ଅନୁରାଧା ମହାରଣା)

ଗେଲ (ଇଣ୍ଡିଆ) ଲିମିଟେଡର ସହଯୋଗରେ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ରେ ନିକଟରେ ଏକ ସଂରକ୍ଷଣ କ୍ଷମତା ମହୋତ୍ସବ -ସକ୍ଷମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଅଧୀନରେ ପାଳନ କରାଯାଉଥିବା ଜାତୀୟ ଅଭିଯାନର ଅଂଶଭାବେ ଇନ୍ଧନ ସଂରକ୍ଷଣ ଓ ସୁସ୍ଥାୟୀ ଶକ୍ତି ବ୍ୟବହାର ପ୍ରଚାର କରିବା ପାଇଁ କରାଯାଇଥିଲା। ସିଜିୟୁ ଓ ପଲିଟେକ୍ନିକର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ତେଲ ଓ ଗ୍ୟାସ ସଂରକ୍ଷଣ ଏବଂ 'ଗୋଗ୍ରିନ' ପ୍ରଚାର ବିଷୟରେ ଅନୁଷ୍ଠିତ ତର୍କବିତର୍କ ଓ ପୋଷ୍ଟର ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ଗେଲ ଡିଜିଏମ୍ ନିଗମାନନ୍ଦ ମିଶ୍ର, କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ-ଭାଇସ ଚାନ୍ସେଲର ପ୍ରଫେସର ଗୁଡ଼ାଶ୍ରୀଦେବୀ, ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ଓସିଭିଆରପି ପ୍ରଧାନ ଡ . ଆର୍. କେ. ପୃଷ୍ଟିଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା।

# ଭାଇବ୍ରାନ୍ସ, ଅପ୍ଟିମାର ବଜାର ପ୍ରବେଶ କଲା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ

ଭୁବନେଶ୍ୱର, ୧୬।୨ (ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ନିଜର ବିଶ୍ୱସ୍ତରୀୟ ଉତ୍ପାଦ ଭାଇବ୍ରାନ୍ସ ଏବଂ ଏଏମ୍‌ଏନ୍‌ଏସ୍ ଅପ୍ଟିମାର ବଜାର ପ୍ରବେଶ ସହିତ ମୂଲ୍ୟବର୍ଦ୍ଧିତ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଏହି ଦୁଇଟି ପ୍ରିମିୟମ ବ୍ରାଣ୍ଡେଡ ଇସ୍ପାତ ସମାଧାନକୁ ଘରୋଇ ଉପକରଣ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମୂଳ ଉପକରଣ ନିର୍ମାତା (ଓଇଏମ) ମାନଙ୍କର ବର୍ଦ୍ଧିତ ଡିଜାଇନ-ସମ୍ପର୍କିତ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଦୁଇଟି ବ୍ରାଣ୍ଡେଡ ଉତ୍ପାଦ ବର୍ତ୍ତମାନ ଏକ ମୂଲ୍ୟବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓର ଅଂଶ ହୋଇଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନିର୍ଦ୍ଦେଶକ ତଥା ବିକ୍ରୟ ଏବଂ ବିପଣନ ବିଭାଗର ଉପ ସଭାପତି ରଞ୍ଜନ ଧର କହିଛନ୍ତି, ଏଏମ୍‌ଏନ୍‌ଏସ୍ ଭାଇବ୍ରାନ୍ସ ଓଇଏମଗୁଡ଼ିକ ଉପକରଣ ପାଇଁ ଏକ ପ୍ରିମିୟମ ରଙ୍ଗ-ପ୍ରଲେପଯୁକ୍ତ ଇସ୍ପାତ ସମାଧାନ, ଯାହା ଶକ୍ତି, ସଠିକତା ଏବଂ ଉତ୍କୃଷ୍ଟ ପୃଷ୍ଠ ସୌନ୍ଦର୍ଯ୍ୟର ଏକ ମିଶ୍ରଣ। ଯେହେତୁ ଉପକରଣଗୁଡ଼ିକ ଘର ଏବଂ ବାଣିଜ୍ୟିକ ପରିବେଶରେ କ୍ରମଶଃ ଦୃଶ୍ୟମାନ ଡିଜାଇନ ବୈଶିଷ୍ଟ୍ୟ, ନିର୍ମାତାମାନଙ୍କୁ ଏପରି ଏକ ସାମଗ୍ରୀ ଆବଶ୍ୟକ ହୁଏ, ଯାହା ସ୍ଥିର ରଙ୍ଗ, ନିୟନ୍ତ୍ରିତ ଚମକ ଏବଂ ପରିଷ୍କୃତ ଫିନିଶ ସହିତ ଦୀର୍ଘସ୍ଥାୟିତ୍ୱ ଏବଂ ଦକ୍ଷ ଉତ୍ପାଦନକ୍ଷମତାକୁ ମିଶ୍ରଣ କରିଥାଏ। ନିର୍ମିତ ଉପକରଣଗୁଡ଼ିକର ଆକର୍ଷଣୀୟ ଏବଂ ଦୀର୍ଘସ୍ଥାୟିତ୍ୱକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଭାଇବ୍ରାନ୍ସ ସୁନିଶ୍ଚିତ କରିଥାଏ। ଏହା ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ ଓଭାନ ଏବଂ ୱାଟର ଡିସ୍ପେନସର ସମେତ ବିବିଧ ଉପକରଣ ପ୍ରୟୋଗ ପାଇଁ ବେଶ୍ ଉପଯୁକ୍ତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାକିସ୍ତାନ କ୍ରିକେଟ ଇତିହାସର ଅନ୍ଧକାର ସମୟ

**କଲମ୍ବୋ,୧୬।୨**

ଭାରତ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ପରେ ପାକିସ୍ତାନ ଦଳ ଓ ଦଳୀୟ ଖେଳାଳିଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଧାରାରେ ଯୋଡ଼ି ହୋଇ ପୂର୍ବତନ ବ୍ୟାଟର ମହମ୍ମଦ ୟୁସୁଫ ଏହାକୁ ପାକିସ୍ତାନ କ୍ରିକେଟ ଇତିହାସର ସବୁଠୁ ଅନ୍ଧକାର ସମୟ ବୋଲି ଟୁଇଟ୍ କରିଛନ୍ତି।

"ଶାହିନ, ବାବର ଓ ଶଦାବଙ୍କ ସମୟ ଶେଷ ହୋଇଛି। ପାକିସ୍ତାନ ଟି୨୦ ଦଳକୁ ନୂଆ ପ୍ରଦର୍ଶନକାରୀ ଦରକାର। ଦୁର୍ବଳ ଦଳ ବିପକ୍ଷରେ ଖାଲି ବିଜୟ ଦରକାର ନାହିଁ। ଯେଉଁ ପର୍ଯ୍ୟନ୍ତ ଆମେ ପାକିସ୍ତାନ କ୍ରିକେଟରୁ ରାଜନୈତିକ ପ୍ରଭାବ ଓ ବ୍ୟକ୍ତିଗତ ଏଜେଣ୍ଡାକୁ ନ ହଟାଇବା ସେ ପର୍ଯ୍ୟନ୍ତ ଆମେ ପୂର୍ବ ଭଳି ଶକ୍ତିଶାଳୀ ଦଳ ହୋଇପାରିବା ନାହିଁ। ଏହା ପାକିସ୍ତାନ କ୍ରିକେଟ ଇତିହାସର ସବୁଠୁ ଅନ୍ଧାକାର ସମୟ। ଅଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଶାସନ ଓ ଦଳରୁ ହଟାଇବାକୁ ପଡ଼ିବ" ବୋଲି ୟୁସୁଫ ଟୁଇଟ୍ କରିଛନ୍ତି। ସେହିଭଳି ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ପୋଷ୍ଟ କରିଛନ୍ତି ଯେ, ଯଦି ମୋ ହାତରେ ଥାଆନ୍ତା, ତେବେ ମୁଁ ବାବର, ଶଦାବ ଓ ଶାହିନଙ୍କୁ ପୁଣି ଥରେ ଟି୨୦ ଦଳରେ ଚୟନ କରି ନ ଥାନ୍ତି। ସେମାନଙ୍କୁ ପାକିସ୍ତାନ ପାଇଁ ପ୍ରଚୁର ସୁଯୋଗ ମିଳିଥିଲା। ହେଲେ ସେମାନେ ବିଫଳ ହୋଇଛନ୍ତି।

# ବାବର, ଶାହିନଙ୍କୁ ଦଳରୁ ବାଦ୍ ଦିଆଯିବ

**କରାଚୀ,୧୬।୨(ପି.ଟି.)**

ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍‌ର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳର ସିନିୟର ଖେଳାଳିଙ୍କୁ ପରବର୍ତ୍ତୀ ମ୍ୟାଚ୍‌ରୁ ବାଦ୍ ଦିଆଯିବ। ଆସନ୍ତା ୧୮ ତାରିଖରେ ପାକିସ୍ତାନ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ନାମ୍ବିୟାକୁ ଭେଟିବ। ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପାକିସ୍ତାନକୁ ଏହି ମ୍ୟାଚ୍‌ରେ ବିଜୟ ଦରକାର। ତେବେ ଟିମ ମ୍ୟାନେଜମେଣ୍ଟ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତଠାରୁ ୬୧ ରନରେ ଶୋଚନୀୟ ପରାଜୟ ପରେ ପାକିସ୍ତାନ ଦଳର ପ୍ରଦର୍ଶନକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ନକ୍‌ଭି ପାକିସ୍ତାନ ଦଳର ପରାଜୟ ନିଶ୍ଚିତ ଜାଣିବା ପରେ ମ୍ୟାଚ୍ ବେଳେ ଷ୍ଟାଡିୟମରୁ ଚାଲି ଯାଇଥିଲେ। ପରେ ପିସିବିର ଜଣେ ବରିଷ୍ଠ ଅଧିକାରୀ ଦଳର ଏଭଳି ପ୍ରଦର୍ଶନ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏଥିଯୋଗୁ ଦଳୀୟ ମ୍ୟାନେଜମେଣ୍ଟ ବାବର ଓ ଶାହିନଙ୍କୁ ଦଳରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛି। ଫଖର ଜମନଙ୍କ ସହ ସଲମାନ ମିର୍ଜା କିମ୍ବା ନସିମ ଶାହାଙ୍କୁ ବୁଧବାର ଚୂଡ଼ାନ୍ତ ଦଳରେ ସାମିଲ କରାଯିବ।



ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପର ପୁରୁଷ ବର୍ଗରେ ଚାମ୍ପିୟନ କଟକ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ପୁରୁଷ ବର୍ଗରେ କଟକ, ମହିଳାରେ କିଟ୍ ଚାମ୍ପିୟନ

**ଶରତ ସାହୁ ସ୍ମାରକୀ ରାଜ୍ୟ କବାଡି**

**କଟକ,୧୬।୨(କୁମାରଶ୍ରୀ)**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ କଟକ ୩୭-୧୨ ପଏଣ୍ଟରେ ଢେଙ୍କାନାଳକୁ ଏବଂ ମହିଳା ବର୍ଗରେ କିଟ୍ ୪୮-୧୦ରେ ଖୋର୍ଦ୍ଧାକୁ ହରାଇ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗରେ କରୁଣାକର ବେହେରା ଓ ମହିଳା ବର୍ଗରେ ସାକିନା ଦାଶ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଗୌତମ ସାହୁ ଓ ବିଶ୍ୱଜିତ ଜେନା ଶ୍ରେଷ୍ଠ ରେଡ୍‌ର ଭାବେ ପୁରସ୍କୃତ ହୋଇଛନ୍ତି। ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରାଙ୍କ ସଂଯୋଜନା ଓ ଉପାଧ୍ୟକ୍ଷ ପାର୍ଥବୀର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଟକ ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା, ଭାରତୀୟ କବାଡି ମହାସଂଘ ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ, ରାଜ୍ୟ କବାଡି ସଂଘ ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବି ନାରାୟଣ ମହାପାତ୍ର, ପ୍ରିଲ୍ୟୁଟ ଇଭେଣ୍ଟ ପରିଚାଳକ ସାନୁ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶଥାଉକି, ଓଡ଼ିଶା କବାଡି ସଂଘ, କଟକ ଜିଲ୍ଲା ଆଥଲେଟିକ ଆସୋସିଏଶନ ଏବଂ ବାରବାଟୀ କବାଡି କ୍ଲବ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୩ ଦିନିଆ ଚାମ୍ପିୟନଶିପ୍‌ର ପୁରୁଷ ବର୍ଗରେ ୩୬ଟି ଏବଂ ମହିଳା ବର୍ଗରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ।

# ଅଲିପ୍ସା ଅଧିନାୟିକା

**କଟକ,୧୬।୨(କୁମାରଶ୍ରୀ)**

ମାର୍ଚ୍ଚ ୩ରୁ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏ ନେଇ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହିଳା ଦଳ ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସ୍ୱାଗତିକା ରଥ ଉପସ୍ଥିତ ରହି ଦଳ ଘୋଷଣା କରିଛନ୍ତି। ଘୋଷିତ ୧୮ ଜଣିଆ ରାଜ୍ୟ ଦଳରେ ଅଲିପ୍ସା ବିଶ୍ୱାଳଙ୍କୁ ନେତୃତ୍ୱ ମିଳିଛି। ଅନନ୍ୟା ମିଶ୍ର, ଦିବ୍ୟା ରାଉତରାୟ, ଜିଏମ ଅଲକାନନ୍ଦା, ଜୟସ ନାୟକ, ଜ୍ୟୋତି କୁମାରୀ ପ୍ରସାଦ, ଲେଖା ଲୋୟଲକା, ମେଘନା ପାଢ଼ୀ, ମିତାଲୀ ଶର୍ମା, ପ୍ରାର୍ଥନା ପ୍ରତିଶ୍ରୁତି, ପୂଜାରାଣୀ ଦାସ, ଏସ୍‌ବି ଲରେନ୍ସ, ସାଇ କ୍ରୀପା, ସାରଦା ମହାନନ୍ଦ, ସୋନାଲିସା ସାହୁ, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ସୁଚିସ୍ମିତା ପଣ୍ଡା ଏବଂ ସୁଲଗ୍ନା ନାୟକ ଦଳରେ ସ୍ଥାନ ପାଇଛନ୍ତି। ପୁନେର ଡେକାନ ଜିମଖାନା ଗ୍ରାଉଣ୍ଡରେ ଉତରପ୍ରଦେଶ ବିପକ୍ଷରେ ଓଡ଼ିଶା ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ।

# ଜମ୍ମୁ କଶ୍ମୀରକୁ ଆହୁରି ୧୩୧ ରନ ଆବଶ୍ୟକ

**କଲ୍ୟାଣୀ, ୧୬।୨ (ପି.ଟି.):** ସ୍ଥାନୀୟ ବେଙ୍ଗଲ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଏକ ସେମିଫାଇନାଲ ମ୍ୟାଚରେ ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୩୨୮ ଜବାବରେ ଜମ୍ମୁ କଶ୍ମୀର ସୋମବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୫ଉଇକେଟ ବିନିମୟରେ ୧୯୮ ରନ କରିଛି। ଅବଦୁଲ୍ ସମଦ ୮୨ ଓ ପାରସ ଡୋଗ୍ରା ୫୮ ରନ କରିଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ପାଇଁ ଭ୍ରମଣକାରୀ ଦଳ ଆହୁରି ୧୩୧ ରନ ଆବଶ୍ୟକ କରୁଛି।

## ପ୍ରଥମ ଜନ୍ମଦିନର ଶୁଭେଚ୍ଛା



ସମର୍ଥ ସାହୁ (ମୋନୁ)
ଜାରକା, ଧର୍ମଶାଳା, ଯାଜପୁର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା ।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଶୁଭେଚ୍ଛା ସହ: ଜେଜେ-ଜେଜେମା, ବାପା-ମା, ବଡ଼ବାପା-ବଡ଼ମା, ବନ୍ଧୁ ଓ ପରିବାରବର୍ଗ
ଧ-୩୪୦୨

## ଜନ୍ମଦିନ ଶୁଭେଚ୍ଛା




ଆରାଧ୍ୟା ସାହୁ (ପୁଚୁ)
VIM-519, Sailashree Vihar, BBSR
ଆଜି ତୋର ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ତଥା ଶୁଭକାମନା। ତୋର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ପାପା, ମାମା, ଜେଜେବାପା, ଜେଜେମା, ଦାଦା, ଖୁଡ଼ି, ବଡଅଜା, ବଡଆଈ, ସାନଅଜା, ସାନଆଈ, ମାମୁଁ ମାନେ ଓ ପରିବାରବର୍ଗ।
ଧ-୩୪୦୬

# କାନବେରା ହୋଟେଲ ମାମଲା: ଅଡୁଆରେ ପାକିସ୍ତାନ ହକି ମହାସଂଘ

**କରାଚୀ, ୧୬।୨ (ପି.ଟି.)**

କାନବେରା ହୋଟେଲ ମାମଲାରେ ଏବେ ଅଡୁଆରେ ପଡ଼ିଛି ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)। ଖବର ଅନୁସାରେ ଅଷ୍ଟ୍ରେଲିଆରେ ଜାତୀୟ ଦଳର ରହଣୀ ଖାଦ୍ୟପେୟ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ (ପିଏସ୍‌ବି) ୧୦ନିୟୁତ ଟଙ୍କାରୁ ଊର୍ଦ୍ଧ୍ୱ ପିଏଚ୍‌ଏଫ୍‌କୁ ଦେଇଥିଲେ ମଧ୍ୟ ସିଡ୍‌ନୀ ବିମାନବନ୍ଦରରେ ପାକିସ୍ତାନ ହକି ଦଳକୁ ୧୩ରୁ ୧୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ବିମାନ ଯୋଗେ କାନ୍‌ବେରା ଯିବା ପୂର୍ବରୁ ଖେଳାଳି କିମ୍ବା ଅଫିସିଆଲଙ୍କ ଲାଗି ମହାସଂଘ ତରଫରୁ ରହଣୀ କିମ୍ବା ଖାଦ୍ୟର ବ୍ୟବସ୍ଥା କରାଯାଇ ନ ଥିଲା। ଏକଥା ପଦାକୁ ଆସିବା ପରେ ପିଏଚ୍‌ଏଫ୍ ଓ ପିଏସ୍‌ବି ମଧ୍ୟରେ ଛକାପଞ୍ଝା ଚାଲିଛି। ଏହାର ପ୍ରଭାବ ପାକିସ୍ତାନର ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଅଭିଯାନରେ ପଡ଼ିଛି। ପ୍ରୋ-ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଖେଳିବା ଲାଗି ପାକିସ୍ତାନ ଖେଳାଳି ଏବଂ ସେମାନଙ୍କ ସପୋର୍ଟ ଷ୍ଟାଫ୍‌ଙ୍କୁ ଲାହୋରରୁ ଅଷ୍ଟ୍ରେଲିଆ ରାଜଧାନୀ ପାଖାପାଖି ୨୪ଘଣ୍ଟା ଯାତ୍ରା କରିବାକୁ ପଡ଼ିଥିଲା। ସେମାନଙ୍କୁ ଏକ ୪ତାରକା ହେଟେଲରେ ପହଞ୍ଚିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ସେଠାରେ ପହଞ୍ଚିବା ପରେ ସେମାନଙ୍କ ନାମରେ କୌଣସି ବୁକିଂ ହୋଇ ନ ଥିବା ସେମାନଙ୍କୁ କୁହାଯାଇଥିଲା। କାନବେରାରେ କେତେଜଣ ପ୍ରବାସୀ ପାକିସ୍ତାନୀ ଶସ୍ତାରେ ରହଣୀ ବ୍ୟବସ୍ଥା କରିବା ପୂର୍ବରୁ ଖେଳାଳିମାନଙ୍କୁ ହୋଟେଲ ବାହାରେ ସେମାନଙ୍କ ଜିନିଷପତ୍ର ସହ ଘଣ୍ଟା ଘଣ୍ଟା ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପରଦିନ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚରେ ପାକିସ୍ତାନ ୩-୦ ଗୋଲରେ ପରାଜିତ ହୋଇଥିଲା। ପିଏସ୍‌ବି ତରଫରୁ ବର୍ତ୍ତମାନ ହୋଟେଲ ରହଣୀ ପାଇଁ ଜାନୁଆରୀ ୨୮ରେ ପିଏଚ୍‌ଏଫ୍‌ପାଇଁ ମଞ୍ଜୁର ହୋଇଥିବା ୧୦ ନିୟୁତ ଓ ୫ ଲକ୍ଷ ଟଙ୍କା ଚେକ୍‌ର ଏକ ଫଟୋ କପି ଇସୁ କରାଯାଇଛି। ଏହାଦ୍ୱାରା ପିଏସ୍‌ବି ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଦଳ ପାଇଁ ବିମାନ ଟିକେଟ, ହେଟେଲରେ ରହଣୀ ଏବଂ ଆଗୁଆ ଦୈନିକ ଭତ୍ତା ବାବଦରେ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟୁର୍ନାମେଣ୍ଟ ପାଇଁ ସରକାର ୩୦ ନିୟୁତରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିବା ପିଏସ୍‌ବି ଦର୍ଶାଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆରେ ଖେଳାଳି ଓ ଅଫିସିଆଲମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାହା କୁହାଯାଉଛି ତାହାର ଖଣ୍ଡନ କରିଛି। ଦଳର ମନୋବଳ ଭାଙ୍ଗିବା ପାଇଁ ଏହା ଏକ ହୀନ ପ୍ରୟାସ ବୋଲି କହିଛି।

## Classified Everyday
0674-2580101, 9692975378




### REAL ESTATE
### SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348



### CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190




Newly open Jyoti SPA positively health benefits (Expert therapist). Contact- 8458067955. D-76955

### LOST

By virtue of an affidavit sworn before the Executive Magistrate, Mahakalapada, I, Swarnalata Behera, aged about 56 years, W/o.- Rabindra Behera, Vill.- Gadaromita, P.O.-Gatanai, P.S.- Marshaghai, Dist.- Kendrapada declare that I have lost my original land RSD No. 1756 executed on Dated- 23.06.1997 at Mouza- Gadaromita, SRO, Marshaghai while I was going from home to Tahashil Marshaghai on 02.01.2026. The affidavit will produce before concerned authorities for necessary information & favourable action. D-3401

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before Executive Magistrate, Kujang, 10.01.2026, I, Sri Ananda Das, S/o- Jogeswor Das, At- Jagannath Colony, Madhuban, Paradeep Model, P.S.- Jagatsinghpur, Odisha, my Aadhaar Card No.- XXXX XXXX 5161 name wrongly mention Lalu Das. I have corrected my name Ananda Das to all future purposes. D-3405

By virtue of an affidavit (Dtd. 10.02.2026) before the Executive Magistrate, Bhubaneswar, I have changed my name from Kupuli Santilata Reddy to N.Santilata Reddy in my Aadhaar Card (No.- 825828952647). Henceforth, I shall be known as N.SANTILATA REDDY for all purposes. D-3404

By virtue of affidavit No.- 365 sworn in before the Notary Public, Bargarh, I, Puspanjali Sharma, D/o- Mukesh Sharma, resident of Padhanpali do hereby declare that from now onwards I shall be known as Nimrat Kaur for all purposes. D-3403

### LEGAL NOTICE

ମାନ୍ୟବର ସଭ୍ୟ, ରାଜସ୍ୱ ପାର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ
ଇଜିଲାସ କ୍ୟାମ୍ପ ଅଫିସ୍, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.୨୧୬/୨୦୨୩

ସପ୍ନା ଶର୍ମା, ସ୍ୱା-ବିମଳ ପ୍ରସାଦ ଶର୍ମା, ୪୭ ଏ, ପ୍ରେଷ୍ଟିଜ୍, ଗ୍ରୀନ୍, ପୋଖରିପୁଟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ......... ବାଦୀ

୧୫. ସିତା ବେୱା, ସ୍ୱାମୀ-ଗିରିଧାରୀ ମହାକୁଡ଼, ୧୬. ଅଚ୍ଛୁତି ବେହେରା, ପିତା-ବିର ବେହେରା, ୧୭.ବାଞ୍ଛା ବେହେରା, ପିତା-ବିର ବେହେରା, ୧୮. ନଟ ବେହେରା, ପିତା-ଦାସ ବେହେରା, ୧୯. ଭୋବାନୀ ବେହେରା, ପିତା-ବୃନ୍ଦାବନ ବେହେରା, ୨୦. ଉଚ୍ଛବ ବେହେରା, ପିତା-ମଣି ବେହେରା, ୨୧. ଧ୍ରୁବ ବେହେରା, ପିତା-ଗୋପି ବେହେରା, ୨୨. ଅଇଣ୍ଠା ଦେଈ, ସ୍ୱାମୀ-କୁବେରା ବେହେରା କ୍ର.ନଂ.୧୫ଠାରୁ ୨୨ଙ୍କ ସା-ପଥରଗାଡ଼ିଆ, ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୨୩.ସୁରେନ୍ଦ୍ର ନାଥ ମଲ୍ଲିକ, ପିତା-ଦୈତାରୀ ମଲ୍ଲିକ, ସା-ମେହେନ୍ଦିପୁର, ଥାନା-କିଶାନନଗର, ଜିଲ୍ଲା-କଟକ ..........ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମିକୁ ରେଜେଷ୍ଟ୍ରି ଦଲିଲ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପରିଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନ୍, ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେସ୍ ଦାୟର କରିଅଛନ୍ତି । ଏହି ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ବିଭିନ୍ନ କାରଣ ଯୋଗୁ ଫେରସ୍ତ ଆସିଥିବାରୁ ଆପଣମାନଙ୍କ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପାର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ, (ୟୁନିଟ୍-୫, କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱରେ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା.୦୫.୦୩.୨୦୨୬ରିଖ (ଗୁରୁବାର) ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲଯୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ଜମିର ବିବରଣୀ**

ମୌଜା- ପଥରଗାଡ଼ିଆ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

| ସାବିକ ଖାତା ନଂ. | ସାବିକ ପ୍ଲଟ ନଂ. | ଦାବି ରକବା | ହାଲ ଖାତା ନଂ. | ହାଲ ପ୍ଲଟ ନଂ. |
|---|---|---|---|---|
| ୨୨୦ | ୧୩୯୩/୨୪୬୯ | ଏ.୦.୫୦ | ୧୧୩୬ | ୬୩୨୨ |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବୀର କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ,
ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁସଚିବ (ବିଚାର)
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
D-3407

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଉତ୍ତରାଖଣ୍ଡ ବିପକ୍ଷରେ କର୍ଣ୍ଣାଟକ ୬୮୯/୬



ଦ୍ୱିଶତକ ହାସଲ ପରେ ଦେବଦତ୍ତ ପଡିକାଲ।

**ରଣ୍‌ଜୀ ଟ୍ରଫି ସେମିଫାଇନାଲ**

**ଲକ୍ଷ୍ନୌ, ୧୬।୨ (ପି.ଟି.)**

ଉତ୍ତରାଖଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି ସେମିଫାଇନାଲରେ ବିଶାଳ ସ୍କୋର ଛିଡ଼ା କରିବାକୁ ଯାଉଛି କର୍ଣ୍ଣାଟକ। ପୂର୍ବଦିନର ଅସମାପ୍ତ ସ୍କୋର ୩୫୫/୨ରୁ ଖେଳ ଆରମ୍ଭ କରିଥିବା ଏହି ଦଳ ଅଧିନାୟକ ଦେବଦତ୍ତ ପଡ଼ିକଲଙ୍କ ପ୍ରଥମଶ୍ରେଣୀ ଦ୍ୱିଶତକ ଏବଂ ରବିଚନ୍ଦ୍ରନ ସ୍ମରଣଙ୍କ ଶତକ ସହାୟତାରେ ସୋମବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୬୮୯ ରନ କରିଛି। ପଡ଼ିକଲ ତାଙ୍କ ଇନିଂସରେ ୩୩୦ ବଲ୍‌ର ସାମ୍ନା କରି ୨୯ ଚୌକା ଓ ୩ ଛକା ସହ ୧୩୨ ରନ କରିଥିଲେ। ଅନ୍ୟପକ୍ଷରେ ରବିଚନ୍ଦ୍ରନ ୧୯୧ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ସହ ୧୨୧ ରନ ଏବଂ ତାଙ୍କ ସହିତ ବିଦ୍ୟାଧର ପାଟିଲ ୩୫ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଦିବସ ଖେଳ ଆରମ୍ଭରେ ପଡ଼ିକଲ ଓ କରୁଣ ନାୟର (୧୦୫ ବଲ୍‌ରୁ ୬୦ରନ) ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୨୯ରନ ଯୋଗ କରିଥିଲେ। ପଡିକଲ ୨୮୮ ବଲ୍‌ରେ ତାଙ୍କର ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ତେବେ ସ୍ମରଣଙ୍କ ସହ ୫୯ରନ ଯୋଗ କରିବା ପରେ ସେ ଲକ୍ଷ୍ୟ ରାଇଚନ୍ଦାନୀଙ୍କ ବଲ୍‌ରେ ଉଇକେଟକିପର ରାଓ୍ୱତଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଯାଇଥିଲେ। ଅଧିନାୟକଙ୍କ ଉଇକେଟ ପତନ ପରେ ସ୍ମରଣଙ୍କ ଉପଯୋଗୀ ପାର୍ଟନର ଭାବେ ଉଭା ହୋଇଥିଲେ ଉଇକେଟକିପର କୃତୀକ୍ କ୍ରିଷ୍ଣା। ତାଙ୍କ ସହିତ ଏହି ୨୨ ବର୍ଷୀୟ ବିସ୍ଫୋରକ ବ୍ୟାଟର ୬ଷ୍ଠ ଉଇକେଟରେ ୧୨୩ ରନ ଯୋଗ କରି ଉତ୍ତରାଖଣ୍ଡକୁ ପୁଣି ହତାଶ କରିଥିଲେ। ଏହି ମ୍ୟାଚରେ କ୍ରିଷ୍ଣା ୧୦୩ ବ୍‌ଲରୁ ୧ ଛକା ଓ ୬ ଚୌକା ସହ ୬୦ରନ କରିଥିଲେ। ଅଫ୍-ସ୍ପିନର ଅଭିନିଶ ସୁଧା କ୍ରିଷ୍ଣାଙ୍କୁ ବୋଲ୍ଡ କରି ଏହି ପାର୍ଟନରଶିପ୍‌କୁ ଭାଙ୍ଗି ଦେଇଥିଲେ। ତଥାପି ଉତ୍ତରାଖଣ୍ଡର ଯନ୍ତ୍ରଣା ଶେଷ ହୋଇ ନ ଥିଲା। ପରେ ବ୍ୟାଟିଂ କରିବାକୁ ଆସିଥିବା ସିମ୍ ବୋଲର ବିଦ୍ୟାଧର ପାଟିଲ ( ୩୫*) ସ୍ମରଣଙ୍କ ସହ ୭ମ ଉଇକେଟରେ ୮୧ରନର ଅପରାଜିତ ଭାଗୀଦାରି କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

କର୍ଣ୍ଣାଟକ ପ୍ରଥମ ଇନିଂସ: ୬୮୯/୬ (ଦେବଦତ୍ତ ପଡ଼ିକଲ-୨୩୨, କେ.ଏଲ ରାହୁଲ-୧୪୧, ସ୍ମରଣ ରବିଚନ୍ଦ୍ରନ-୧୨୧*, କୃତୀକ କ୍ରିଷ୍ଣା-୬୦; ଆଦିତ୍ୟ ରାଓ୍ୱତ-୩/୧୩୨)।

# ନୀରବ ଭଲପାଇବା

ଦାମ୍ପତ୍ୟରେ ସନ୍ତାନ ଆସିବା ପରେ ବଦଳିଯାଏ ପ୍ରେମର ପରିଭାଷା। ଖୋଲାଖୋଲି ରୋମାନ୍ସରେ ଲାଗେ ବ୍ରେକ୍। କେବେ ଆଖିରେ ତ କେବେ ଇସାରାରେ, ଏମିତି ଚୁପ୍‌ଚାପ୍ ନିଜ ଭିତରେ ମଗ୍ନ ରହିବାକୁ ହୁଏ। ସମ୍ପର୍କ ମଜଭୁତ କରିବାକୁ ସେମାନେ ଆପଣେଇ ନିଅନ୍ତି ନୀରବ ଭଲପାଇବାକୁ...



କେବେ କେବେ ଘର ଲୋକଙ୍କ ଭିଡ଼ରେ ତ ଆଉ କେବେ ପିଲାଙ୍କ ଲାଳନପାଳନ ଭିତରେ ପତ୍ନୀପତିଙ୍କୁ ପରସ୍ପର ପାଇଁ ସମୟ ମିଳେନାହିଁ। ପରସ୍ପର ସହ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇ ହୁଏନି କି ମନଖୋଲା କଥାବାର୍ତ୍ତା କରିହୁଏନି। ଏମିତି ଧୀରେ ଧୀରେ ସେମାନଙ୍କ ମଧ୍ୟରେ ଦୂରତା ବଢ଼ିଚାଲେ। ହେଲେ ଏଭଳି ପରିସ୍ଥିତିରେ ସମ୍ପର୍କକୁ ଅଧିକ ମଜଭୁତ କରିବାକୁ ହେଲେ ଦରକାର ସାଇଲେଣ୍ଟ ରୋମାନ୍ସ ନୀରବ ଭଲପାଇବା। ଏମିତି ହେଲେ ପରିବାରରେ ସମସ୍ତଙ୍କ ସହ ସମ୍ପର୍କ ଭଲ ରହେ ଓ ଠିକ୍ ଭାବରେ ପିଲାଙ୍କ ଲାଳନପାଳନ ସହ ପତ୍ନୀପତିଙ୍କ ମଧ୍ୟରେ ପ୍ରେମ ବି ପୂର୍ବ ପରି ରହିଥାଏ। ତେଣୁ ପିତାମାତା ହେବା ପରେ କପଲମାନଙ୍କ କ୍ଷେତ୍ରରେ ସାଇଲେଣ୍ଟ ରୋମାନ୍ସ ନିହାତି ଜରୁରୀ କହିଲେ ଭୁଲ୍ ହେବ ନାହିଁ।



**ସୀମା ଭିତରେ:** ମାତାପିତା ହେବା ପରେ କପଲମାନେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କକୁ ଏକ ନିର୍ଦ୍ଦିଷ୍ଟ ଶାଳୀନତା ଭିତରେ ରଖିବାକୁ ଚେଷ୍ଟା କରନ୍ତି। ତେଣୁ ପରସ୍ପର ମଧ୍ୟରେ ଥିବା ପ୍ରେମ ପରିପ୍ରକାଶ କରିବାର ସୁଯୋଗ କମ୍ ପାଆନ୍ତି। ସବୁ ସମ୍ପର୍କର ସୀମା ଭିତରେ ଏକ ଶାଳୀନତାର ପରିସୀମା ଭିତରେ ସେମାନେ ରୋମାନ୍ସର ବିଭିନ୍ନ ମାଧ୍ୟମକୁ ଆପଣେଇ ପାରିବେ। ଅର୍ଥାତ୍ ପାଟି ନ ଖୋଲି ପାଖରେ ଥିବା କାହାକୁ କିଛି ନ ଜଣାଇ ପରସ୍ପର ମଧ୍ୟରେ ପ୍ରେମଭାବ ଆଦାନ ପ୍ରଦାନ କରିହେବ। ଏଥିପାଇଁ କେବେ ପରସ୍ପରକୁ ଚାହିଁ ମୁରୁକି ହସ ତ କେବେ ପୁଣି ଆଖିରେ ଇସାରା ବି ଯଥେଷ୍ଟ।

**କାହିଁକି ଜରୁରୀ:** ଚୁପ୍ ରହି ବି ପରସ୍ପର ମଧ୍ୟରେ ପ୍ରେମ ଭାବକୁ ମଜଭୁତ କରିବା ନିମନ୍ତେ ଏଭଳି ଭଲପାଇବା ଜରୁରୀ। ପରସ୍ପର ମଧ୍ୟରେ ଭାବନାତ୍ମକ ବନ୍ଧନରେ ଯୋଡ଼ି ହୋଇ ରହିବା, ପରସ୍ପରକୁ ବୁଝିବା ସହ ବିଭିନ୍ନ ପ୍ରକାର ଚିନ୍ତା ଓ ଅବସାଦରୁ ଦୂରେଇ ରହିବାରେ ଏହା ସାହାଯ୍ୟ କରିଥାଏ। କପଲମାନଙ୍କ ଭିତରେ ବୁଝାମଣା ରକ୍ଷାକରେ। ବେଳେବେଳେ କଥାବାର୍ତ୍ତା ବିନା ଏହା ପରସ୍ପରର ବିଭିନ୍ନ ଆବଶ୍ୟକତା ପୂରାକରେ। ବୁଝାମଣା ରହିବା ଫଳରେ ମତଭେଦ ହୋଇ ନ ଥାଏ।

ପ୍ରତିଦିନର ବ୍ୟସ୍ତବହୁଳ କର୍ମମୟ ଜଞ୍ଜାଳ ଭିତରେ ଏଭଳି ରୋମାନ୍ସ ଅନ୍ତରଙ୍ଗତା ବଢ଼ାଇଥାଏ ଓ ସମ୍ପର୍କରେ ଏକ ମାଧୁର୍ଯ୍ୟ ପୂର୍ବପରି ରହିଥାଏ।

**ଘରେ ସବୁ ସମ୍ପର୍କକୁ ସମ୍ମାନ:** ସନ୍ତାନ ହେବା ପରେ ଅଧିକ ଦାୟିତ୍ୱ ସହ ଘର, ପରିବାର ଓ ଅଫିସ କାମ ଭିତରେ ପରସ୍ପରକୁ ଅଧିକ ସମୟ ଦେଇପାରନ୍ତି ନାହିଁ ପତ୍ନୀପତି। ଘରେ ସବୁ ସମ୍ପର୍କକୁ ସମ୍ମାନ ଦେଇ ନିଜ ଭିତରେ ମଧୁରତା ବଜାୟ ରଖିବାକୁ ହେଲେ ସାଇଲେଣ୍ଟ ରୋମାନ୍ସ ଦରକାର ହୁଏ। ଏଇ ମାଧ୍ୟମରେ ପରିବାରରେ ସମ୍ପର୍କର ଡୋରକୁ ମଜଭୁତ କରିହେବ। ତେବେ କପଲମାନଙ୍କ ଭିତରେ ବି ଏହା ଏକ ଫ୍ରେଶ୍ ଅନୁଭବ ଦେବ ଓ ମାନସିକ ଚାପକୁ କମ୍ କରିବ। ଏହା ଫଳରେ ଯେକୌଣସି କାମକୁ ବେଶ୍ ଉତ୍ସାହର ସହ କରିହେବ।

**କ'ଣ କରିବେ**

– ପରସ୍ପର ପାଇଁ ସମୟ ବାହାର କରନ୍ତୁ।



## ଏମାନେ କ'ଣ କରନ୍ତି

### ସମ୍ପର୍କ ମଜଭୁତ ହୋଇଛି



ଆମର ପୁଅ ହେବା ପରେ ଆମ ଭିତରେ ସମ୍ପର୍କରେ କିଛି ପ୍ରଭାବ ପଡ଼ିନାହିଁ। ପରସ୍ପର ଭିତରେ କେବେ ଭଲପାଇବା କମ୍ ହୋଇନାହିଁ। କାହିଁକିନା ଭାରତୀୟ ମର୍ଯ୍ୟାଦା ଭିତରେ ରହି ଆମ ଭିତରେ ସାଇଲେଣ୍ଟ ରୋମାନ୍ସ ବି ରହିଛି। ଏସବୁ ଆହୁରି ଅଧିକ ରୋମାଣ୍ଟିକ୍ ଲାଗିଥାଏ। ତେଣୁ ଆମ ଭିତରେ ସମ୍ପର୍କ ଆହୁରି ଅଧିକ ମଜଭୁତ ହୋଇପାରିଛି। ଭାରତୀୟ ପରମ୍ପରାରେ ସବୁ ଦମ୍ପତିଙ୍କ ଭିତରେ ଏଭଳି ଭଲପାଇବା ରହିବା ନିହାତି ଜରୁରୀ।

– ***ସ୍ମିତାଶ୍ରୀ ସିଂ ସୁନ୍ଦରାୟ,*** *ଗୃହିଣୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

### ସମ୍ପର୍କରେ ବୁଝାମଣା ରହିଛି

ପରସ୍ପର ଭିତରେ ବୁଝାମଣା ରହିଲେ ସମ୍ପର୍କ ଭଲ ରହିବ। ସେଥିପାଇଁ ନିଜ ପାଇଁ ସମୟ ବାହାର କରିଥାଉ। ସପ୍ତାହକୁ ଥରେ ଦୁଇଜଣ ମିଶି ବାହାରକୁ ବୁଲିବାକୁ ଯାଉ। ଯଦି ସମୟ ନ ମିଳେ ତେବେ ଘରର ମାର୍କେଟିଂ ଓ ଅନ୍ୟ କାମ ସବୁ ଏକାଠି କରୁ। ଏମିତି ଭାବରେ ଆମେ ପରସ୍ପର ସହ କିଛି ସମୟ କଥାବାର୍ତ୍ତା ହେବାର ସୁଯୋଗ ପାଉ। ସେଇ ସମୟରେ ଆମେ ନିଜ ବିଷୟରେ ଏକାନ୍ତରେ କଥାବାର୍ତ୍ତା ହେବାର ସୁଯୋଗ ପାଇଥାଉ। ତା' ଛଡ଼ା ଅନ୍ୟ ସମୟରେ ଘରଲୋକ ଓ ପିଲାଙ୍କ ସହ ମୁଁ ବେଶ୍ ଖୁସିରେ ସମୟ କଟାଇଦିଏ। ଏପରି ହେବା ଫଳରେ ସମସ୍ତଙ୍କ ସହ ମୁଁ ସମୟକୁ ଖୁବ୍ ଏଞ୍ଜୟ କରେ। ସେଥିପାଇଁ ମୋର ପରିବାରର ସମସ୍ତଙ୍କ ସହିତ ଓ ସ୍ୱାମୀ ତଥା ପିଲାମାନଙ୍କ ସହ ସମ୍ପର୍କରେ ଗୋଟେ ସୁନ୍ଦର ସମନ୍ୱୟ ରହିପାରିଛି।



– **ଶୈଳବାଳା ଲେଙ୍କା,** ଗୃହିଣୀ, ନିଆଳି, କଟକ





– କେଉଁ ସମୟରେ ଉଭୟେ ପରସ୍ପରକୁ ଏକାନ୍ତ ସମୟ ଦେଇପାରିବେ ସେ ନେଇ ପ୍ରସ୍ତୁତି କରନ୍ତୁ।

– ପିଲାମାନେ ଯଦି ପରିବାରର ଅନ୍ୟ କାହା ପାଖରେ ଅଛନ୍ତି ତେବେ ସେ ସମୟରେ ପ୍ରାଇଭେଟ୍ ଟାଇମ୍ ପ୍ଲାନ୍ କରନ୍ତୁ।

– ପିଲାଙ୍କୁ ଯେମିତି ପ୍ରେମର ସ୍ପର୍ଶ ଦେଉଛନ୍ତି ସାଥୀଙ୍କୁ ବି ସେପରି ବ୍ୟବହାର କରନ୍ତୁ। ଫଳରେ ପିଲାମାନଙ୍କ ଆଗରେ ଆପଣ ଏକ ସୁନ୍ଦର ବାତାବରଣ ଭିତରେ ରହିପାରିବେ। ଲଭ୍ ନୋଟ୍, ଇସାରା ଏସବୁ ଛୋଟ କଥା ହେଲେ ବି ସମ୍ପର୍କ ଉପରେ ମଧ୍ୟ ବେଶ୍ ପ୍ରଭାବ ପଡ଼ିଥାଏ, ଏକଥା ଭୁଲନ୍ତୁ ନାହିଁ।

# ଶୀତବସ୍ତ୍ର ସଫା କରୁଥିଲେ...

ୱାଶିଂ ମେଶିନରେ ସ୍ୱେଟର, ଜ୍ୟାକେଟ୍ ଓ ଅନ୍ୟ ଶୀତବସ୍ତ୍ର ଆଦି ଧୋଇବା ସମୟରେ କେଉଁ ସବୁ ଦିଗକୁ ଧ୍ୟାନଦେବାକୁ ହେବ ଜାଣନ୍ତୁ...



- ମେଶିନରେ ସ୍ୱେଟର ଓ ଜ୍ୟାକେଟ୍ ଆଦି ଧୋଉଥିଲେ ସେସବୁକୁ ପ୍ରଥମେ ଓଲଟା କରି ଦିଅନ୍ତୁ। ଫଳରେ ଅନ୍ୟ କପଡ଼ା ସହ ଏହା ମିଶିଯିବ ନାହିଁ। ଏହା ସହିତ ସେଥିରେ ଯଦି ବଟମ୍ କିମ୍ବା ଜିପ୍ ଥାଏ ତେବେ ତାକୁ ବନ୍ଦ କରିଦିଅନ୍ତୁ। ଏହା ଫଳରେ କପଡ଼ା ଭଲଭାବେ ସଫାହେବା ସହ ଖରାପ ହେବ ନାହିଁ।
- କଳା କିମ୍ବା ଧଳା ରଙ୍ଗର ପୋଷାକ ସହ ସ୍ୱେଟରକୁ ଏକାଠି ସଫା କରନ୍ତୁ ନାହିଁ।
- ଉଲ୍ କପଡ଼ା ଧୋଉଥିଲେ ମେଶିନରେ ଥଣ୍ଡା ପାଣି ବ୍ୟବହାର କରନ୍ତୁ। ଗରମ ପାଣିରେ ଉଲ୍ ପୋଷାକ ଢିଲା ହୋଇଯାଏ। ତେଣୁ ପାଣିର ମୋଡ୍ ଠିକ୍ ଚୟନ କରନ୍ତୁ।
- ଉଲ୍ କପଡ଼ା ଧୋଇବା ପାଇଁ ଲିକ୍ୱିଡ୍ ଡିଟରଜେଣ୍ଟର ବ୍ୟବହାର କରନ୍ତୁ। ପୋଷାକର ରଙ୍ଗ ଖରାପ ହେବ ନାହିଁ।
- ଉଲ୍ ପୋଷାକ ସବୁକୁ ଅଲଗାକରି ମେଶିନରେ ଧୋଇଲେ ଭଲ। କାରଣ ୱାଶିଂ ମେଶିନରେ ଉଲେନ୍ ମୋଡ୍ ରହିଛି। ଯଦି ଉଲେନ୍ ମୋଡ୍ ନ ଥାଏ ତେବେ କିଛି ହାଲ୍କା ମୋଡ୍ ବ୍ୟବହାର କରନ୍ତୁ। କାରଣ ଏହିସବୁ କପଡ଼ା ଶୀଘ୍ର ସଫା ହୋଇଯାଏ ଓ ରଙ୍ଗ ଖରାପ ହୁଏ ନାହିଁ।

# ମାଇଗ୍ରେନ୍‌ର ଘରୋଇ ଉପଚାର



- ମାଇଗ୍ରେନ୍ ଭଲ କରିବା ପାଇଁ ଯୋଗ ଓ ମେଡିଟେଶନ କରନ୍ତୁ। ଏହା ବ୍ୟତୀତ ଜୋରରେ ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତୁ। ଏଭଳି ଭାବରେ ମନକୁ ଶାନ୍ତ କରିହେବ। ନିୟମିତ ଅଭ୍ୟାସ କଲେ ମାଇଗ୍ରେନ୍ ମଧ୍ୟ ଭଲ ହୋଇଯିବ।
- ଦିନକୁ ଅତିକମ୍‌ରେ ୭–୮ ଘଣ୍ଟା ଶୁଅନ୍ତୁ। ମନକୁ ଶାନ୍ତ ଓ ଚିନ୍ତାମୁକ୍ତ କରିବାରେ ଏହା ସାହାଯ୍ୟ କରିଥାଏ।
- ପ୍ରଚୁରମାତ୍ରାରେ ପାଣି ପିଅନ୍ତୁ। ଶରୀର ଡିହାଇଡ୍ରେଟ୍ ହେଲେ ମାଇଗ୍ରେନ୍ ସମସ୍ୟା ଦେଖାଦେବା ଆଶଙ୍କା ରହିଥାଏ।
- ଲହୁଣି, ପ୍ରୋସେସ୍‌ଡ ଫୁଡ୍, ରେଡ୍ ୱାଇନ୍ ଓ ପ୍ରିଜରଭେଟିଭ୍ ଫୁଡ୍ ଖାଆନ୍ତୁ ନାହିଁ।
- ଋତୁ ଅନୁସାରେ ଫଳ ଓ ପନିପରିବା ଅଧିକ ଖାଆନ୍ତୁ। ଉପଯୁକ୍ତ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହେ। ବାତ, ପିତ ଓ କଫ ଭଳି ତ୍ରିଦୋଷ ମଧ୍ୟ କମ୍ ହୋଇଥାଏ। ଫଳରେ ମାଇଗ୍ରେନ୍ ସମସ୍ୟା ହୋଇ ନ ଥାଏ।
- ବ୍ରାହ୍ମୀ, ଅଶ୍ୱଗନ୍ଧା, ଅଦା, ତୁଳସୀ, ଦେଶୀଘିଅ, ବାଦାମ ଆଦି ଖାଦ୍ୟରେ ସାମିଲ କରନ୍ତୁ। ଏହା ମଧ୍ୟ ମାଇଗ୍ରେନ୍‌କୁ ଭଲ କରିବାରେ କେତେକାଂଶରେ ସହାୟକ ହୋଇଥାଏ।
- ଆୟୁର୍ବେଦର ପଞ୍ଚକର୍ମ ଥେରାପୀ ଆପଣାନ୍ତୁ। ଏହି ମାଧ୍ୟମରେ ଶରୀରରେ ଥିବା ଟକ୍ସିକ୍ ସବୁ ବାହାରି ଯାଇଥାଏ।



# ଫୁଲକୋବି ପତ୍ରପୋଡ଼ା

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ–** ଫୁଲକୋବି– ୧ଟି, କଦଳୀପତ୍ର– ୨ ଖଣ୍ଡ, ସୋରିଷ– ୨ ବଡ଼ ଚାମଚ, ପୋସ୍ତ– ୧ ଚାମଚ, ଅଦା– ୨ ଖଣ୍ଡ, ରସୁଣ– ୭ରୁ ୮ କୋଳା, ନଡ଼ିଆ କୋରା– ୨ ଚାମଚ, କାଜୁ– ୫ଟି, ଶୁଖିଲା ଲଙ୍କା– ୨ଟି, ଟମାଟୋ– ୧ଟି, ସୋରିଷ ତେଲ, ଲୁଣ ଓ ହଳଦୀ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଏକ ଫୁଲକୋବିକୁ ବଡ଼ ବଡ଼ ଖଣ୍ଡରେ କାଟି ଦିଅନ୍ତୁ। ଏହାପରେ ପାତ୍ରରେ ପାଣି ଫୁଟାଇ ସେଥିରେ କିଛି ଲୁଣ ମିଶାଇ ଫୁଲକୋବିକୁ ପକାନ୍ତୁ। ୨ ରୁ ୩ ମିନିଟ୍ ଫୁଟିବା ପରେ କୋବି ଦରସିଝା ହୋଇଯିବ। ଏହା ପରେ କୋବିକୁ ପାଣିରୁ ବାହାର କରିଦିଅନ୍ତୁ। ମସଲା ପାଇଁ ଥିବା ସୋରିଷ, ପୋସ୍ତ, ଅଦା, ରସୁଣ, କାଜୁ, ଲଙ୍କା ଓ ନଡ଼ିଆ କୋରାକୁ ଭଲଭାବେ ବାଟି ରଖନ୍ତୁ। ମସଲାକୁ ବହଳିଆକରି ବାଟନ୍ତୁ। ଏଥିରେ ଏବେ କିଛି ହଳଦୀ ଗୁଣ୍ଡ କଶ୍ମୀରୀ ଲଙ୍କାଗୁଣ୍ଡ, ଆବଶ୍ୟକ ଅନୁସାରେ ଲୁଣ ଓ ଅଧା ଚାମଚ ଚିନି ମିଶାନ୍ତୁ। ଏବେ ଏଥିରେ ଟମାଟୋକୁ ଛୋଟ ଛୋଟ କାଟି ପକାନ୍ତୁ। ଶେଷରେ ସୋରିଷ ତେଲ ୧ ଚାମଚ ପକାନ୍ତୁ।

କଦଳୀପତ୍ରକୁ ଧୋଇ ଛୋଟ ଛୋଟ କରି ରଖନ୍ତୁ। ଏହାକୁ ଚୁଲିରେ ଟିକେ ଦେଖାଇ ନରମ କରିଦିଅନ୍ତୁ। ଅନ୍ୟପଟେ ଅଧା ସିଝା ହୋଇଥିବା କୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏହାକୁ ମସଲାରେ ଗୋଳାଇ ନିଅନ୍ତୁ। ଏବେ ଏହାକୁ କଦଳୀପତ୍ର ଉପରେ ରଖନ୍ତୁ। ଦୁଇଟି କଞ୍ଚା ଲଙ୍କାକୁ ଦୁଇଫାଳ କରି ରଖନ୍ତୁ। ଏବେ ପତ୍ରକୁ ଭଲଭାବେ ବାନ୍ଧି ଦିଅନ୍ତୁ।

କଡ଼େଇରେ ସୋରିଷତେଲ ଗରମକରି ପତ୍ରପୋଡ଼ାକୁ ରଖି ଘୋଡ଼ାଇ ଦିଅନ୍ତୁ। କମ୍ ଆଞ୍ଚରେ ଏହାକୁ ଓଲଟପାଲଟ କରନ୍ତୁ। ପ୍ରାୟ ଅଧଘଣ୍ଟା ପରେ ଏହା ହୋଇଯିବ। ଏବେ ଏହାକୁ ତଳକୁ ଆଣି ପତ୍ର ବାହାରକରି ଖାଆନ୍ତୁ। ବହୁତ ସ୍ୱାଦିଷ୍ଟ ଲାଗିବ। ଏହାକୁ ଭାତ କିମ୍ବା ରୁଟି ସହ ଖାଇପାରିବେ।



ସୌନ୍ଦର୍ଯ୍ୟ

# କେଶ ପାଇଁ ଭୃସଙ୍ଗପତ୍ର

କେଶକୁ ଅଧିକ ଘନ ଲମ୍ବା ଓ ସୁନ୍ଦର କରିବା ପାଇଁ ଭୃସୁଙ୍ଗପତ୍ରର ବ୍ୟବହାର କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...



**ଭୃସଙ୍ଗପତ୍ର ଓ ଦହି:** ଦହି ସହ କିଛି ଭୃସଙ୍ଗପତ୍ର ମିଶାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହାକୁ କେଶ ମୂଳରେ ଭଲଭାବରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଏହାପରେ ଭଲଭାବେ ଶାମ୍ପୁ କରି ଦିଅନ୍ତୁ।


**ନଡ଼ିଆତେଲ ଓ ଭୃସଙ୍ଗପତ୍ର :** ନଡ଼ିଆତେଲ କେଶ ନିମନ୍ତେ ବହୁତ ଭଲ। ଏହା କେଶକୁ ପୋଷଣ ଦେଇଥାଏ। ତେଣୁ ନଡ଼ିଆ ତେଲରେ ଭୃସଙ୍ଗପତ୍ର ମିଶାଇ ୫ ରୁ ୭ ମିନିଟ୍ ଗରମ କରନ୍ତୁ। ଏହାପରେ ତେଲକୁ ଥଣ୍ଡାକରି ଛାଣିଦିଅନ୍ତୁ। ଏହାକୁ କେଶମୂଳରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖନ୍ତୁ। ଏହାପରେ ଶାମ୍ପୁ କରିଦିଅନ୍ତୁ।

**ଭୃସଙ୍ଗପତ୍ର ଗୁଣ୍ଡ:** କେଶ ମୂଳରେ ଭୃସଙ୍ଗପତ୍ର କୁ ବାଟି ଲଗାନ୍ତୁ। ପ୍ରାୟ ଅଧଘଣ୍ଟା ରଖିବା ପରେ କେଶ ଧୋଇଦିଅନ୍ତୁ। ଏପରି କରିବା ଫଳରେ କେଶ ମଜଭୁତ ହେବା ସହ ସୁନ୍ଦର କରିଥାଏ। ଏହି ପତ୍ରକୁ ଚାହିଁଲେ ଆପଣ ଶୁଖାଇ ଗୁଣ୍ଡକରି ରଖିପାରିବେ। ଏହି ଗୁଣ୍ଡକୁ ପାଣିରେ ଗୋଳାଇ ଲଗାଇପାରିବେ।

**ଅଁଳା:** ଭୃସଙ୍ଗପତ୍ର ଓ ଅଁଳାକୁ ଗ୍ରାଇଣ୍ଡିଂକରି କେଶମୂଳରେ ଲଗାନ୍ତୁ। ୨ଘଣ୍ଟା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏଭଳି ହେୟାର ମାସ୍କ ଲଗାଇଲେ କେଶ ମଜଭୁତ ହେବା ସହ କୋମଳ ଓ ସୁନ୍ଦର ହୋଇଯିବ।

**ମେଥି:** ଅଧାକପ୍ ମେଥି, ଅଧାକପ୍ ଭୃସଙ୍ଗପତ୍ର ଓ ୩–୪ଟି ଅଁଳାକୁ ଏକାଠି ଗ୍ରାଇଣ୍ଡିଂ କରି କେଶମୂଳରେ ଲଗାନ୍ତୁ। ପ୍ରାୟ ୧ ଘଣ୍ଟା ଏହି ହେୟାର ମାସ୍କକୁ ରଖିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇଲେ କେଶ ଅଧିକ ଘନ ଓ କୋମଳ ହେବ।






# ଟି୨୦ ବିଶ୍ୱକପ: ସୁପର-୮ରେ ଇଂଲଣ୍ଡ

**କୋଲକାତା, ୧୬।୨**

ଇଂଲଣ୍ଡ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସୁପର-୮ରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨୪ ରନରେ ଇଟାଲିକୁ ପରାସ୍ତ କରିଛି। ୱିଲ ଜ୍ୟାକ୍ସଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଇଟାଲି ୧୮ ଓଭର ପର୍ଯ୍ୟନ୍ତ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶେଷ ଦୁଇ ଓଭରରେ ଖରାପ ପ୍ରଦର୍ଶନକରି ୨୦ ଓଭରରେ ୧୭୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଇଂଲଣ୍ଡ ଇନିଂସ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ୱିଲ ଜ୍ୟାକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ସହ ଗ୍ରୁପ୍ 'ସି'ରୁ ୱେଷ୍ଟଇଣ୍ଡିଜ ପରେ ଦ୍ୱିତୀୟ ଦଳଭାବେ ଇଂଲଣ୍ଡ ସୁପର-୮ ଖେଳିବା ନିଶ୍ଚିତ କରିଛି। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ଉତ୍ସାହଜନକ ପ୍ରଦର୍ଶନ କରିଥିବା ଇଟାଲି ଗ୍ରୁପ୍ ପର୍ଯ୍ୟାୟରୁ ଏଲିମିନେଟ ହୋଇଯାଇଛି। ଇଂଲଣ୍ଡ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଥିବାବେଳେ ଇଟାଲି ୩ ମ୍ୟାଚରୁ ୨ ପଏଣ୍ଟରେ ସ୍ଥିର ରହିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ କୌଣସି ଉଇକେଟରେ ବଡ଼ ପାର୍ଟନରଶିପ୍ ଗଢ଼ିପାରି ନ ଥିଲେ ମଧ୍ୟ ଅଧିକାଂଶ ବ୍ୟାଟରଙ୍କ ଉପଯୋଗୀ ଅବଦାନକୁ ନେଇ ୨୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ ସକ୍ଷମ ହୋଇଥିଲା। ୭ ନମ୍ବର ବ୍ୟାଟର ଜ୍ୟାକ୍ସ ବିସ୍ଫୋରକ ବ୍ୟାଟିଂକରି ଦଳ ପକ୍ଷରୁ ସର୍ବାଧିକ ୫୩ (୨୨ ବଲ, ୩ ଚୌକା, ୪ ଛକା) ରନ କରିଥିଲେ। ଫିଲିପ୍ ସଲ୍ଟ ୨୮, ଜ୍ୟାକବ ବେଥେଲ ୨୩, ଟମ୍ ବାଣ୍ଟନ ୩୦, ସାମ୍ କୁରାନ ୨୫ ଓ ଜେମି ଓଭର୍ଟନ ୧୫ ରନ କରିଥିଲେ। ଜ୍ୟାକ୍ସ ଓ କୁରାନଙ୍କ ୬ଷ୍ଠ ଉଇକେଟ ଯୋଡ଼ିରେ ସର୍ବାଧିକ ୫୩ ରନ ସଂଗୃହୀତ ହୋଇଥିଲା। ଇଟାଲି ପକ୍ଷରୁ ଗ୍ରାଣ୍ଟ ଷ୍ଟିୱାର୍ଟ ଓ କ୍ରିଶନ କାଲୁଗାମାଗେ ୨ଟି ଲେଖାଏ ଏବଂ ଜେ.ଜେ. ସ୍ମୁଟ୍ସ, ଅଲୀ ହାସନ ଓ ବେନ୍ ମାନେଣ୍ଟି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଇଟାଲି ୨୨ ରନ ମଧ୍ୟରେ ୩ ଉଇକେଟ ହରାଇଥିଲେ ହେଁ ୪ର୍ଥ ଉଇକେଟରେ ବେନ୍ ମାନେଣ୍ଟି ଓ ଜଷ୍ଟିନ ମୋସ୍କାଙ୍କ ୯୨ ରନର ଭାଗୀଦାରି ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଶେଷ ଭାଗରେ ଗ୍ରାଣ୍ଟ ଷ୍ଟିୱାର୍ଟ ଦୃଢ଼ ବ୍ୟାଟିଂକରି ଚ୍ୟାଲେଞ୍ଜ ଦେଇଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଦଳ ପକ୍ଷରୁ ମାନେଣ୍ଟି ସର୍ବାଧିକ ୬୦, ଷ୍ଟିୱାର୍ଟ ୪୫ ଓ ମୋସ୍କା ୪୩ ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମି ଓଭର୍ଟନ ଓ ସାମ୍ କୁରାନ ୩ଟି ଲେଖାଏ, ଜୋଫ୍ରା ଆର୍ଚର ୨ଟି ଏବଂ ୱିଲ ଜ୍ୟାକ୍ସ ଓ ଆଡିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ଇଂଲଣ୍ଡର ୱିଲ ଜ୍ୟାକ୍ସ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୨୦୨/୭ (ୱିଲ ଜ୍ୟାକ୍ସ-୫୩*, ଟମ୍ ବାଣ୍ଟନ-୩୦, ଗ୍ରାଣ୍ଟ ଷ୍ଟିୱାର୍ଟ -୨/୫୧, କ୍ରିଶନ କାଲୁଗାମାଗେ-୨/୪୧ ଏବଂ ଜେ.ଜେ. ସ୍ମୁଟ୍ସ-୧/୨୪, ଅଲୀ ହାସନ-୧/୩୭, ବେନ୍ ମାନେଣ୍ଟି-୧/୩୭)। ଇଟାଲି ୨ ଓଭରରେ ୧୭୮/ଅଲଆଉଟ (ବେନ୍ ମାନେଣ୍ଟି-୬୦, ଗ୍ରାଣ୍ଟ ଷ୍ଟିୱାର୍ଟ-୪୫, ଜଷ୍ଟିନ ମୋସ୍କା-୪୩, ଜେମି ଓଭର୍ଟନ-୩/୧୮, ସାମ୍ କୁରାନ-୩/୨୨, ଜୋଫ୍ରା ଆର୍ଚର-୨/୩୫, ୱିଲ ଜ୍ୟାକ୍ସ-୧/୩୪, ଆଡିଲ ରଶିଦ-୧/୪୩)।

## ଟି୨୦ ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | |
| ଭାରତ | ୩ | ୩ | ୦ | ୬ | +୩.୦୫୦ |
| ଆମେରିକା | ୪ | ୨ | ୨ | ୪ | +୦.୭୮୮ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୪୦୩ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୧.୩୫୨ |
| ନାମ୍ବିଆ | ୩ | ୦ | ୩ | ୦ | -୨.୪୪୩ |
| **ଗ୍ରୁପ୍ 'ବି'** | | | | | |
| ଶ୍ରୀଲଙ୍କା | ୨ | ୨ | ୦ | ୪ | +୩.୧୨୫ |
| ଜିମ୍ବାୱେ | ୨ | ୨ | ୦ | ୪ | +୧.୯୮୪ |
| ଅଷ୍ଟ୍ରେଲିଆ | ୨ | ୧ | ୧ | ୨ | +୧.୧୦୦ |
| ଆୟର୍ଲାଣ୍ଡ | ୩ | ୧ | ୨ | ୨ | +୦.୧୫୦ |
| ଓମାନ | ୩ | ୦ | ୩ | ୦ | -୪.୫୪୬ |
| **ଗ୍ରୁପ 'ସି'** | | | | | |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୬ | +୧.୮୨୦ |
| ଇଂଲଣ୍ଡ | ୪ | ୩ | ୧ | ୬ | +୦.୨୦୧ |
| ସ୍କଟଲାଣ୍ଡ | ୩ | ୧ | ୨ | ୨ | +୦.୩୫୯ |
| ଇଟାଲି | ୩ | ୧ | ୨ | ୨ | -୦.୫୮୮ |
| ନେପାଳ | ୩ | ୦ | ୩ | ୦ | -୧.୯୪୨ |
| **ଗ୍ରୁପ୍ 'ଡି'** | | | | | |
| ଦ.ଆଫ୍ରିକା | ୩ | ୩ | ୦ | ୬ | +୧.୪୭୭ |
| ନ୍ୟୁଜିଲାଣ୍ଡ | ୩ | ୨ | ୧ | ୪ | +୦.୭୦୧ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୨୧୫ |
| ୟୁଏଇ | ୩ | ୧ | ୨ | ୨ | -୦.୭୯୭ |
| କାନାଡ଼ା | ୨ | ୦ | ୨ | ୦ | -୧.୫୨୬ |

# ୟୁଏଇକୁ ହରାଇଲା ଆଫଗାନିସ୍ତାନ



ଉଇକେଟ ନେବାପରେ ଅଜମାତୁଲ୍ଲା ଓମାରଜାଇ।

**ନୂଆଦିଲ୍ଲୀ, ୧୬।୨ (ପି.ଟି.)**

ଅଜ୍‌ମାତୁଲ୍ଲାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହାୟତାରେ ଆଫଗାନିସ୍ତାନ ଏଠାରେ ସୋମବାର ଖେଳାଯାଇଥିବା ୟୁଏଇ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ୫ ଉଇକେଟରେ ବିଜୟ ଲାଭ କରିଛି। ଓମାରଜାଇ ୪ଉଇକେଟ ଅକ୍ତିଆର କରିବା ସହ ୪୦ ରନ କରି ଅପରାଜିତ ରହିଥିଲେ। ଏହି ବିଜୟ ଦ୍ୱାରା ଆଫଗାନିସ୍ତାନ ଟୁର୍ନାମେଣ୍ଟରେ ଏହାର ଖାତା ଖୋଲିଛି। ଗ୍ରୁପ୍ 'ଡି'ରୁ ସୁପର-୮କୁ ଉନ୍ନୀତ ହେବା ଲାଗି ଦଳର ସାମାନ୍ୟ ଆଶା ସଞ୍ଚାର କରିଛି। ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସହ ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଏହାପଛକୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଏବଂ ଆଫଗାନିସ୍ତାନ ତୃତୀୟ ସ୍ଥାନରେ ରହିଛି। ପରାଜିତ ହେବା ଦ୍ୱାରା ୟୁଏଇ ଚତୁର୍ଥ ସ୍ଥାନକୁ ଖସିଆସିଛି। ଓମାରଜାଇ ଲାଇନ୍ ଲେଙ୍ଥ୍ ବଜାୟ ରଖି ତାଙ୍କ ୪ ଓଭର ବୋଲିଂରେ ୧୫ରନ ବିନିମୟରେ ୪ଉଇକେଟ ନେଇଥିବା ବେଳେ ୟୁଏଇ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୧୬୦ ରନ କରିଥିଲା। ଦଳର ଟପ୍ ସ୍କୋରର ସୋହେବ ଖାନ୍ ୪୮ ବଲ୍‌ରୁ ୬୮ ରନ କରିଥିଲେ। ଜବାବରେ ଆଫଗାନିସ୍ତାନ ଆରମ୍ଭରୁ ଶୀଘ୍ର ଉଇକେଟମାନ ହରାଇ ବସିଥିଲା। ଫର୍ମରେ ଥିବା ରହମତୁଲ୍ଲା ଗୁର୍‌ବାଜ ବିନା କୌଣସି ରନ୍‌ରେ ଏବଂ ଗୁର୍‌ବାଜ ନାଇବ୍ ୧୩ ରନ କରି ପ୍ୟାଭିଲିନକୁ ଫେରିଥିଲେ। ପାୱାର ପ୍ଲେ ଶେଷ ବେଳକୁ ଦଳ ୨ଉଇକେଟରେ ୪୧ ରନ କରିଥିଲା। ଇବ୍ରାହିମ୍ ଜାଦ୍ରାନ ୪୧ ବଲ୍‌ରୁ ୫୩ ରନ କରିଥିଲେ। ସେ ୬ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ସେ ଆଉଟ ହୋଇଯିବା ପରେ ଡାରୱିସ ରସୁଲି (୩୩) ଓ ଓମାରଜାଇ ମିଳିତ ଭାବେ ଦଳର ଇନିଂସକୁ ଆଗେଇ ନେଇଥିଲେ। ଆଫଗାନିସ୍ତାନ ୧୯.୨ ଓଭରରେ ୫ଉଇକେଟ ବିନିମୟରେ ୧୬୨ ରନ କରି ମ୍ୟାଚ ଜିତି ନେଇଥିଲା।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**କାନାଡ଼ା ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: ଚେନ୍ନାଇ
ସମୟ: ପୂର୍ବାହ୍ନ ୧୧ଟା

**ଆୟର୍ଲାଣ୍ଡ ବନାମ ଜିମ୍ବାୱେ**
ସ୍ଥାନ: ପାଲିକେଲ
ସମୟ: ଅପରାହ୍ନ ୩ଟା

**ନେପାଳ ବନାମ ସ୍କଟଲାଣ୍ଡ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

ୟୁଏଇ: ୨୦ ଓଭରରେ ୧୬୦/୯ (ସୋହେବ ଖାନ୍-୬୮, ଆଲିଶାନ ଶାରାଫୁ-୪୦ ; ଅଜମାତୁଲ୍ଲା ଓମାରଜାଇ ୪/୧୫)। **ଆଫଗାନିସ୍ତାନ:** ୧୯.୨ ଓଭରରେ ୧୬୨/୫ (ଇବ୍ରାହିମ୍ ଜାଦ୍ରାନ-୫୩ ; ଅଜମାତୁଲ୍ଲା ଓମାରଜାଇ-୪୦* ; ମହମ୍ମଦ ଆର୍ଫାନ-୨/୩୦, ଜୁନେଦ ସିଦ୍ଦିକି-୨/୨୩)।

# ବରୋଦାକୁ ହରାଇଲା ଓଡ଼ିଶା

**କଟକ, ୧୬।୨ (କୁମାରଶ୍ରୀ)**

## ସିନିୟର ମହିଳା ଏକଦିବସୀୟ କ୍ରିକେଟ

### ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ଚଳିତ ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ରାଜକୋଟର ସନସୋରା କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ବରୋଦାକୁ ୨ ଉଇକେଟରେ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବରୋଦା ଇନିଂସ୍ ୨୨୫ରନରେ ସୀମିତ ରହିଥିଲା। ଜେ. ମୋହିତେ ସର୍ବାଧିକ ୫୦ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ୪ଟି, ନିବେଦିତା ଜନ ନାଏକ ଏବଂ ଜ୍ୟୋତି କେ. ପ୍ରସାଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରାରମ୍ଭିକ ଉଇକେଟ ପତନ ସତ୍ତ୍ୱେ ଅଧିନାୟିକା ସୁଶ୍ରୀ ୮୩ବଲରୁ ୭୮ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ୍ ଖେଳି ଓଡ଼ିଶାବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତରଣା ୧୧ବଲରୁ ୨୧ରନର ଅପରାଜିତ ଇନିଂସ ଖେଳି ଦଳକକୁ ବିଜୟୀ କରିଥିଲେ। ୪ର୍ଥ ବିଜୟ ସହ ୧୬ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ସମାନ ସଂଖ୍ୟକ ପଏଣ୍ଟ ପାଇ ଉତ୍ତରପ୍ରଦେଶ ୩ୟରେ ଥିବା ବେଳେ ମହାରାଷ୍ଟ୍ର ଏବଂ କର୍ନାଟକ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୮ ତାରିଖରେ ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶା ଶେଷ ଲିଗ୍ ମ୍ୟାଚ୍ ଖେଳିବ।



ସୁଶ୍ରୀ ଦିବ୍ୟଦର୍ଶିନୀ

# ହେଡ୍-ମାର୍ଶଙ୍କ ବିସ୍ଫୋରକ ବ୍ୟାଟିଂ

**ପାଲିକେଲ, ୧୬।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଟ୍ରାଭିସ ହେଡ୍ ଓ ଅଧିନାୟକ ମିଚେଲ ମାର୍ଶଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଶ୍ରୀଲଙ୍କା ଆଗରେ ୧୮୨ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ଶ୍ରୀଲଙ୍କା ରିପୋର୍ଟ ଲେଖା ହେବା ସୁଦ୍ଧା ୬ ଓଭରରେ ୧ ଉଇକେଟ ହରାଇ ୬୧ ରନ କରିଛି। ସୁପର-୮ ପର୍ଯ୍ୟାୟରେ ସ୍ଥାନ ପକ୍କା କରିବାକୁ ହେଲେ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହେଡ୍ ଓ ମାର୍ଶ ଆରମ୍ଭରୁ ଆଟାକିଂ ଶଟ୍ ଖେଳିଥିଲେ। ଦୁହେଁ ପ୍ରଥମ ୫ ଓଭରରେ ଦଳୀୟ ସ୍କୋରକୁ ବିନା କ୍ଷତିରେ ୫୦ ରନରେ ପହଞ୍ଚାଇଥିଲେ। ପାୱାରପ୍ଲେର ଅନ୍ତିମ ଓଭରରେ ମହିଶ ଥିକ୍ଷଣାଙ୍କୁ ମାର୍ଶ ଲଗାତର ୫ ଚୌକା ଲଗାଇଥିଲେ। ଦୁଇ ଓପନର ପ୍ରଥମ ଉଇକେଟ ଲାଗି ୧୦୩ ରନ ଯୋଡ଼ିଥିଲେ। ହେଡ୍ ୨୯ ବଲରେ ୫୬ (୭ ଚୌକା ଓ ୩ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଭଳି ଅଧିନାୟକ ମାର୍ଶ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୨୭ ବଲରେ ୮ ଚୌକା ଓ ୨ ଛକା ସହାୟତାରେ ୫୪ ରନ କରିଥିଲେ। ଦୁଇ ଓପନର ଆଉଟ୍ ହେବା ପରେ ଶ୍ରୀଲଙ୍କା ମ୍ୟାଚ୍‌କୁ ଫେରିଥିଲା। ଏହିଠାରୁ ଶ୍ରୀଲଙ୍କାର ବୋଲରମାନେ କ୍ରମାଗତ ବ୍ୟବଧାନରେ ଉଇକେଟ ନେଇଥିଲେ। ଶେଷ ଆଡ଼କୁ ଗ୍ଲେନ ମ୍ୟାକ୍ସୱେଲ ୨୨ (୧ ଲେଖାଏ ଚୌକା ଓ ଛକା) ଓ ଜୋଶ ଇଙ୍ଗଲିସ ୨୭ (୩ ଚୌକା) ରନ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ୨୦ ଓଭରରେ ହରାଇ ୧୮୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ଦୁଶାନ ହେମନ୍ତ ୩ ଓ ଦୁଶମନ୍ଥା ଚାମିରା ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୧/ଅଲଆଉଟ୍ (ଟ୍ରାଭିସ ହେଡ୍-୫୬, ମିଚେଲ ମାର୍ଶ-୫୪, ଜୋଶ ଇଙ୍ଗଲିସ, ଦୁଶାନ ହେମନ୍ତ-୩/୩୭, ଦୁସ୍ମନ୍ତ ଚାମିରା-୨/୩୫)।



ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଶଟ୍ ଖେଳିବା ଅବସରରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ